ଧରିତ୍ରୀ
DHARITRI

ବାଲେଶ୍ୱର, ମଙ୍ଗଳବାର, ମେ ୧୦/୨୦୨୨ (୧୪ ପୃଷ୍ଠା) | Balasore, Tuesday, May 10/2022 | Page 14 | ₹ 7.00 | ★★★★

୪୮ଶ ଭାଗ ୧୭୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




## ବୀରେନ୍ଦ୍ର ଉପଅଧିନାୟକ

ଜାକର୍ତ୍ତାରେ ହେବାକୁଥିବା ଏସିଆ କପ୍ ହକି ପାଇଁ ଓଡ଼ିଶାର ବୀରେନ୍ଦ୍ର ଲାକ୍ରା ଭାରତୀୟ ଦଳର ଉପଅଧିନାୟକ ମନୋନୀତ ହୋଇଛନ୍ତି।

୧୨

୧୦

## ବଢ଼ିଛି ଆତ୍ମବିଶ୍ୱାସ

ସୁପରହିଟ୍ ଚଳଚ୍ଚିତ୍ର 'ପୁଷ୍ପା'ର ଆଇଟମ୍ ସଙ୍ଗରେ କାମ କରିବା ପରେ ନିଜ ଆତ୍ମବିଶ୍ୱାସ ବଢ଼ିଥିବା ସାମନ୍ଥା ରୁଥ ପ୍ରଭୁ କହିଛନ୍ତି।



### ଏସିଡ୍ ଆକ୍ରମଣ ରାୟ

# ୨ ଦୋଷୀଙ୍କୁ ୧୪ ବର୍ଷ ଜେଲ



**ଜଗତ୍‌ସିଂହପୁର ଅଫିସ,୯।୫**

ବହୁ ଚର୍ଚ୍ଚିତ ପ୍ରମୋଦିନୀ ରାଉଳ ଏସିଡ୍ ଆକ୍ରମଣ ମାମଲାର ରାୟ ସୋମବାର ପ୍ରକାଶ ପାଇଛି। ଜଗତ୍‌ସିଂହପୁର ସହକାରୀ ଦୌରାଜଜ୍ ତଥା ମହିଳା କୋର୍ଟ ବିଚାରପତି ରଶ୍ମିତା ସାହୁ ୨ଜଣ ଦୋଷୀ ଭଦ୍ରକ ଜିଲା ଭଣ୍ଡାରିପୋଖରୀ ନିକଟ ଯୋରଗାଡ଼ିଆର ସନ୍ତୋଷ ବେଦାନ୍ତ ଓ ନୟାଗଡ଼ ଜିଲାର ଅନିଲ ଓରଫ ବିଶ୍ୱଜିତ୍ ଦଳସିଂହରାୟଙ୍କୁ ୧୪ ବର୍ଷ ଲେଖାଏ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୫ ହଜାର ଟଙ୍କା ଜରିମାନା ଓ ଅନାଦେୟ ହେଲେ ଅଧିକ ୯ ମାସ ଜେଲ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ପ୍ରମୋଦିନୀଙ୍କୁ କ୍ଷତିପୂରଣ ବାବଦରେ ଜିଲା ଆଇନସେବା ପ୍ରାଧିକରଣକୁ ଆର୍ଥିକ ସହାୟତା ଦେବା ପାଇଁ ନିର୍ଦ୍ଦେଶ ରହିଛି। କିନ୍ତୁ ରାୟରେ ପ୍ରମୋଦିନୀ ସନ୍ତୁଷ୍ଟ ନୁହନ୍ତି। ସେ ପ୍ରତିକ୍ରିୟାରେ କହିଛନ୍ତି, ପ୍ରତ୍ୟେକ ଦିନ ଯନ୍ତ୍ରଣା ସହ ଲଢୁଛନ୍ତି। ଏସିଡ୍ ଆକ୍ରମଣ ପରେ କେବଳ ଶରୀରର ବାହାର ଅଂଶ ନୁହେଁ, ଭିତରେ ଅନେକ କିଛି ପ୍ରଭାବିତ ହୋଇଛି। ଭଗବାନଙ୍କ ଆଶୀର୍ବାଦ

### ରାୟରେ ସନ୍ତୁଷ୍ଟ ନୁହେଁ, ହାଇକୋର୍ଟ ଯିବି: ପ୍ରମୋଦିନୀ

ଓ ମା'ଙ୍କ ସେବା ଯୋଗୁ ସେ ବଞ୍ଚି ଯାଇଛନ୍ତି। ହେଲେ ପ୍ରତି ୨ ମାସରେ ଶରୀର ଚେକଅପ୍ ପାଇଁ ଚେନ୍ନାଇ ଯାଉଛନ୍ତି। ପ୍ରତିଦିନ ଔଷଧ ସେବନ କରିବାକୁ ପଡୁଛି। କିନ୍ତୁ ଅଭିଯୁକ୍ତ ଦ୍ୱୟଙ୍କୁ ଯେଉଁ ଦଣ୍ଡ ମିଳିଛି ତାହା ସନ୍ତୋଷଜନକ ନୁହେଁ। ହେଲେ ସେ ରାୟକୁ ସମ୍ମାନ ଜଣାଉଛନ୍ତି। କାରଣ ଅନେକ ଏସିଡ୍ ପୀଡ଼ିତା ନିରାଶ ହୋଇ ପଡ଼ିଥିବା ବେଳେ ଏହି ରାୟ ସେମାନଙ୍କ ମନରେ ଆଶା ସଞ୍ଚାର କରିବ। ବାସ୍ତବରେ ୧୩ ବର୍ଷ ହେବ ସେ ଯେଉଁ ଯନ୍ତ୍ରଣାରେ ଛଟଛଟ ହେଉଛନ୍ତି ତାହା ଅବର୍ଣ୍ଣନୀୟ। ଏଥିପାଇଁ ସଂଗ୍ରାମ ଜାରି ରଖିଛନ୍ତି । ସେ ୨୦୨୧ ମାର୍ଚ୍ଚ ୧ରେ ସରୋଜ କୁମାର ସାହୁଙ୍କୁ ବିବାହ କଲା ପରେ ମନୋବଳ ବଢ଼ିଯାଇଛି। ନିଜ ସହ ଅନ୍ୟ ଏସିଡ୍ ପୀଡ଼ିତା ନିରାଶ ନ ହେବା ପାଇଁ ସେ କାମ କରୁଛନ୍ତି। କୋର୍ଟ ପରିସରରେ ଅଭିଯୁକ୍ତ ଦ୍ୱୟଙ୍କ ଚାଲିଚଳଣ ଓ ମୁଖ ମଣ୍ଡଳରୁ ଅନୁତାପର ଚିହ୍ନ ବାରି ହେଉନି। ତେଣୁ ସେମାନଙ୍କୁ ☞ପୃଷ୍ଠା-୪

# ଏଏସ୍ଆଇ ଅନୁମତି ଦେଇନି

**ପୁରୀ ଅଫିସ,୯।୫**

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ଲାଗି ରହିଥିବା ବିବାଦ ସୋମବାର ନୂଆ ମୋଡ଼ ନେଇଛି। ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ (ଏଏସ୍ଆଇ) ସଂସ୍ଥା ଅନୁମତି ଅନୁସାରେ ପ୍ରକଳ୍ପ କାର୍ଯ୍ୟ ଚାଲୁଥିବା ନେଇ ପ୍ରଶାସନ ଯେଉଁ ଦମ୍ଭ ବାଢୁଥିଲା, ତାହା ଏବେ ମିଥ୍ୟା ପ୍ରମାଣିତ ହୋଇଛି। ଏଏସ୍ଆଇ ପକ୍ଷରୁ ହାଇକୋର୍ଟରେ ସୋମବାର ଦାଖଲ କରାଯାଇଥିବା ସତ୍ୟପାଠରୁ ଏହା ଜଣାପଡ଼ିଛି। ଏଏସ୍ଆଇ ପକ୍ଷରୁ ପ୍ରକଳ୍ପ କାର୍ଯ୍ୟ ପାଇଁ ରାଜ୍ୟ ସରକାରଙ୍କୁ କୌଣସି ଅନୁମତି ଦିଆଯାଇନାହିଁ ବୋଲି ସତ୍ୟପାଠରେ ଉଲ୍ଲେଖ ରହିଛି। ସେହିପରି ବାରମ୍ବାର ଡିଜାଇନ୍ ପରିବର୍ତ୍ତନ କରାଯାଇଛି। ଖନନ ଦ୍ୱାରା ଐତିହ୍ୟ କୀର୍ତ୍ତିରାଜି ନଷ୍ଟ ହୋଇଥାଇପାରେ ବୋଲି ମଧ୍ୟ ସତ୍ୟପାଠରେ ଦର୍ଶାଯାଇଛି। ଏହାପରେ ଏଏସ୍ଆଇଠାରୁ ସେସମ୍ପର୍କରେ ହାଇକୋର୍ଟ ବିସ୍ତୃତ ରିପୋର୍ଟ ମାଗିଛନ୍ତି। ପ୍ରକଳ୍ପ ଯୋଗୁ ମନ୍ଦିରର କିଛି କ୍ଷତି ହୋଇଛି କି ନାହିଁ, ତାହା ବିସ୍ତୃତ ଭାବେ ଜଣାଇବାକୁ ଏଏସ୍ଆଇକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଜୁନ ୨୦ରେ ହେବ ବୋଲି ହାଇକୋର୍ଟ କହିଛନ୍ତି। ଏଏସ୍ଆଇର ଏଭଳି





### ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ମାମଲା

- ବାରମ୍ବାର ଡିଜାଇନ୍ ପରିବର୍ତ୍ତନ କରାଯାଇଛି
- ବିସ୍ତୃତ ତଥ୍ୟ ଦେବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ
- ଜୁନ୍ ୨୦ରେ ପରବର୍ତ୍ତୀ ଶୁଣାଣି
- ରହିତାଦେଶ ନ ମିଳିବାରୁ ଅସନ୍ତୋଷ

ସତ୍ୟପାଠ ପରେ ବିଭିନ୍ନ ମହଲ୍‌ରେ ଚର୍ଚ୍ଚା ଆରମ୍ଭ ହୋଇଛି। କାହାର ଅନୁମତିରେ ମନ୍ଦିରର ସୁରକ୍ଷାକୁ ଅଣଦେଖା କରି ପ୍ରଶାସନ ପ୍ରକଳ୍ପ କାର୍ଯ୍ୟ ଜାରି ରଖିଛି ତାକୁ ନେଇ ବିରାଟ ପ୍ରଶ୍ନ ଛିଡ଼ା ହୋଇଛି। ଏ ସଂକ୍ରାନ୍ତ ଜନସ୍ୱାର୍ଥ ମାମଲାର ଆବେଦନକାରୀ ଦିଲୀପ ବରାଳଙ୍କ ଓକିଲ ଅନୁପ ମହାପାତ୍ର କହିଛନ୍ତି, ପ୍ରକଳ୍ପ କାର୍ଯ୍ୟ ପାଇଁ ଏଏସ୍ଆଇ ପକ୍ଷରୁ ଅନୁମତି କିମ୍ବା ଏନ୍ଓସି ଦିଆଯାଇନାହିଁ। ଏଏସ୍ଆଇ ତରଫରୁ ଏପର୍ଯ୍ୟନ୍ତ ହାଇକୋର୍ଟରେ କୌଣସି ଦସ୍ତାବିଜ ମଧ୍ୟ ଦାଖଲ କରାଯାଇନାହିଁ। ଏଣୁ ନିର୍ମାଣ କାର୍ଯ୍ୟ ଏଏସ୍ଆଇ ଏବଂ ନ୍ୟାଶନାଲ୍ ମନୁମେଣ୍ଟ ଅଥରିଟି(ଏନ୍ଏମ୍ଏ)ର ବିନା ଅନୁମତିରେ ଚାଲିଥିବା ସ୍ପଷ୍ଟ ହେଉଛି। ସେହିପରି ଏନ୍ଏମ୍ଏକୁ ଦିଆଯାଇଥିବା ଡିଜାଇନ୍ ଏବଂ ବର୍ତ୍ତମାନର ଡିଜାଇନ୍ ମଧ୍ୟରେ ଭିନ୍ନତା ରହିଛି। ଶ୍ରୀମନ୍ଦିର ଚାରିପାଖରେ ହେଉଥିବା ନିର୍ମାଣ କାର୍ଯ୍ୟକୁ ଅନୁମତି ଦିଆଯାଇପାରିବ ନାହିଁ। ସଂରକ୍ଷିତ ସ୍ମାରକୀର ପ୍ରଥମ ଶହେ ମିଟରକୁ ନିଷିଦ୍ଧାଞ୍ଚଳ ଓ ପରବର୍ତ୍ତୀ ୨ଶହ ମିଟରକୁ ନିୟନ୍ତ୍ରିତ ଅଞ୍ଚଳ ଭାବେ ଚିହ୍ନିତ କରାଯାଇଥାଏ। ନିଷିଦ୍ଧାଞ୍ଚଳରେ ନିର୍ମାଣ କାର୍ଯ୍ୟ କରାଯାଇ ନ ଥାଏ। ନିୟନ୍ତ୍ରିତ ଅଞ୍ଚଳରେ ନିର୍ମାଣ କାର୍ଯ୍ୟ ଲାଗି ପ୍ରାଧିକୃତ କର୍ତ୍ତୃପକ୍ଷଙ୍କଠାରୁ ଅନୁମତି ଏବଂ ଅନୁମୋଦନର ଆବଶ୍ୟକତା ☞ପୃଷ୍ଠା-୪







## ଛାତ୍ରୀଛାତ୍ରଙ୍କ ଅଫ୍‌ଲାଇନ ଉପସ୍ଥାନ ବାଧ୍ୟତାମୂଳକ ନୁହେଁ

**ଭୁବନେଶ୍ୱର, ୯।୫(ବ୍ୟୁରୋ)**

ଏଣିକି ସ୍କୁଲରେ ଛାତ୍ରୀଛାତ୍ରଙ୍କ ଅଫ୍‌ଲାଇନ ଉପସ୍ଥାନ ବାଧ୍ୟତାମୂଳକ ନୁହେଁ। ଛାତ୍ରୀଛାତ୍ର ଚାହିଁଲେ ଅନ୍‌ଲାଇନ୍‌ରେ କ୍ଲାସ୍ କରିପାରିବେ। ରାଜ୍ୟରେ ଦୁଇଟି ହଷ୍ଟେଲରେ ଛାତ୍ରୀଛାତ୍ର କରୋନା ସଂକ୍ରମଣ ଚିହ୍ନଟ ହେବାପରେ ବିଭାଗ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ଯେଉଁ ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ ସ୍କୁଲ ଛାଡ଼ିବା ପାଇଁ ରାଜି ନୁହନ୍ତି, ସେମାନେ ପିଲାଙ୍କୁ ଅନ୍‌ଲାଇନ୍ ପାଠ ପଢ଼ିବା ପାଇଁ ସୁଯୋଗ ଦେଇପାରିବେ। ଏଥିପାଇଁ ଦୀକ୍ଷା ପୋର୍ଟାଲରେ ଶିକ୍ଷା ଗ୍ରହଣ କରିପାରିବେ ବୋଲି ସୂଚନା ଦିଆଯାଇଛି।




## ଶ୍ରୀଲଙ୍କା ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା

**କଲମ୍ବୋ,୯।୫**



ମହିନ୍ଦା ରାଜପାକ୍‌ସେ

ଶ୍ରୀଲଙ୍କାରେ ଆର୍ଥିକ ସଙ୍କଟକୁ ନେଇ ଦେଶବ୍ୟାପୀ ଆନ୍ଦୋଳନ ଜୋରଦାର ହୋଇଥିବାବେଳେ ସୋମବାର ପ୍ରଧାନମନ୍ତ୍ରୀ ପଦରୁ ମହିନ୍ଦା ରାଜପାକ୍‌ସେ ଇସ୍ତଫା ଦେଇଛନ୍ତି। ଫଳରେ ସେଠାରେ ନୂଆ କ୍ୟାବିନେଟ୍ ଗଠନ ପାଇଁ ପଥ ପରିଷ୍କାର ହୋଇଯାଇଛି। ସୋମବାର ରାଜଧାନୀ କଲମ୍ବୋରେ ଶାସକ ଓ ବିରୋଧୀ ରାଜନୈତିକ ଦଳର କର୍ମୀଙ୍କ ମଧ୍ୟରେ ସଂଘର୍ଷ ଘଟି ୭୬ ଜଣ ଆହତ ହୋଇଛନ୍ତି। ସଂଘର୍ଷରେ ଶାସକ ଦଳର ଜଣେ ଏମ୍‌ପି ନିହତ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ପ୍ରଧାନମନ୍ତ୍ରୀ ଗଲେ

# ଚାପରେ ଚେପା ତଦନ୍ତ ରିପୋର୍ଟ

## ରାମ୍‌କୋ ସିମେଣ୍ଟ କାରଖାନାର ଉତ୍କଟ ପ୍ରଦୂଷଣ ପ୍ରସଙ୍ଗ

**ଯାଜପୁର ଅଫିସ,୯।୫**



ଶିଳ୍ପ, କାରଖାନାରେ ଭରିଗଲାଣି ଯାଜପୁର ଜିଲାର କଳିଙ୍ଗନଗର ଓ ଜାରକା ଶିଳ୍ପାଞ୍ଚଳ। ଦ୍ରୁତ ଶିଳ୍ପାୟନ ଦ୍ୱାରା ସ୍ଥାନୀୟ ଯୁବତୀଯୁବକଙ୍କୁ ନିଯୁକ୍ତି ମିଳିବ ଏବଂ ବିକାଶ ଧାରା ସୃଷ୍ଟି ହେବ ବୋଲି ଯେଉଁ ଆଶା ରଖାଯାଇଥିଲା ତାହା ସମ୍ଭବ ହେଉନାହିଁ। ବରଂ ପ୍ରଦୂଷଣର ବିଷ ହିଁ ସମସ୍ତଙ୍କୁ ମିଳୁଛି। ସରକାର ଗୋଟିଏ ପଟେ ପ୍ରଦୂଷଣ ନିୟନ୍ତ୍ରଣ, ଜଙ୍ଗଲ ସୃଷ୍ଟି ପ୍ରତି ଗୁରୁତ୍ୱାରୋପ କରୁଥିବା ବେଳେ ଅନ୍ୟପଟେ ସରକାରୀ ଅଧିକାରୀମାନେ ଘରୋଇ କମ୍ପାନୀଗୁଡ଼ିକ ଦ୍ୱାରା ପରିବେଶ ବିପର୍ଯ୍ୟୟ ପ୍ରତି ଆଖିବୁଜି ଦେଉଛନ୍ତି। ପ୍ରଶାସନ, ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ଉକ୍ତ କମ୍ପାନୀଗୁଡ଼ିକ ଆଗରେ ହାତ ଟେକି ଦେଇଥିବା ମନେହେଉଛି। ସେଥିମଧ୍ୟରୁ ଧର୍ମଶାଳା ତହସିଲ ଅନ୍ତର୍ଗତ ହରିଦାସପୁରଠାରେ ପ୍ରତିଷ୍ଠିତ ରାମ୍‌କୋ ସିମେଣ୍ଟ ଦ୍ୱାରା ସୃଷ୍ଟ ପ୍ରଦୂଷଣ ଭାର ସୀମା ଟପିଛି। ଏଥିରେ ଭାରାକ୍ରାନ୍ତ ୧୦ ଗ୍ରାମର ବାସିନ୍ଦା ପରିବେଶଗତ ବିପର୍ଯ୍ୟୟକୁ ଆଉ ସମ୍ଭାଳିବା ସ୍ଥିତିରେ ନାହାନ୍ତି ବୋଲି କ୍ଷୋଭ ଜଣାଉଛନ୍ତି। ଅଞ୍ଚଳବାସୀଙ୍କ ଏହି ଅଭିଯୋଗ ଉପରେ ସବ୍‌ଡିଭିଜନାଲ ମାଜିଷ୍ଟ୍ରେଟ୍ ପଦକ୍ଷେପ ନେବା ପୂର୍ବରୁ ତାହାକୁ ଚପାଇଦିଆଯାଇଛି। ସମ୍ପ୍ରତି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି)ର ଆଞ୍ଚଳିକ କାର୍ଯ୍ୟାଳୟର ଏକ ସ୍ୱତନ୍ତ୍ର ଟିମ୍ ରାମ୍‌କୋ ସିମେଣ୍ଟର ପ୍ରଦୂଷଣ ଉପରେ ତଦନ୍ତ କରି ଏସ୍‌ପିସିବିକୁ ରିପୋର୍ଟ ଦେଇଥିଲେ ହେଁ ଏଯାଏ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

ରାମ୍‌କୋ ସିମେଣ୍ଟ କାରଖାନା ସଂଲଗ୍ନ ଶ୍ରୀବନ୍ତପୁର ଗ୍ରାମର ବିପିନ ବିହାରୀ ସେଠୀ ଓ ଶ୍ରୀକାନ୍ତ ପୃଷ୍ଟି, ଗୁଆରଙ୍ଗ ଗ୍ରାମର ଚୁନା ବାରିକ, ଥାନୁଆଳ ଗ୍ରାମର ☞ପୃଷ୍ଠା-୪

# ଅଶାନ୍ତ ସମୁଦ୍ରରୁ ୧୧ ମତ୍ସ୍ୟଜୀବୀଙ୍କୁ ଏୟାରଲିଫ୍ଟ

**ଗୋପାଳପୁର,୯।୫(ଡି.ଏନ.ଏ.)**

ବାତ୍ୟା 'ଅସାନି' ପ୍ରଭାବରେ ଅଶାନ୍ତ ଥିବା ସମୁଦ୍ର ମଧ୍ୟରେ ଫସି ରହିଥିବା ୧୧ ମତ୍ସ୍ୟଜୀବୀଙ୍କୁ ସୋମବାର ଏୟାରଲିଫ୍ଟ କରାଯାଇଛି। ଗଞ୍ଜାମ ଜିଲା ଗୋଳନ୍ଥରା ଥାନା ଅନ୍ତର୍ଗତ ସୁନାପୁର ନିକଟ ସମୁଦ୍ରରୁ କୋଷ୍ଟଗାର୍ଡ ହେଲିକପ୍ଟର ଦ୍ୱାରା ସେମାନେ ସୁରକ୍ଷିତ ଭାବେ ଉଦ୍ଧାର ହୋଇଛନ୍ତି। ଉଦ୍ଧାର ମତ୍ସ୍ୟଜୀବୀ ଡି. ଡମ୍ବରୁ, ଏ.ବଳରାମ,ଏସ୍.ତୁଳସେୟା, ଏସ୍.ଯୋଗେୟା, ବି.କେସରାଓ, ଡି.ସିମେୟା,ଏମ.ଭିମାରାଓ, ଏ.ଅନନ୍ତ, ଡ଼ି.ବାଲାଜୀ, ଇ.ଡମ୍ବରୁ ଓ ଏମ.ସୋମେୟା ଏମାନେ ପ୍ରଶାସନକୁ କୃତଜ୍ଞତା ଜଣାଇଛନ୍ତି।

ଗଞ୍ଜାମ ଜିଲା ରଙ୍ଗେଇଲୁଣ୍ଡା ବ୍ଲକ ଅନ୍ତର୍ଗତ ମାର୍କଣ୍ଡି ଗ୍ରାମର ୧୧ଜଣ ମତ୍ସ୍ୟଜୀବୀ ଗତ ରବିବାର ସକାଳେ ଜାଲ ଓ ଡଙ୍ଗା କିଣିବା ପାଇଁ ଆନ୍ଧ୍ରପ୍ରଦେଶ କାକିନାଡ଼ାକୁ ଯାଇଥିଲେ। ୧୧ ଲକ୍ଷ ଟଙ୍କାରେ ଜାଲ ଓ ଡଙ୍ଗା କିଣି ରବିବାର



ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହେଲିକପ୍ଟର

ରାତିରେ ସେମାନେ ସମୁଦ୍ରପଥ ଦେଇ ମୋଟର ଡଙ୍ଗାରେ ମାର୍କଣ୍ଡି ଅଭିମୁଖେ ଆସୁଥିଲେ। ସୋମବାର ପୂର୍ବାହ୍ନରେ ସୁନାପୁର ବେଳାଭୂମିଠାରୁ ପ୍ରାୟ ୪/୫ କି.ମି.ଦୂର ଗଭୀର ସମୁଦ୍ର ମଧ୍ୟରେ ହଠାତ୍ ଡଙ୍ଗାର ମୋଟର ପଙ୍ଖା ଭାଙ୍ଗି ଯାଇଥିଲା। ଫଳରେ ଡଙ୍ଗାଟି ବଡ଼ ଲହଡ଼ି କାଟି ଆସିପାରି ନ ଥିଲା। ତେଣୁ ମତ୍ସ୍ୟଜୀବୀମାନେ ନିରାଶ ହୋଇ ମୋବାଇଲ ଫୋନ ଯୋଗେ ଗାଁ ମୁଖିଆ ଓ ଗ୍ରାମବାସୀଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ଏପଟେ ବାତ୍ୟା ଲାଗି ସମୁଦ୍ର ଅଶାନ୍ତ ରହିଥିବା ବେଳେ ପ୍ରଶାସନିକ କଟକଣା ଯୋଗୁ ଗାଁରୁ ଅନ୍ୟ କେହି ମତ୍ସ୍ୟଜୀବୀ ସେମାନଙ୍କୁ

- କାକିନାଡ଼ାରୁ ଜାଲ କିଣି ଫେରୁଥିବା ବେଳେ ଫସିଲା ଡଙ୍ଗା
- ଭାସିଗଲା ୧୧ଲକ୍ଷର ଜାଲ, ଡଙ୍ଗା


ଉଦ୍ଧାର ପାଇଁ ସମୁଦ୍ର ମଧ୍ୟକୁ ସାହସ କରି ଯାଇ ନ ଥିଲେ। ଏ ନେଇ ଗ୍ରାମବାସୀ ପ୍ରଶାସନକୁ ଅବଗତ କରିଥିଲେ। ବ୍ରହ୍ମପୁର ଉପଜିଲାପାଳ ଭି. କୀର୍ତ୍ତିଭାସନ, ରଙ୍ଗେଇଲୁଣ୍ଡା ବିଡିଓ ପ୍ରସନ୍ନ କୁମାର ପାତ୍ର, ବ୍ରହ୍ମପୁର ସଦର ଏସ୍‌ଡିପିଓ ଶିବ ଶଙ୍କର ମହାପାତ୍ର, ଜିଲା ପରିଷଦ ଉପସଭାନେତ୍ରୀ ଏସ୍.ରାଜେଶ୍ୱରୀ ଦୋରା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଘଟଣା ସମ୍ପର୍କରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କୁ ଜଣାଇଥିଲେ। ଗଞ୍ଜାମ ଜିଲା ପ୍ରଶାସନଠାରୁ ଏହି ଖବର ପାଇବା ପରେ ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍ଆରସି) ପ୍ରଦୀପ ଜେନା କୋଷ୍ଟଗାର୍ଡ ସହ ଯୋଗାଯୋଗ କରିଥିଲେ। ☞ପୃଷ୍ଠା-୪

# ବାତ୍ୟା ପ୍ରଭାବ ନାହିଁ

**ଭୁବନେଶ୍ୱର, ୯।୫(ବ୍ୟୁରୋ)**

- ୨ ଦିନ ହାଲୁକା ବର୍ଷା
- ୧୪ରୁ ପୁଣି ପ୍ରଚଣ୍ଡ ତାତି

ବଙ୍ଗୋପସାଗରରେ ସୃଷ୍ଟ ବାତ୍ୟା 'ଅସାନି' ଭୟଙ୍କର ବାତ୍ୟାରେ ପରିଣତ ହୋଇଛି। ସୋମବାର ସନ୍ଧ୍ୟାସୁଦ୍ଧା ପୁରୀଠାରୁ ଦକ୍ଷିଣ ଦିଗରେ ଏହା ୫୯୦ କି.ମି. ଦୂର ଏବଂ ବିଶାଖାପାଟଣାଠାରୁ ୪୧୦ କି.ମି. ଦୂରରେ କେନ୍ଦ୍ରୀଭୂତ ହୋଇଛି। ଏହା ଘଣ୍ଟା ପ୍ରତି ୧୬ କିଲୋମିଟର ବେଗରେ ଉତ୍ତର-ପଶ୍ଚିମ ଦିଗରେ ଗତି କରୁଛି। ମଙ୍ଗଳବାର ସନ୍ଧ୍ୟା ପର୍ଯ୍ୟନ୍ତ ଏହା ଉତ୍ତର ପଶ୍ଚିମ ଦିଗ ଦେଇ ଗତିକରି ପଶ୍ଚିମ କେନ୍ଦ୍ରୀୟ ଏବଂ ଉତ୍ତର ପୂର୍ବ ବଙ୍ଗୋପସାଗର ଦେଇ ଉତ୍ତର ଆନ୍ଧ୍ରପ୍ରଦେଶ ଏବଂ ଓଡ଼ିଶା ଉପକୂଳକୁ ଅଗ୍ରସର ହେବ। ଏହାପରେ ବାତ୍ୟା ଦିଗ ପରିବର୍ତ୍ତନ କରି ଉତ୍ତର ପଶ୍ଚିମ ଓ ଓଡ଼ିଶା ଉପକୂଳ ଉତ୍ତର ପଶ୍ଚିମ ଦିଗକୁ ଗତି କରିବ। ଏହାର ୨୪ ଘଣ୍ଟା ପରେ ଏହା ଧୀରେ ଧୀରେ ଦୁର୍ବଳ ହୋଇ ଭୀଷଣ ବାତ୍ୟାରୁ ଏକ ବାତ୍ୟାର ରୂପ ନେବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ସୂଚନା ଦେଇଛି। ମୋଟାମୋଟି ଭାବେ ବାତ୍ୟାର ପ୍ରଭାବ ଓଡ଼ିଶା ଉପରେ ପଡ଼ିବ




ନାହିଁ। ସ୍ଥଳଭାଗ ନିକଟତର ହେବାବେଳକୁ ବଳ କମିଯାଇଥିବ। ଏହାର ପ୍ରଭାବରେ ଉପକୂଳ ଓଡ଼ିଶାର କେତେକ ସ୍ଥାନରେ ୨ ଦିନ ହାଲୁକା ବର୍ଷା ହେବ ବୋଲି ଅନୁମାନ କରାଯାଇଛି।

ଭାରତୀୟ ପାଣିପାଗ ବିଭାଗ(ଆଇଏମ୍‌ଡି) ଆକଳନ ଅନୁସାରେ, ବାତ୍ୟା ଉପକୂଳ ଅତିକ୍ରମ କରିବା ସମ୍ଭାବନା ନାହିଁ। ଆଇଏମ୍‌ଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ରଙ୍କ ସୂଚନା ଅନୁଯାୟୀ, ବାତ୍ୟା ☞ପୃଷ୍ଠା-୪

## ନାଗପୁରରେ ସିରିଜ୍ ବ୍ଲାଷ୍ଟ

ନାଗପୁର ମହାକାଳୀ ନଗର ବସ୍ତି ଅଞ୍ଚଳରେ ସୋମବାର ସକାଳ ସାଢେ ନଅଟାବେଳେ ସିରିଜ୍ ସିଲିଣ୍ଡର ବ୍ଲାଷ୍ଟ ହେବା ଫଳରେ ଶତାଧିକ କୁଡ଼ିଆ ଜାଳିଯାଇଛି। ପାଖାପାଖି ୧୫ଟି ଏଲ୍‌ପିଜି ଗ୍ୟାସ୍ ସିଲିଣ୍ଡର ଫାଟିବା ଫଳରେ ସ୍ଥାନୀୟ ଅଞ୍ଚଳରେ ବଡ଼ ଧରଣର ଅଗ୍ନିକାଣ୍ଡ ଘଟିଥିଲା। ଦୁର୍ଘଟଣାର ସୂଚନା ପାଇଁ ପୋଲିସ ଓ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଦୁର୍ଘଟଣାରେ ମୃତାହତଙ୍କୁ ନେଇ କୌଣସି ପ୍ରକାର ସୂଚନା ଗଣମାଧ୍ୟମର ହସ୍ତଗତ ହୋଇନାହିଁ।

## ସଂକ୍ଷେପରେ

### ଉଚ୍ଛେଦକୁ ବିରୋଧ କରି ଆତ୍ମଦାହ

**ଚେନ୍ନାଇ, ୯।୫:** ଚେନ୍ନାଇ ରାଜା ଅନ୍ନାମଲାଇ ପୁରମ୍‌ରେ ରବିବାର ଚାଲିଥିବା ଜବରଦଖଲ ଉଚ୍ଛେଦ ଅଭିଯାନକୁ ବିରୋଧ କରି ଜଣେ ୫୮ ବର୍ଷୀୟ ବ୍ୟକ୍ତି ଦେହରେ ନିଆଁ ଲଗାଇ ଦେଇଥିଲେ। ସୋମବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ରାଜ୍ୟ ସରକାର ମୃତକଙ୍କ ପରିବାର ପାଇଁ ୧୦ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ଘୋଷଣା କରିଛନ୍ତି। ଏହି ଘଟଣା ପରେ ଉଚ୍ଛେଦ ଅଭିଯାନକୁ ବନ୍ଦ କରିଦିଆଯାଇଛି। ବ୍ୟକ୍ତି ଜଣକ ବହୁବର୍ଷ ଧରି ବୁକିନଘାମ କେନାଲ ଅଞ୍ଚଳରେ ରହୁଥିଲେ। ଜବରଦଖଲ ଉଚ୍ଛେଦ ହେଲେ ତାଙ୍କ ପୁଅର ରୋଜଗାର ସାଙ୍ଗକୁ ନାତିର ପଢ଼ା ବାଧାପ୍ରାପ୍ତ ହେବା ନେଇ ସେ ଚିନ୍ତାରେ ଥିଲେ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ରାଜ୍ୟ ଜଳ ସମ୍ପଦ ବିଭାଗ ପକ୍ଷରୁ ଅନ୍ନାମଲାଇ ପୁରମରେ ଉଚ୍ଛେଦ ଅଭିଯାନ ଆରମ୍ଭ କରାଯାଇଥିଲା। ଉଚ୍ଛେଦ ପ୍ରକ୍ରିୟାରେ ପ୍ରଭାବିତ ପରିବାରକୁ ଘର ଯୋଗାଇ ଦିଆଯିବା ସହ ସେମାନଙ୍କ ପାଇଁ ନୂଆ ଆଇନ ଲାଗୁ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଷ୍ଟାଲିନ କହିଛନ୍ତି।

### ପୂଜା ସିଂଘଲଙ୍କୁ ଇଡି ସମନ



**ରାଞ୍ଚି,୯।୫:** ମନି ଲଣ୍ଡରିଂ ମାମଲାରେ ଝାଡଖଣ୍ଡ ଖଣି ସଚିବ ପୂଜା ସିଂଘଲଙ୍କୁ ସୋମବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳ (ଇଡି) ପକ୍ଷରୁ ସମନ ଜାରି କରାଯାଇଛି। ଜେରା ପାଇଁ ମଙ୍ଗଳବାର ଇଡି କାର୍ଯ୍ୟାଳୟରେ ହାଜର ହେବାଲାଗି ସମନରେ ଉଲ୍ଲେଖ କରାଯାଇଛି। ମନି ଲଣ୍ଡରିଂ ଅଭିଯୋଗ କ୍ରମେ ଆୟକର ବିଭାଗ ପୂଜାଙ୍କ ଘରେ ଚଢ଼ଉ କରିବା ସହ ନଗଦ ୧୭ କୋଟି ଟଙ୍କା ଜବତ କରିଥିଲା। ବର୍ତ୍ତମାନ ସୁଦ୍ଧା ପୂଜାଙ୍କ ନିକଟରୁ ୧୯.୩୧ କୋଟି ଟଙ୍କା ଜବତ କରାଯାଇଛି।

### ଅଭିନେତା ବିଜୟଙ୍କ ବିରୋଧରେ ଆରେଷ୍ଟ ୱାରେଣ୍ଟ

**ଥିରୁଭାନନ୍ତପୁରମ,୯।୫:** ମାଲୟାଲମ ଅଭିନେତା ବିଜୟ ବାବୁଙ୍କ ବିରୋଧରେ ଇରନାକୁଲମ କୋର୍ଟ ଆରେଷ୍ଟ ୱାରେଣ୍ଟ ଜାରି କରିଛି। ବିଜୟ ଏବେ ଫେରାର୍ ଥିବାବେଳେ ୱାରେଣ୍ଟ ପରେ ପୋଲିସ ତାଙ୍କୁ ଖୋଜିବା ଆରମ୍ଭ କରିଦେଇଛି। ସୂଚନାଯୋଗ୍ୟ ବିଜୟଙ୍କ ଫଟୋ ସମେତ ସମ୍ପୂର୍ଣ୍ଣ ମାମଲା ଅନ୍ତର୍ଜାତୀୟ ଆପରାଧିକ ପୋଲିସ ସଂଗଠନ ୱେବ୍ ସାଇଟ୍‌ରେ ମଧ ଜାରି କରାଯିବ। ବିଜୟଙ୍କ ବିରୋଧରେ ରେଡ କର୍ନର ନୋଟିସ୍ ମଧ ଜାରି କରାଯାଇଛି। ତେବେ ଏହି ନୋଟିସ ଦ୍ୱାରା ଦୁବାଇ ପୋଲିସ ବିଜୟଙ୍କୁ ଗିରଫ କରି କେରଳ ପୋଲିସକୁ ହସ୍ତାନ୍ତର କରିପାରିବ। ଗତ ଏପ୍ରିଲ ୨୨ ତାରିଖରେ ମାଲୟାଲମ ଫିଲ୍ମ ଜଗତର ଜଣେ ଅଭିନେତ୍ରୀ ବିଜୟଙ୍କ ବିରୋଧରେ ଯୌନ ଶୋଷଣ ଅଭିଯୋଗ ଆଣିଥିଲେ। ଅଭିନେତ୍ରୀଙ୍କ ଅଭିଯୋଗ କ୍ରମେ ବିଜୟ ଯୁବତୀ ଜଣଙ୍କୁ ଫିଲ୍ମରେ କାମ କରିବା ପାଇଁ ସୁଯୋଗ ଦେବାର ପ୍ରଲୋଭନ ଦେଖାଇଥିଲେ। ଏପ୍ରିଲ ୧୪ ଓ ୧୫ ତାରିଖ ଦୁଇଦିନ ଧରି ଯୁବତୀଙ୍କୁ ଶାରୀରିକ ଶୋଷଣ କରିଥିବା ଅଭିଯୋଗରେ ଉଲ୍ଲେଖ କରାଯାଇଛି।







୭୭ତମ ବିଜୟ ଦିବସ ପାଳନ ଅବସରରେ ମସ୍କୋରେ ଅନୁଷ୍ଠିତ ସେନା ପରେଡ୍‌ରେ ଯୋଗ ଦେଇଥିବା ରୁଷିଆ ଯୁଦ୍ଧ ଟ୍ୟାଙ୍କ୍ ଓ ସୈନ୍ୟମାନେ।

# ନିକଟରେ ଶେଷ ହୋଇ ନ ପାରେ ଯୁଦ୍ଧ

■ବିଜୟ ଦିବସରେ ପୁଟିନ୍‌ଙ୍କ ଉଦ୍‌ବୋଧନ

■ୟୁକ୍ରେନ୍ ଆକ୍ରମଣକୁ ଯଥାର୍ଥ କହିଲେ

**ମସ୍କୋ,୯।୫**

ଦ୍ୱିତୀୟ ବିଶ୍ୱଯୁଦ୍ଧରେ ନାଜି ଜର୍ମାନୀ ଉପରେ ସୋଭିଏଟ୍ ୟୁନିୟନ ବିଜୟର ୭୭ତମ ବାର୍ଷିକୀ ଅବସରରେ ସୋମବାର ରୁଷିଆ ବିଜୟ ଦିବସ ପାଳନ କରିଛି। ଏହି ଅବସରରେ ରେଡ୍ ସ୍କୋୟାରରେ ଅନୁଷ୍ଠିତ ବାର୍ଷିକ ବିଜୟ ଦିବସ ପରେଡ୍‌ରେ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଟେଲିଭିଜନ ଯୋଗେ ଉଦ୍‌ବୋଧନ ଦେଇ ମାତୃଭୂମିର ଭବିଷ୍ୟତ ପାଇଁ ରୁଷିଆ ସୈନ୍ୟ ୟୁକ୍ରେନ୍‌ରେ ଲଢୁଥିବା କହିଥିଲେ। ଏହି ଅବସରରେ ରୁଷିଆ ରାଷ୍ଟ୍ରପତି ୟୁକ୍ରେନ୍ ଉପରେ ଆକ୍ରମଣକୁ ଯଥାର୍ଥ ବୋଲି କହିଛନ୍ତି। ସେ ସୈନ୍ୟମାନଙ୍କୁ ସେମାନଙ୍କ ବୀରତ୍ୱ ପାଇଁ ଉଚ୍ଚ ପ୍ରଶଂସା କରିଛନ୍ତି। ସୀମିତ ବିଜୟ କିମ୍ବା ଆକ୍ରମଣ କେତେଦିନ ଯାଏ ଚାଲିବ ସେ ନେଇ ପୁଟିନ୍ କୌଣସି ଘୋଷଣା କରି ନ ଥିବାରୁ ନିକଟରେ ଯୁଦ୍ଧ ଶେଷ ହେବାର ସୂଚନା ମିଳୁନାହିଁ। ବିଜୟ ଦିବସରେ ପୁଟିନ୍ କୌଣସି ବଡ଼ ଘୋଷଣା କରିପାରନ୍ତି ବୋଲି ଚର୍ଚ୍ଚା ହେଉଥିବାବେଳେ ସେଭଳି କୌଣସି ଘୋଷଣା ହୋଇନାହିଁ। ସୁରକ୍ଷା ଦାବି ପ୍ରତ୍ୟାଖ୍ୟାନ ପାଇଁ ପୁଟିନ୍ ପାଶ୍ଚାତ୍ୟ ଦେଶ ଓ ନାଟୋକୁ ଦୋଷ ଦେଇଥିଲେ।

ୟୁକ୍ରେନ୍‌ରେ ରୁଷିଆ ଆକ୍ରମଣ ୧୦ ସପ୍ତାହ ଅତିକ୍ରମ କଲାଣି। ଏଥିରେ ଅନେକ ନିରୀହ ନାଗରିକଙ୍କ ଜୀବନ ଗଲାଣି। ୟୁକ୍ରେନ୍‌ର ପୂର୍ବାଞ୍ଚଳ ସହର ବିଲୋହୋରିଭ୍‌କାରେ ଥିବା ଏକ ସ୍କୁଲ୍ ଉପରେ ରୁଷିଆ ସୈନ୍ୟ ବୋମାମାଡ଼ କରିବାରୁ ୬୦ ଜଣ ପ୍ରାଣ ହରାଇଥିଲେ। ୟୁକ୍ରେନ୍ ଶାସକଙ୍କୁ ରୁଷିଆ ନେତା ଫାସିବାଦୀ କହିବା ସହ କିଭ୍‌ରେ ନିଓ-ନାଜିଙ୍କ ଦ୍ୱାରା ଗଣତାନ୍ତ୍ରିକ ସରକାର ଚାଲିଥିବା ମିଥ୍ୟା ଅଭିଯୋଗକୁ ଦୋହରାଇଥିଲେ। ଆମ ସାମରିକ ଭିତ୍ତିଭୂମି ପ୍ରତି ବିପଦ ସୃଷ୍ଟି ହେଉଥିଲା। ନାଟୋ ନିୟମିତ ଭାବେ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଯୋଗାଇଚାଲିଥିଲା। ତେଣୁ ୟୁକ୍ରେନ୍ ଉପରେ ସ୍ୱତନ୍ତ୍ର ସାମରିକ ଅଭିଯାନ ଜରୁରୀ ଥିଲା ଓ ଏକ ସାର୍ବଭୌମ, ଶକ୍ତିଶାଳୀ ଓ ସ୍ୱାଧୀନ ରାଷ୍ଟ୍ର ପାଇଁ ଏହା ଠିକ୍ ନିଷ୍ପତ୍ତି ବୋଲି ପୁଟିନ୍ କହିଛନ୍ତି।

ଗତବର୍ଷ ଡିସେମ୍ବରରେ ସୁରକ୍ଷା ଗ୍ୟାରେଣ୍ଟି ଚୁକ୍ତିନାମା ଉପରେ ସିଦ୍ଧାନ୍ତରେ ପହଞ୍ଚିବା ଲାଗି ପ୍ରସ୍ତାବ ଦିଆଯାଇଥିଲା। ସମସ୍ତଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଆଲୋଚନା ମାଧ୍ୟମରେ ଉଚିତ୍ ଆପୋସ ସମାଧାନରେ ପହଞ୍ଚିବା ଲାଗି ରୁଷିଆ ପାଶ୍ଚାତ୍ୟ ରାଷ୍ଟ୍ରଙ୍କୁ ଆହ୍ୱାନ ଦେଇଥିଲା। ତେବେ ସବୁ ଉଦ୍ୟମ ବିଫଳ ହୋଇଥିଲା ବୋଲି ପୁଟିନ୍ କହିଛନ୍ତି। ନାଟୋ ରାଷ୍ଟ୍ରଗୋଷ୍ଠୀ ଆମକୁ ଶୁଣିଲେ ନାହିଁ। ସେମାନଙ୍କ ଯୋଜନା ସମ୍ପୂର୍ଣ୍ଣ ଭିନ୍ନ ଥିଲା। କ୍ରିମିଆ ସମେତ ଡୋନ୍‌ବାସରେ ଆଉ ଏକ ଅଭିଯାନ ଲାଗି ସେମାନେ ଖୋଲାଖୋଲି ପ୍ରସ୍ତୁତି ଚଳାଇଛନ୍ତି। କିଭ୍‌ରେ ଅଣୁଅସ୍ତ୍ର ଦଖଲ ସମ୍ଭାବନା ସମ୍ପର୍କରେ ଘୋଷଣା କରି ନାଟୋ ଗୋଷ୍ଠୀ ଆମ ପଡୋଶୀ ଅଞ୍ଚଳ ଉପରେ ସାମରିକ ନିୟନ୍ତ୍ରଣ ଲାଗି କାମ ଆରମ୍ଭ କରିଥିଲା। ଏହା ଆଦୌ ଗ୍ରହଣୀୟ ନୁହେଁ ଓ ରୁଷିଆ ସୀମା ପ୍ରତି ସିଧାସଳଖ ବିପଦ ସୃଷ୍ଟି କରାଯାଇଥିଲା ବୋଲି ଏହାର ରାଷ୍ଟ୍ରପତି କହିଛନ୍ତି।

ଅନ୍ୟପକ୍ଷରେ ପୁଟିନ୍‌ଙ୍କ ଅଭିଯୋଗକୁ ୟୁକ୍ରେନ୍ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ପକ୍ଷରୁ ଖଣ୍ଡନ କରାଯାଇଛି। ନାଟୋ ରାଷ୍ଟ୍ରଗୋଷ୍ଠୀ ରୁଷିଆ ଆକ୍ରମଣ କରିବାର କୌଣସି ଯୋଜନା ନ ଥିବା ୟୁକ୍ରେନ୍ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟର ଅଧିକାରୀ ମିଖାଇଲୋ ପୋଡୋଲିଆକ୍ ଟୁଇଟ୍ କରିଛନ୍ତି। କ୍ରିମିଆ ଉପରେ ଆକ୍ରମଣ ଲାଗି ୟୁକ୍ରେନ୍ ଯୋଜନା କରି ନ ଥିବା ସେ କହିଛନ୍ତି। ବିଜୟ ଦିବସରେ ପୁଟିନ୍ ସ୍ୱତନ୍ତ୍ର ସାମରିକ ଅଭିଯାନ ପରିବର୍ତ୍ତେ ସମ୍ପୂର୍ଣ୍ଣ ଯୁଦ୍ଧ ଘୋଷଣା କରିପାରନ୍ତି ବୋଲି କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା। ଏହା ବଦଳରେ ସେ ୟୁକ୍ରେନ୍‌ରେ ମୃତାହତଙ୍କ ପରିବାରକୁ ସ୍ୱତନ୍ତ୍ର ସହାୟତା ଲାଗି ଏକ ନିର୍ଦ୍ଦେଶନାମାରେ ସ୍ୱାକ୍ଷର କରିଥିଲେ।



ବିଜୟ ଦିବସ ଅବସରରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର୍ ପୁଟିନ୍ ବରିଷ୍ଠ ସେନାଧିକାରୀଙ୍କୁ ଭେଟୁଛନ୍ତି।

## ଲଖିମ୍‌ପୁର ଖେରି ମାମଲା

### ୪ ଅଭିଯୁକ୍ତଙ୍କ ଜାମିନ ଆବେଦନ ଖାରଜ

**ଲକ୍ଷ୍ନୌ,୯।୫**

ଉତ୍ତରପ୍ରଦେଶର ଲଖିମପୁର ଖେରିରେ ଗତବର୍ଷ ଅକ୍ଟୋବରରେ ଆନ୍ଦୋଳନରତ ଚାଷୀଙ୍କ ଉପରେ ଗାଡ଼ି ମଡ଼ାଇ ୪ ଜଣଙ୍କୁ ହତ୍ୟା କରିବା ଓ ପରବର୍ତ୍ତୀ ହିଂସାରେ ଅନ୍ୟ ୪ ଜଣଙ୍କ ଜୀବନ ଯିବା ଘଟଣାରେ ୪ ମୁଖ୍ୟ ଅଭିଯୁକ୍ତଙ୍କ ଜାମିନ ଆବେଦନକୁ ସୋମବାର ଆଲ୍ଲାହାବାଦ ହାଇକୋର୍ଟର ଲକ୍ଷ୍ନୌ ବେଞ୍ଚ୍ ଖାରଜ କରିଦେଇଛନ୍ତି। ଅଭିଯୁକ୍ତମାନେ ହେଲେ ଅଙ୍କିତ୍ ଦାସ, ଲବକୁଶ, ସୁମିତ ଜୈଶ୍ୱାଲ ଏବଂ ଶିଶୁପାଳ। ଚାଷୀମାନଙ୍କୁ ଜିଲା ବାହାରକୁ ତଡ଼ିଦିଆଯିବ ବୋଲି ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ଅଜୟ ମିଶ୍ର ଧମକ ଦେଇ ନ ଥିଲେ ଏଭଳି ଘଟଣା ଘଟି ନ ଥାନ୍ତା ବୋଲି ଜଷ୍ଟିସ୍ ଡି.କେ. ସିଂଙ୍କ ଖଣ୍ଡପୀଠ କହିଥିଲେ। ଉଚ୍ଚ ପଦବୀରେ ଥିବା ରାଜନୈତିକ ବ୍ୟକ୍ତି ସେମାନଙ୍କ ଷ୍ଟାଟସ୍ ଓ ମର୍ଯ୍ୟାଦାକୁ ଚାହିଁ ଏଭଳି ଦାୟିତ୍ୱହୀନ ମନ୍ତବ୍ୟ ଦେବା ଉଚିତ୍ ନୁହେଁ। ଆଇନ ପ୍ରଣେତା ଆଇନ ଭଙ୍ଗକାରୀ ହୋଇପାରିବେ ନାହିଁ। ରାଜ୍ୟ ଉପମୁଖ୍ୟମନ୍ତ୍ରୀ ସିଆର୍‌ପିସିର ଧାରା ୧୪୪ର ବ୍ୟବସ୍ଥା ସମ୍ପର୍କରେ ଜାଣି ନ ଥିବା ବିଶ୍ୱାସ ହେଉନାହିଁ ବୋଲି ବିଚାରପତି କହିଛନ୍ତି। ମୁଖ୍ୟ ଅଭିଯୁକ୍ତ ଅଜୟ ମିଶ୍ରାଙ୍କ ପୁଅ ଆଶିଷ ମିଶ୍ରା ଓ ଅନ୍ୟମାନେ ପ୍ରଭାବଶାଳୀ ରାଜନୈତିକ ପରିବାରରୁ ଆସିଥିବାରୁ ସାକ୍ଷୀଙ୍କୁ ପ୍ରଭାବିତ କରିବା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ସେଥିପାଇଁ ସେମାନଙ୍କ ଜାମିନ ଆବେଦନ ଅଗ୍ରାହ୍ୟ କରାଗଲା ବୋଲି ଖଣ୍ଡପୀଠ କହିଛନ୍ତି।

## ଇଣ୍ଡିଗୋ ମାମଲା: ତଦନ୍ତ କରିବେ ସିନ୍ଧିଆ



**ନୂଆଦିଲ୍ଲୀ,୯।୫:** ରାଞ୍ଚି ବିମାନବନ୍ଦରରେ ଶନିବାର ଜଣେ ଭିନ୍ନକ୍ଷମ ନାବାଳକ ଯାତ୍ରୀଙ୍କୁ ଇଣ୍ଡିଗୋ ଏୟାରଲାଇନ୍ସ କର୍ତ୍ତୃପକ୍ଷ ବିମାନରେ ଚଢ଼ିବା ଲାଗି ଅନୁମତି ନ ଦେବା ଘଟଣା ସାମ୍ନାକୁ ଆସିବା ପରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ଏଭଳି ବ୍ୟବହାରକୁ ନିନ୍ଦା କରିଛନ୍ତି। ସେ ନିଜେ ଘଟଣାର ତଦନ୍ତ କରିବା ପରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ଟୁଇଟ୍ କରିଛନ୍ତି। ଏୟାରଲାଇନ୍ସ କର୍ତ୍ତୃପକ୍ଷଙ୍କ ଏଭଳି ବ୍ୟବହାରକୁ ବରଦାସ୍ତ କରାଯିବ ନାହିଁ। କୌଣସି ବ୍ୟକ୍ତିଙ୍କୁ ଏଭଳି ବ୍ୟବହାର କରାଯିବା ଉଚିତ ନୁହେଁ ବୋଲି ବିଭାଗୀୟ ମନ୍ତ୍ରୀ କହିଛନ୍ତି। ଅନ୍ୟପକ୍ଷରେ ଖରାପ ସ୍ଥିତିରେ ଯଥାସମ୍ଭବ ଉପଯୁକ୍ତ ନିଷ୍ପତ୍ତି ନିଆଯାଇଥିବା ଇଣ୍ଡିଗୋ କର୍ତ୍ତୃପକ୍ଷ ସୋମବାର କହିଛନ୍ତି। ଶନିବାର ଘଟିଥିବା ଉକ୍ତ ଘଟଣା ସମ୍ପର୍କରେ ଜଣେ ଯାତ୍ରୀ ରବିବାର ଫେସ୍‌ବୁକ୍‌ରେ ପୋଷ୍ଟ କରିବା ପରେ ଘଟଣା ସାମ୍ନାକୁ ଆସିଥିଲା। ଭିନ୍ନକ୍ଷମ ଶିଶୁ ଯାତ୍ରୀ ଜଣକ ଅନ୍ୟମାନଙ୍କ ପାଇଁ ସମସ୍ୟା ସୃଷ୍ଟି କରିବେ ଦର୍ଶାଇ ଇଣ୍ଡିଗୋ କର୍ମଚାରୀ ତାଙ୍କୁ ବିମାନରେ ଚଢ଼ିବାକୁ ଦେଇ ନ ଥିଲେ ବୋଲି ମନୀଷା ଗୁପ୍ତା ଫେସ୍‌ବୁକ୍‌ରେ ଉଲ୍ଲେଖ କରିଥିଲେ।

## ସୁପ୍ରିମକୋର୍ଟର ୨ ବିଚାରପତି ଶପଥ ନେଲେ

**ନୂଆଦିଲ୍ଲୀ,୯।୫(ପି.ଟି.)**

ସୁପ୍ରିମକୋର୍ଟର ନବନିଯୁକ୍ତି ୨ ବିଚାରପତି ଜଷ୍ଟିସ ସୁଧାଂଶୁ ଧୁଲିଆ ଏବଂ ଜାମସେଦ ବି ପର୍ଡିୱାଲା ସୋମବାର ଶପଥ ଗ୍ରହଣ କରିଛନ୍ତି। ସେମାନଙ୍କୁ ମିଶାଇ ସର୍ବୋଚ୍ଚ ଅଦାଲତର ବିଚାରପତି ସଂଖ୍ୟା ୩୪ରେ ପହଞ୍ଚିଛି। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଏନ୍.ଭି. ରମନା ସୁପ୍ରିମକୋର୍ଟ କମ୍ପ୍ଲେକ୍ସରେ ନବନିର୍ମିତ ଅଡିଟୋରିୟମରେ ଆୟୋଜିତ ଉତ୍ସବରେ ଜଷ୍ଟିସ୍ ଧୁଲିଆ ଏବଂ ଜଷ୍ଟିସ ପର୍ଡିୱାଲାଙ୍କୁ ଶପଥ ପାଠ କରାଇଥିଲେ। ସିଜେଆଇଙ୍କ ଅଧ୍ୟକ୍ଷତାରେ ସୁପ୍ରିମକୋର୍ଟ କଲେଜିୟମ ଦୁଇ ହାଇକୋର୍ଟ ବିଚାରପତିଙ୍କୁ ସର୍ବୋଚ୍ଚ ଅଦାଲତକୁ ପଦୋନ୍ନତି ଦେବା ଲାଗି ଆଇନ ମନ୍ତ୍ରଣାଳୟକୁ ସୁପାରିସ କରିଥିଲେ। ମନ୍ତ୍ରଣାଳୟର ଅନୁମୋଦନ କ୍ରମେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଗତ ଶନିବାର ସେମାନଙ୍କୁ ନିଯୁକ୍ତି ପ୍ରଦାନ କରିଥିଲେ। ସିଜେଆଇ ତାଙ୍କ ସଂକ୍ଷିପ୍ତ କାର୍ଯ୍ୟକାଳ ମଧ୍ୟରେ ସର୍ବୋଚ୍ଚ ଅଦାଲତର ୧୧ ଜଣ ବିଚାରପତିଙ୍କୁ ଶପଥ ପାଠ କରାଇ ଇତିହାସ ସୃଷ୍ଟି କରିଛନ୍ତି।



ସିଜେଆଇ ଜଷ୍ଟିସ୍ ଏନ୍.ଭି. ରମନା ବିଚାରପତି ସୁଧାଂଶୁ ଧୁଲିଆ ଏବଂ ଜାମସେଦ ବି ପର୍ଡିୱାଲାଙ୍କୁ ଶପଥ ପାଠ କରାଉଛନ୍ତି।

## ୫କୋଟିରେ ନିଲାମ ହେବ ଗାନ୍ଧିଜୀଙ୍କ ବ୍ୟକ୍ତିଗତ ଜିନିଷ

**ଲଣ୍ଡନ,୯।୫**

ଗାନ୍ଧିଜୀଙ୍କ ୭୦ଟି ବ୍ୟକ୍ତିଗତ ଜିନିଷ ପାଖାପାଖି ୫ କୋଟି ଟଙ୍କାରେ ବ୍ରିଟେନରେ ନିଲାମ ହେଉଛି। ଗାନ୍ଧିଜୀ ପ୍ରସ୍ତୁତ କରିଥିବା ପୋଷାକ, ହାତଲେଖା ଚିଠି ଏବଂ କଠଉ ସବୁଠାରୁ ଅଧିକ ଦାମରେ ନିଲାମ ହୋଇଥିବା ରିପୋର୍ଟ ପ୍ରକାଶ ପାଇଛି। ଅନ୍‌ଲାଇନ୍ ଜରିଆରେ ଇଷ୍ଟ ବ୍ରଷ୍ଟୋଲ ଅକ୍‌ସନ୍ ଲିମିଟେଡ ପକ୍ଷରୁ ଏହି ନିଲାମି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ମେ' ୨୧ରେ ଶେଷ ହେବ। ୨୦୨୦ରେ ଗାନ୍ଧିଜୀଙ୍କ ଚଷମା ୨୬୦,୦୦୦ ପାଉଣ୍ଡରେ ନିଲାମ ହୋଇଥିଲା। ଗାନ୍ଧିଜୀ ଜୀବିତ ଥିବା ବେଳର ଶେଷ ଫଟୋ ଏହି ନିଲାମ ପ୍ରକ୍ରିୟାରେ ସାମିଲ କରାଯାଇଛି। ଏହି ଫଟୋକୁ ଗାନ୍ଧୀଙ୍କ ବ୍ୟକ୍ତିଗତ ଡାକ୍ତର ୧୯୪୭ରେ ବିର୍ଲା ହାଉସ୍‌ଠାରେ ଉତ୍ତୋଳନ କରିଥିଲେ।

## ଶାହିନବାଗ୍‌ରେ ଉଚ୍ଛେଦକୁ ବିରୋଧ

### ଉତ୍ତେଜନା ପରେ ଫେରିଗଲା ବୁଲ୍‌ଡୋଜର

**ନୂଆଦିଲ୍ଲୀ,୯।୫(ପି.ଟି.)**

ଦିଲ୍ଲୀର ଶାହିନବାଗରେ ଏସ୍‌ଡିଏମ୍‌ସିର ଜବରଦଖଲ ଉଚ୍ଛେଦ ଅଭିଯାନକୁ ବିରୋଧ କରି ସୋମବାର ମହିଳାଙ୍କ ସମେତ ଶତାଧିକ ଲୋକେ ଆନ୍ଦୋଳନରେ ସାମିଲ ହେବା ପରେ ବୁଲ୍‌ଡୋଜର ସହ ପୋଲିସ ଓ ପ୍ରଶାସନିକ ଅଧିକାରୀମାନେ ଫେରିଯିବାକୁ ବାଧ ହୋଇଛନ୍ତି। ବିକ୍ଷୋଭକାରୀମାନେ ଭାଜପା ଶାସିତ ଦକ୍ଷିଣ ଦିଲ୍ଲୀ ମ୍ୟୁନିସିପାଲ କର୍ପୋରେଶନ (ଏସ୍‌ଡିଏମ୍‌ସି) ଏବଂ କେନ୍ଦ୍ର ସରକାରଙ୍କ ବିରୋଧରେ ସ୍ଲୋଗାନ ଦେବା ସହ ଉଚ୍ଛେଦ ବନ୍ଦ କରିବାକୁ ଦାବି କରିଥିଲେ। ଉଚ୍ଛେଦ ବନ୍ଦ କରିବାକୁ ମହିଳା ବିକ୍ଷୋଭକାରୀମାନେ ବୁଲ୍‌ଡୋଜର ଆଗରେ ଛିଡ଼ାହୋଇ ରହିଥିଲେ।

ଶାହିନବାଗ୍ ବଜାରରୁ ବେଆଇନ ଜବରଦଖଲ ଉଚ୍ଛେଦ କରିବାକୁ ସୋମବାର ପୂର୍ବାହ୍ନ ୧୦ଟା ୧୫ରେ ପୌର ଅଧିକାରୀମାନେ ପୋଲିସ ଓ ବୁଲ୍‌ଡୋଜର ସହ ସେଠାରେ ପହଞ୍ଚିଥିଲେ। କଂଗ୍ରେସ ସମର୍ଥକମାନେ ଏହାର ବିରୋଧ କରି ମେଶିନ୍ ଆଗରେ ବସିରହିଥିଲେ। ଆମ୍ ଆଦ୍‌ମୀ ପାର୍ଟିର ଓଖ୍‌ଲା ବିଧାୟକ ଅମନତୁଲ୍ଲା ଖାନ୍ ମଧ ଘଟଣାସ୍ଥଳରେ ପହଞ୍ଚି ଏଠାରେ କୌଣସି ବେଆଇନ ନିର୍ମାଣ ନାହିଁ ବୋଲି କହିଥିଲେ। ବିଧାୟକଙ୍କ ହସ୍ତକ୍ଷେପ ପରେ ବୁଲ୍‌ଡୋଜର ଫେରିଯାଇଥିଲା।

### ହସ୍ତକ୍ଷେପ କରିବାକୁ ମନାକଲେ ସୁପ୍ରିମକୋର୍ଟ

ଦିଲ୍ଲୀର ଶାହିନବାଗ୍ ଓ ଅନ୍ୟ ଅଞ୍ଚଳରେ ଉଚ୍ଛେଦକୁ ବିରୋଧ କରି ସିପିଆଇ(ଏମ୍) ପକ୍ଷରୁ ହୋଇଥିବା ଆବେଦନକୁ ଗ୍ରହଣ କରିବାକୁ ସୁପ୍ରିମକୋର୍ଟ ମନା କରିଦେଇଛନ୍ତି। ଏକ ରାଜନୈତିକ ଦଳ ଉଚ୍ଛେଦ ବିରୋଧରେ କୋର୍ଟଙ୍କ ଦ୍ୱାରସ୍ଥ ହେବାକୁ ଅଦାଲତ ଦୃଢ଼ ବିରୋଧ କରିଛନ୍ତି। ପିଟିଶନ ପ୍ରତ୍ୟାହାର କରିନେଇ ହାଇକୋର୍ଟରେ ଆବେଦନ କରିବାକୁ ଜଷ୍ଟିସ୍ ଏଲ୍. ନାଗେଶ୍ୱର ରାଓ ଏବଂ ବି.ଆର୍. ଗଭାଇଙ୍କ ଖଣ୍ଡପୀଠ ପରାମର୍ଶ ଦେଇଛନ୍ତି। କ୍ଷତିଗ୍ରସ୍ତ ପକ୍ଷ ଆବେଦନ କଲେ ଆମେ ହସ୍ତକ୍ଷେପ କରିବୁ ବୋଲି ସୁପ୍ରିମକୋର୍ଟ କହିଥିଲେ। ଉଚ୍ଛେଦ ଅଭିଯାନ ଉପରେ ଦୁଇଦିନ ସ୍ଥଗିତାଦେଶ ଲଗାଇବାକୁ ସିପିଏମ୍‌ର ଅନୁରୋଧକୁ ମଧ କୋର୍ଟ ପ୍ରତ୍ୟାଖ୍ୟାନ କରିଦେଇଥିଲେ। ପିଟିଶନ ପ୍ରତ୍ୟାହାର ନ କଲେ ତାହାକୁ ଖାରଜ କରିଦିଆଯିବ ବୋଲି ବିଚାରପତି କହିଥିଲେ।

## ଦେଶଦ୍ରୋହ ଆଇନର ପୁନର୍ବିଚାର କରିବ କେନ୍ଦ୍ର

### ସୁପ୍ରିମକୋର୍ଟରେ ସରକାରଙ୍କ ୟୁ-ଟର୍ନ

**ନୂଆଦିଲ୍ଲୀ,୯।୫**

ଦେଶଦ୍ରୋହ ଆଇନ ଯଥାର୍ଥ ଏବଂ ଏହାର ପୁନଃ ସମୀକ୍ଷା କରିବାର ଆବଶ୍ୟକତା ନାହିଁ ବୋଲି କେନ୍ଦ୍ର ସରକାର ଦୁଇଦିନ ପୂର୍ବରୁ ସୁପ୍ରିମକୋର୍ଟଙ୍କୁ ଜଣାଇଥିଲେ। ସୋମବାର ମତ ପରିବର୍ତ୍ତନ କରି ଉକ୍ତ ଆଇନ ବା ଆଇପିସିର ଧାରା ୧୨୪ଏ'ର ପୁନର୍ବିଚାର ଏବଂ ପୁନଃ ସମୀକ୍ଷା କରାଯିବ ବୋଲି ସରକାର ଅଦାଲତଙ୍କୁ ଜଣାଇଛନ୍ତି। ସରକାରଙ୍କ ପୁନଃସମୀକ୍ଷା କାର୍ଯ୍ୟ ଶେଷ ନ ହେବା ପର୍ଯ୍ୟନ୍ତ ପିଟିଶନଗୁଡ଼ିକର ଶୁଣାଣି ବନ୍ଦ ରଖିବାକୁ କେନ୍ଦ୍ର ପକ୍ଷରୁ ଏକ ସତ୍ୟପାଠ ଜରିଆରେ ଶୀର୍ଷ ଅଦାଲତଙ୍କୁ ଅନୁରୋଧ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ହସ୍ତକ୍ଷେପ ପରେ ସରକାର ମତ ବଦଳାଇଥିବା କୁହାଯାଉଛି।



କେନ୍ଦ୍ର ଦାଖଲ କରିଥିବା ସତ୍ୟପାଠରେ କୁହାଯାଇଛି, ସ୍ୱାଧୀନତାର ୭୫ ବର୍ଷ ଅବସରରେ ଆଜାଦି କା ଅମୃତ ମହୋତ୍ସବ ପାଳନ କରାଯାଉଥିବାବେଳେ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶ କ୍ରମେ ସରକାର ଧାରା ୧୨୪ଏ ବ୍ୟବସ୍ଥାର ପୁନର୍ବିଚାର କରିବା ଲାଗି ନିଷ୍ପତ୍ତି ନେଇଛନ୍ତି। ତେଣୁ ଏଡିଟର୍ସ ଗିଲ୍ଡ ଅଫ୍ ଇଣ୍ଡିଆ, ତୃଣମୂଳ କଂଗ୍ରେସ ଏମ୍‌ପି ମହୁଆ ମୈତ୍ର ଏବଂ ଅନ୍ୟମାନେ ଦାଖଲ କରିଥିବା ପିଟିଶନରେ ସମୟ ବ୍ୟୟ ନ କରି ସରକାରଙ୍କ ସମୀକ୍ଷାକୁ ଅପେକ୍ଷା କରିବା ଲାଗି ଅଦାଲତଙ୍କୁ ଅନୁରୋଧ କରାଯାଇଛି।

ସୂଚନାଯୋଗ୍ୟ, ଦେଶଦ୍ରୋହ ଆଇନର ବ୍ୟାପକ ଅପବ୍ୟବହାର ହେଉଥିବା ନେଇ ଅଭିଯୋଗ ହୋଇଆସୁଥିବାବେଳେ ବ୍ରିଟିଶ ଅମଳର ଏହି ବ୍ୟବସ୍ଥାକୁ କ'ଣ ପାଇଁ ଉଚ୍ଛେଦ କରା ନ ଯିବ ବୋଲି ଗତବର୍ଷ ଜୁଲାଇରେ ଶୀର୍ଷ ଅଦାଲତ କେନ୍ଦ୍ର ସରକାରଙ୍କୁ ପ୍ରଶ୍ନ କରିଥିଲେ। ଗତ ଶନିବାର ସରକାର ଉକ୍ତ ଆଇନ ସପକ୍ଷରେ ଯୁକ୍ତି ଦର୍ଶାଇବା ସହ ୧୯୬୨ରେ ସାମ୍ବିଧାନିକ ବେଞ୍ଚ ଏହାର ବୈଧତାକୁ କାଏମ ରଖିଥିବା କହିଥିଲେ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୧,୭୪,୨୪,୨୫୬ | ୬୨,୭୬,୯୦୫ | ୪୭,୨୨,୬୩,୭୫୬ |
| ଭାରତ | ୪,୩୧,୦୫,୪୦୧ | ୫,୨୪,୦୯୩ | ୪,୨୫,୬୦,୯୦୫ |
| ଓଡ଼ିଶା | ୧୨,୮୮,୨୧୦ | ୯୧୨୬(+୫୩) | ୧୨,୭୮,୮୭୭ |

ସୋମବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ହଜାରେ ଗଛ କାଟି ମୋରମ ଲୁଟ

## ବ୍ୟାସ ସରୋବରର ସୌନ୍ଦର୍ଯ୍ୟକରଣ
## ପୋଖରୀର ଗଭୀର, ଆୟତନରେ ସାଲିସ

ଯାଜପୁର ଅଫିସ,୯।୫

ଦୀର୍ଘ ବର୍ଷ ହେଲା ବିକାଶକୁ ଚାହିଁ ରହିଥିବା ବ୍ୟାସନଗର ପୌରାଞ୍ଚଳବାସୀ ପୌରାଣିକ କିମ୍ବଦନ୍ତୀ ବହନ କରୁଥିବା ବ୍ୟାସ ସରୋବରର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟକୁ ଅକୁଣ୍ଠରେ ସମର୍ଥନ କରିଛନ୍ତି। ଏହିକ୍ରମରେ ଗତ ପ୍ରାୟ ୭ ମାସ ହେବ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଛି। ଏଥିପାଇଁ ସରକାର ୬୪ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏନ୍‌ବିସିସି (ନ୍ୟାଶନାଲ ବିଲ୍ଡିଂ କନଷ୍ଟ୍ରକ୍ସନ କର୍ପୋରେଶନ) ଜରିଆରେ ଦିଲ୍ଲୀର ଠିକାସଂସ୍ଥା କ୍ରିଷ୍ଣା ବିଲ୍ଡର ଏହି କାର୍ଯ୍ୟ ସମ୍ପାଦିତ କରୁଛି। ହେଲେ ବିକାଶ ଆଳରେ ଅନୁଦାନର ସିଂହଭାଗ ଅର୍ଥ ମିଳିମିଶି ଲୁଟ ହେଉଥିବା ଅଭିଯୋଗ ହେଉଛି। ଏହି କାର୍ଯ୍ୟର ନିରୀକ୍ଷଣ ପାଇଁ କୌଣସି ଅଧିକାରୀ ଆସୁ ନ ଥିବାରୁ ପ୍ରକଳ୍ପର ଅଟକଳ ଓ ଡିଜାଇନକୁ ସମ୍ପୃକ୍ତ ଠିକାସଂସ୍ଥା ଅଣଦେଖା କରିଚାଲିଛି। ଏମିତି କି ପରିବେଶ ମଞ୍ଜୁରି, ଲଘୁ ଖଣିଜ ଦ୍ରବ୍ୟ ସଂଶୋଧନ ଆଇନ ଅନୁସାରେ କୌଣସି ଅନୁମତି ନ ନେଇ ବ୍ୟାସ ସରୋବରର ଜଗନ୍ନାଥ ମନ୍ଦିର ପଛ ପାର୍ଶ୍ୱରୁ ବିପୁଳ ପରିମାଣର ମୋରମ ଲୁଟ କରାଯାଉଛି। ଏଥିଯୋଗୁ ଜଙ୍ଗଲ ବିଭାଗ ପକ୍ଷରୁ ରୋପଣ ହୋଇଥିବା ପ୍ରାୟ ୧୦୦୦ରୁ ଊର୍ଦ୍ଧ୍ୱ ମୂଲ୍ୟବାନ ଗଛକୁ କାଟି ପିଙ୍ଗିଦିଆଯାଇଛି। ଲକ୍ଷାଧିକ ଟଙ୍କା ହାତଗୁଞ୍ଜା ନେଇ ଏହି କାର୍ଯ୍ୟରେ ଉଭୟ ଜଙ୍ଗଲ ଓ ରାଜସ୍ୱ ବିଭାଗର ସହଯୋଗ ରହିଥିବା ଅଭିଯୋଗ ହେଉଛି। ତେଣୁ ସମ୍ପୃକ୍ତ ଅଞ୍ଚଳବାସୀ ଯେତେଥର ରାଜସ୍ୱ କିମ୍ବା ଜଙ୍ଗଲ ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ ହେଁ କିଛି ସୁଫଳ ମିଳି ପାରିନାହିଁ।

ବ୍ୟାସ ସରୋବର ଏକ ବିସ୍ତୀର୍ଣ୍ଣ ଅଞ୍ଚଳ। ସେଥିରେ ଥିବା ସରୋବର ସ୍ଥାନ(ଯାହାକି ଏକ ପର୍ଯ୍ୟଟନସ୍ଥଳ)ର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଚାଲିଛି। ଏଥିରେ ବିପୁଳ ପରିମାଣର ମୋରମ ଆବଶ୍ୟକ। ଏହାର ସୁଯୋଗରେ ରାଜସ୍ୱ ବିଭାଗ ଅଧୀନରେ ଥିବା ବ୍ୟାସ ସରୋବର ଅନ୍ୟ ସମତଳ ଅଞ୍ଚଳରୁ ବେଆଇନ ଭାବେ ମୋରମ ଚାଲାଣ ହେଉଛି। ଫଳରେ ଏହି ପବିତ୍ରସ୍ଥଳୀ ଏବେ ଖାଲଖମା ହୋଇପଡ଼ିଛି। ଏପରିକି ସେଠାରେ ବାସ କରୁଥିବା ବିଭିନ୍ନ ସରୀସୃପ ମରି ପଡ଼ିଥିବା ଦେଖିବାକୁ ମିଳିଛି।



ବ୍ୟାସନଗର ତହସିଲ ପ୍ରଶାସନ ସମ୍ପୃକ୍ତ ଠିକାସଂସ୍ଥା ସହ ମିଶି ହାତବାନ୍ଧି ବସିଥିବାରୁ ଏହାର ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଲଘୁ ଖଣିଜ ସମ୍ପଦ ବାଲି, ଗ୍ରାନାଇଟ, ମୋରମ୍, ମାଟି ପ୍ରଭୃତିର ଉତ୍ତୋଳନ ପାଇଁ ସରକାର ଲଘୁ ଖଣିଜ ଦ୍ରବ୍ୟ ସଂଶୋଧନ ଆଇନ-୨୦୧୬ (ଓଏମ୍‌ଏମ୍‌ସିଏଆର୍) ଅନୁଯାୟୀ ବ୍ୟାସ ସରୋବରରେ ଗୋଟିଏ ବି ସୈରାତ କାହାରିକୁ ଲିଜ ସୂତ୍ରରେ ଦିଆଯାଇନାହିଁ। ମାଇନିଂ ପ୍ଲାନ, ପରିବେଶ ଓ ଜଙ୍ଗଲ ବିଭାଗର ଅନୁମୋଦନ ମଧ୍ୟ ନାହିଁ। ତେଣୁ ବ୍ୟାସ ସରୋବର ଅଞ୍ଚଳ ଅନ୍ତର୍ଗତ ଜଙ୍ଗଲ ପରିପୂର୍ଣ୍ଣ ଜମିରୁ କେଉଁ ଆଧାରରେ ମୋରମ ପରିବହନ ହୋଇଛି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟପକ୍ଷେ ଏହି ସରୋବରରେ ପରିବେଶ ସୁରକ୍ଷା ସହ ଅନେକ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କରିବାକୁ ନିଷ୍ପତ୍ତି ହୋଇଛି। ଏଥିରେ ପାର୍କ ସହ ମନ୍ଦିର, ଶିଶୁ ଉଦ୍ୟାନ, ବୋଟିଂ, ନର୍ସରୀ, ବ୍ୟାସଦେବ ମୂର୍ତ୍ତି, ହସ୍ତିନାପୁର, ଭଗବାନ ଶ୍ରୀକୃଷ୍ଣ, ପାଣ୍ଡବ ଓ କୌରବ, ଦ୍ରୌପଦୀ, ଚକ୍ରବ୍ୟୂହ, ମାଛଆଖି, ଭୀଷ୍ମଙ୍କ ଶରଶଯ୍ୟା, ବିଶ୍ୱରୂପ ଆଦି ନିର୍ମାଣ କରିବାକୁ ଯୋଜନା ରହିଛି। ହେଲେ ପାଚେରି ନିର୍ମାଣଠାରୁ ପୋଖରି ଖନନ ପର୍ଯ୍ୟନ୍ତ ଅଟକଳ ଓ ପ୍ଲାନ ଅନୁସାରେ ହେଉ ନ ଥିବା ମତପ୍ରକାଶ ପାଇଛି। ସରୋବର(ପୋଖରୀ) ଖନନରେ ଗଭୀର ଓ ଆୟତନ ପରିମାଣକୁ ବହୁ ହ୍ରାସ କରାଯାଇଛି। ଫଳରେ ବୋଟିଂ କରିବାରେ ସମସ୍ୟା ହେବ ବୋଲି କୁହାଯାଉଛି। ଏହାବାଦ ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର କରାଯାଉଛି। ପାଚେରି ନିର୍ମାଣରେ ଷ୍ଟିଲ୍ ସାମଗ୍ରୀ ଆବଶ୍ୟକତା ଅନୁସାରେ ଖଞ୍ଜା ଯାଉନାହିଁ। ବନ୍ୟା ସମୟରେ ଗଣ୍ଡାନାଳରୁ ସମଗ୍ର ବ୍ୟାସ ସରୋବର ଅଞ୍ଚଳ ଜଳମଗ୍ନ ହୋଇଥାଏ। ତେଣୁ ଅତି ନିମ୍ନମାନର ନିର୍ମାଣ ଯୋଗୁ ପାଚେରି ଦୀର୍ଘସ୍ଥାୟୀ ହେବା ଅନିଶ୍ଚିତ ବୋଲି ମତପ୍ରକାଶ ପାଇଛି।

ଏ ସଂକ୍ରାନ୍ତରେ ବ୍ୟାସନଗର ତହସିଲଦାର ଅଶୋକ କୁମାର ମାଝୀଙ୍କୁ ପଚାରିବାରେ ସେ କହିଛନ୍ତି, ମୋରମ ଖନନ ଅଞ୍ଚଳକୁ ପରିଦର୍ଶନରେ ଯିବେ। ଯଦିବେଆଇନ ଖନନ ହେଉଛି ତେବେ ଆଇନ ଅନୁସାରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ।

## ସଂକ୍ଷେପରେ

### ଏଥର ବାର୍ଦ୍ଧକ୍ୟ ଭତ୍ତା ସହିତ ଶହେ ଟଙ୍କାର ଗ୍ରୀଷ୍ମକାଳୀନ ସହାୟତା

**ଭୁବନେଶ୍ୱର,୯।୫(ବ୍ୟୁରୋ):** ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ଓ ମଧୁବାବୁ ପେନ୍‌ସନ୍ ଯୋଜନାରେ ବାର୍ଦ୍ଧକ୍ୟ, ବିଧବା, ଭିନ୍ନକ୍ଷମ ଓ ଅନ୍ୟାନ୍ୟ ବର୍ଗରେ ଭତ୍ତା ପାଉଥିବା ହିତାଧିକାରୀମାନଙ୍କୁ ଗ୍ରୀଷ୍ମକାଳୀନ ସହାୟତା ସ୍ୱରୂପ ଅତିରିକ୍ତ ୧୦୦ ଟଙ୍କା ଲେଖାଏ ପ୍ରଦାନ କରିବାକୁ ରାଜ୍ୟ ସରକାର ସୋମବାର ନିଷ୍ପତ୍ତି ନେଇଛନ୍ତି। ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ଅନ୍ତର୍ଗତ ଭତ୍ତା ହିତାଧିକାରୀମାନେ ଏହି ସହାୟତା ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ସିଧାସଳଖ ପାଇବାକୁ ଥିବାବେଳେ ମଧୁବାବୁ ପେନ୍‌ସନ୍ ଯୋଜନାରେ ଭତ୍ତା ପାଉଥିବା ହିତାଧିକାରୀମାନଙ୍କୁ ଗ୍ରୀଷ୍ମକାଳୀନ ସହାୟତା ବାବଦରେ ଅତିରିକ୍ତ ୧୦୦ ଟଙ୍କା ଚଳିତ ମାସ ୧୫ ତାରିଖ ଦିନ ସେମାନଙ୍କ ନିୟମିତ ଭତ୍ତା ସହିତ ପ୍ରଦାନ କରାଯିବ ବୋଲି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ କମିଶନର ତଥା ଶାସନ ସଚିବ ଭାସ୍କରଜ୍ୟୋତି ଶର୍ମା ପ୍ରକାଶ କରିଛନ୍ତି।

### ବିଚାରାଧୀନ କଏଦୀଙ୍କ ମୃତ୍ୟୁ

**ବାରିପଦା ଅଫିସ,୯।୫:** ମୟୂରଭଞ୍ଜ ଜିଲା ବାରିପଦା ମଣ୍ଡଳ କାରାଗାରରେ ସୋମବାର ଜଣେ ବିଚାରାଧିନ କଏଦୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବେତନଟୀ ଥାନା ଅଧୀନ ନୂଆତରଣୀ ଗ୍ରାମର ରାଜେଶ ସିଂ। ଗତ ୨ତାରିଖରେ ଏକ ଚୋରି ମାମଲାରେ ରାଜେଶ ବାରିପଦା ଜେଲକୁ ଆସିଥିଲେ। ୬ତାରିଖରେ ହଠାତ ଶରୀର ଅସୁସ୍ଥ ହେବାରୁ ତାଙ୍କୁ ବାରିପଦା ପିଆରଏମ ମେଡିକାଲ ଓ କଲେଜରେ ଭର୍ତ୍ତି କରି ଚିକିତ୍ସା ଜାରି ରହିଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ମୃତ୍ୟୁର କାରଣ ସ୍ପଷ୍ଟ ଭାବେ ଜଣାପଡୁନଥିବା ବେଳେ ଲିଭର ଜନିତ ରୋଗରେ ଆକ୍ରାନ୍ତ ଥିବା ନେଇ ବାରିପଦା ମଣ୍ଡଳ କାରାଗାରର ଜେଲର ମଧୁସ୍ମିତା ସେଠୀ ପ୍ରକାଶ କରିଛନ୍ତି।

### ଭୁବନେଶ୍ୱରରୁ ବିଶାଖାପାଟଣାକୁ ଉଡ଼ିବ ବିମାନ

**ଭୁବନେଶ୍ୱର, ୯।୫(ବ୍ୟୁରୋ):** ଭୁବନେଶ୍ୱରରୁ ଭାୟା ଜୟପୁର ଦେଇ ବିଶାଖାପାଟଣାକୁ ବିମାନ ଚଳାଚଳ ହେବ। ଏ ନେଇ ବିଜୁ ପଟ୍ଟନାୟକ ବିମାନବନ୍ଦର ନିର୍ଦ୍ଦେଶକ ପ୍ରଭାତ ରଞ୍ଜନ ବେଉରା ସୂଚନା ଦେଇଛନ୍ତି। ସେ କହିଛନ୍ତି, ୯ ସିଟ୍ ବିଶିଷ୍ଟ ବିମାନରେ ଯାତ୍ରୀମାନେ ଯାତ୍ରା କରିବେ। ପ୍ରାଥମିକ ପର୍ଯ୍ୟାୟରେ ବିଡିଂରେ ଇଣ୍ଡିଆନ ଏୟାରଲାଇନ୍ସ ସାମିଲ ହୋଇଛି। ଏଥିପାଇଁ ଶେଷ ପର୍ଯ୍ୟାୟରେ ପ୍ରସ୍ତୁତି ପହଞ୍ଚିଥିବାବେଳେ ଡିଜିସିଏର ଲାଇସେନ୍ସକୁ ଅପେକ୍ଷା କରାଯାଇଛି। ଲାଇସେନ୍ସ ମିଳିଲେ ଖୁବ୍‌ଶୀଘ୍ର ବିମାନ ଉଡ଼ିବ ବୋଲି ବିମାନବନ୍ଦର ନିର୍ଦ୍ଦେଶକ କହିଛନ୍ତି। ଅନ୍ୟପକ୍ଷରେ ବାତ୍ୟା ସଂକ୍ରାନ୍ତରେ ସେ କହିଛନ୍ତି, ଏନେଇ ସତର୍କ ରହିଛୁ। ପାଣିପାଗ ବିଭାଗର ଯୋଗାଯୋଗରେ ରହିଛୁ। ବିମାନବନ୍ଦରର ଏସ୍‌ଓପି ଅନୁଯାୟୀ ଆଗାମୀ ପଦକ୍ଷେପ ନିଆଯିବ।

# ଶାଶୁଘର ଆଗରେ ଦୁଇ ବୋହୂଙ୍କ ଧାରଣା



ଧାରଣାରତ ଦୁଇ ଯାଆ।

ବ୍ରହ୍ମପୁର ଅଫିସ,୯।୫

ବହୁଚର୍ଚ୍ଚିତ ତପସ୍ୱିନୀ ଦାସ ଓ ଡା. ସୁମିତ ସାହୁଙ୍କ ପାରିବାରିକ ବିବାଦ ପରେ ଏବେ ପୁଣିଥରେ ବ୍ରହ୍ମପୁରରେ ଦୁଇ ବୋହୂ ତାଙ୍କ ଶାଶୁଘର ଆଗରେ ସୋମବାର ଧାରଣାରେ ବସିଛନ୍ତି। ସେମାନେ ହେଲେ ରଶ୍ମି ବେହେରା ଓ ସସ୍ମିତା ବେହେରା ଏବଂ ସେମାନଙ୍କ ଦୁଇ ଶିଶୁ। ଏମାନେ ଦୁଇ ଭଉଣୀ, ଦୁଇ ଯାଆ ହୋଇଛନ୍ତି। ଉଭୟ ଶାଶୁଘର ଲୋକଙ୍କ ବିରୋଧରେ ଆଣିଛନ୍ତି ନିର୍ଯାତନା ଅଭିଯୋଗ। ବ୍ରହ୍ମପୁର ମାର୍ଥାସାହିରେ ଘଟିଥିବା ଏହି ପାରିବାରିକ ଡ୍ରାମା ଏବେ ଚର୍ଚ୍ଚାର ବିଷୟ ହୋଇଛି। ଏମାନେ ହେଲେ ଚିଣ୍ଟୁ ବେହେରାଙ୍କ ସ୍ତ୍ରୀ ରଶ୍ମି ଓ ଶ୍ରୀକାନ୍ତ ବେହେରାଙ୍କ ସ୍ତ୍ରୀ ସସ୍ମିତା।

ପ୍ରକାଶ ଯେ, ରଶ୍ମି ଓ ସସ୍ମିତାଙ୍କୁ ବିଭିନ୍ନ ସମୟରେ ତାଙ୍କ ଶାଶୁ ନିର୍ଯାତନା ଦେଉଛନ୍ତି। ଏପରି କି ଗତ ରାତିରେ ସ୍ୱାମୀ ମଧ୍ୟ ମାଡ଼ ମାରିଥିଲେ। ରାତି ତମାମ ବାଡ଼େଇବା

### ନିର୍ଯାତନା ଅଭିଯୋଗ

ପରେ ସୋମବାର ସକାଳୁ ଶାଶୁ ଘରୁ ବାହାର କରି ଦେଇଥିବା ଏବଂ ଝିଅଙ୍କ କଥାରେ ଆମକୁ ନିର୍ଯାତନା ଦେଉଥିବା ବୋହୂ ଦ୍ୱୟ ଅଭିଯୋଗ କରିଛନ୍ତି। ରବିବାର ସସ୍ମିତାଙ୍କ ପୁଅ ଖଣ୍ଡେ ମାଛ ଖାଇଦେବାରୁ ଏଥିରେ ଉତ୍କ୍ଷିପ୍ତ ହୋଇ ଶାଶୁ ରାଗ ଶୁଝାଇଛନ୍ତି। ସେହିପରି ରଶ୍ମି ଝିଅ ଜନ୍ମ କରିଥିବାରୁ ନିର୍ଯାତନା ଦିଆଯାଉଛି। ସସ୍ମିତା ପୁଅ ଜନ୍ମ କରିଥିଲେ ମଧ୍ୟ ତାଙ୍କୁ ଯୌତୁକ ପାଇଁ ମାଡ଼ ମରାଯାଉଥିବା ଅଭିଯୋଗ ହୋଇଛି। ଫଳରେ ଆମେ ଦୁଇ ଯାଆ ଏବେ ନିରାଶ୍ରୟ ହୋଇପଡ଼ିଛୁ ବୋଲି ସେମାନେ କହିଛନ୍ତି।

ଅନ୍ୟପକ୍ଷରେ ଶାଶୁ ଦୁଇ ବୋହୂଙ୍କ ସମସ୍ତ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସନ୍ଧ୍ୟାରେ ଧାରଣାରେ ବସିଥିବା ଦୁଇ ଯାଆ ବ୍ରହ୍ମପୁର ମହିଳା ଥାନାରେ ଅଭିଯୋଗ କରିବା ପରେ ପୁଣିଥରେ ଧାରଣାରେ ବସିଛନ୍ତି।

# ଓଡ଼ିଶାରେ ହେବ ବନ୍ୟ ରେଶମ ପ୍ରକଳ୍ପ

ଭୁବନେଶ୍ୱର,୯।୫(ବ୍ୟୁରୋ)

ଓଡ଼ିଶାରେ ଆରମ୍ଭ ହେବ ବନ୍ୟ ରେଶମ ଉନ୍ନୟନ ପ୍ରକଳ୍ପ। ଏଥିପାଇଁ ସୋମବାର ରାଜ୍ୟ ଅତିଥି ଭବନଠାରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଏବଂ ବାଙ୍ଗାଲୋରସ୍ଥିତ କେନ୍ଦ୍ରୀୟ ସିଲ୍‌କ ବୋର୍ଡ ମଧ୍ୟରେ ଏକ ତ୍ରିପାକ୍ଷିକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ପ୍ରସ୍ତାବିତ ଏହି ପ୍ରକଳ୍ପ ଦ୍ୱାରା ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ରହୁଥିବା ଗ୍ରାମବାସୀ ଓ ଜଙ୍ଗଲ ଉପରେ ନିର୍ଭରଶୀଳ ଅଧିବାସୀଙ୍କ ପାଇଁ ବନ ସଂରକ୍ଷଣ ସମିତି ଜରିଆରେ ପୋଷଣୀୟ ଜୀବନଜୀବିକା ଉପଲବ୍ଧ ହେବ। ରେଶମ ଖୋଷା ଉତ୍ପାଦନ ବୃଦ୍ଧି ପାଇଁ ଟସର ପୋକଙ୍କ ଲାଗି ଖାଦ୍ୟ ଆବଶ୍ୟକ ମେଣ୍ଟାଇବାକୁ ବନ ବିଭାଗ ପକ୍ଷରୁ ଗ୍ରାମାଞ୍ଚଳ ଓ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଅସନ ଓ ଅର୍ଜ୍ଜୁନ ଗଛ ବହୁଳ ଭାବେ ଲଗାଯିବ। ଚଳିତବର୍ଷ ଆଠମଲ୍ଲିକ, ଢେଙ୍କାନାଳ, କଟକ, ବୌଦ୍ଧ, ବରଗଡ଼, ସୁନ୍ଦରଗଡ଼, ବଣାଇ, ଦେବଗଡ଼, କେନ୍ଦୁଝର, ବାରିପଦା, ରାଇରଙ୍ଗପୁର, ବଲାଙ୍ଗୀର, ଖରିଆଳ, ରାୟଗଡ଼ା, କୋରାପୁଟ, ଜୟପୁର, ନବରଙ୍ଗପୁର ଏବଂ ମାଲକାନଗିରି ଆଦି ୧୮ ବନଖଣ୍ଡରେ ଏହି ବନ୍ୟ ରେଶମ ପ୍ରକଳ୍ପ କାର୍ଯ୍ୟକାରୀ ହେବ। ଏହି ପ୍ରକଳ୍ପ ଦ୍ୱାରା ମହିଳା ସଶକ୍ତୀକରଣ ସହିତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଜରିଆରେ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ହସ୍ତତନ୍ତ ବିଭାଗର ସେରିକଲଚର ଶାଖା ପକ୍ଷରୁ ଆଞ୍ଚଳିକ ସ୍ତରରେ ଟସର ବନୀକରଣ ନିମନ୍ତେ ବୈଷୟିକ ପରାମର୍ଶ ଦିଆଯିବ। ଉତ୍ପାଦିତ ଟସର ଖୋଷା ବା କୁକୁନ୍‌କୁ ୫୯ ପ୍ରାଥମିକ ଟସର ପାଳନ ସମବାୟ ସମିତି ଓ ସେରିଫେଡ୍ ମାଧ୍ୟମରେ ବିପଣନ କରାଯିବ। ପ୍ରାଥମିକ ସ୍ତରରେ ବନ ସୁରକ୍ଷା ସମିତି ସଦସ୍ୟଙ୍କୁ ନିକଟସ୍ଥ ଟସର ସିଲ୍‌କ ପାର୍କ ସହିତ ଟ୍ୟାଗ୍ କରାଯିବ। କ୍ରମଶଃ ଖୋଷାର ମୂଲ୍ୟଯୁକ୍ତ ଉତ୍ପାଦ ପ୍ରସ୍ତୁତ କରାଯିବ। କେନ୍ଦ୍ରୀୟ ସିଲ୍‌କ ବୋର୍ଡ ଦ୍ୱାରା ସିଲ୍‌କ ସମଗ୍ର-୨ ଯୋଜନାରେ ଏହି ପ୍ରକଳ୍ପ ପାଇଁ ଆର୍ଥିକ ସହାୟତା ଓ ମୌଳିକ ଟସର ବିହନ ଉତ୍ପାଦନ କରାଯାଇ ବନ ସୁରକ୍ଷା ସମିତି ସଦସ୍ୟଙ୍କୁ ଯୋଗାଇ ଦିଆଯିବ।

ଜଙ୍ଗଲ ବିଭାଗ ପକ୍ଷରୁ ମୁଖ୍ୟ ବନ ସଂରକ୍ଷକ ତଥା ରାଜ୍ୟ କାମ୍ପା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ ରାଜ କରାଟ, ହସ୍ତତନ୍ତ ବିଭାଗ ପକ୍ଷରୁ ବୟନ ଓ ହସ୍ତତନ୍ତ ନିର୍ଦ୍ଦେଶକ ସୁଶାନ୍ତ ଦାଶ ଏବଂ କେନ୍ଦ୍ରୀୟ ସିଲ୍‌କ ବୋର୍ଡ ପକ୍ଷରୁ ବୈଷୟିକ ନିର୍ଦ୍ଦେଶକ ଶିବପ୍ରସାଦ ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ। ଜଙ୍ଗଲ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ମୋନା ଶର୍ମା, ପିସିସିଏଫ୍ ମୁଖ୍ୟ ଶିଶିର କୁମାର ରଥ, କେନ୍ଦ୍ରୀୟ ସିଲ୍‌କ ବୋର୍ଡର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ସଦସ୍ୟ ସଚିବ ରଜିତ ରଞ୍ଜନ ଓଖାଣ୍ଡିଆର୍ ଏବଂ ହସ୍ତତନ୍ତ ବିଭାଗର କମିଶନର ତଥା ଶାସନ ସଚିବ ଶୁଭା ଶର୍ମା ଉପସ୍ଥିତ ଥିଲେ। ଏହି ଅବସରରେ ବନ୍ୟ ଟସର ଉପରେ ଆଧାରିତ ଓ ଟସର ଚାଷ ଜରିଆରେ ଭଗାମୁଣ୍ଡାରେ ମହିଳା ସଶକ୍ତୀକରଣ ସମ୍ପର୍କିତ ଦୁଇଟି କ୍ଷୁଦ୍ର ବୃତ୍ତଚିତ୍ର ପ୍ରଦର୍ଶିତ ହୋଇଥିଲା। ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ମନୋଜ ମହାପାତ୍ର ସଂଯୋଜନା ଓ ମୁଖ୍ୟ ବନ ସଂରକ୍ଷକ ମିତା ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।





ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଏବଂ କେନ୍ଦ୍ରୀୟ ସିଲ୍‌କ ବୋର୍ଡ ମଧ୍ୟରେ ଅନୁଷ୍ଠିତ ତ୍ରିପାକ୍ଷିକ ବୁଝାମଣାପତ୍ର।

### ବୁଝାମଣାପତ୍ର ସ୍ୱାକ୍ଷରିତ
- ଜୀବିକା ସୃଷ୍ଟିରେ ସହାୟକ ହେବ
- ଏବର୍ଷ ୧୮ ବନଖଣ୍ଡରେ ପ୍ରକଳ୍ପ କାର୍ଯ୍ୟକାରୀ ହେବ

# ୧୦ଦିନରେ ସ୍କୁଲସ୍ତରୀୟ ରିପୋର୍ଟ ଦେବାକୁ ନିର୍ଦ୍ଦେଶ

### ମାଟ୍ରିକ ପରୀକ୍ଷାରେ ଅନୁପସ୍ଥିତ ଘଟଣା

**ଭୁବନେଶ୍ୱର, ୯।୫(ବ୍ୟୁରୋ):** ରାଜ୍ୟରେ ୪୩ହଜାର ପିଲା ମାଟ୍ରିକ ପରୀକ୍ଷା ଦେଇ ନ ଥିବା ଘଟଣାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଗୁରୁତ୍ୱର ସହ ନେଇଛି। ବିଭାଗୀୟ ସଚିବ ବିଷ୍ଣୁପଦ ସେଠୀ ସମସ୍ତ ଜିଲା ଶିକ୍ଷାଧିକାରୀଙ୍କୁ ଚିଠି ଲେଖି ୧୦ଦିନ ମଧ୍ୟରେ ରିପୋର୍ଟ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ପିଲାମାନେ କାହିଁକି ପରୀକ୍ଷାରେ ଅନୁପସ୍ଥିତ ଥିଲେ ତା'ର ସ୍କୁଲସ୍ତରୀୟ ରିପୋର୍ଟ ଦେବାକୁ କୁହାଯାଇଛି। ଚିଠିରେ ଲେଖାଯାଇଛି ଯେ, ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ବାର୍ଷିକ ମାଟ୍ରିକ ପରୀକ୍ଷା (ସମେଟିଭ୍ ଆସେସମେଣ୍ଟ-୨)ରେ ୪୩,୪୮୯ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇ ନ ଥିବା ଜଣାପଡ଼ିଛି। ଚଳିତବର୍ଷ ଏତେ ପରିମାଣର ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷାରେ ଅନୁପସ୍ଥିତ ରହିବା ନିଶ୍ଚିତ ଭାବେ ଉଦ୍‌ବେଗର ବିଷୟ। ମୟୂରଭଞ୍ଜ, ଗଞ୍ଜାମ ଓ ବଲାଙ୍ଗୀର ଭଳି ଜିଲାରେ ଏହି ଅନୁପସ୍ଥିତ ଛାତ୍ରୀଛାତ୍ରଙ୍କ ସଂଖ୍ୟା ସର୍ବାଧିକ ରହିଛି। ଯାହା ଜଣାପଡୁଛି ଏହି ଛାତ୍ରୀଛାତ୍ର ନିଶ୍ଚିତ ଭାବେ ପ୍ରଥମ ସମେଟିଭ୍ ଆସେସମେଣ୍ଟ ପରୀକ୍ଷା ଦେଇଛନ୍ତି ଓ ଫର୍ମ ପୂରଣ ମଧ୍ୟ କରିଛନ୍ତି। ଏହି ପିଲାମାନେ କାହିଁକି ପରୀକ୍ଷା ଦେଲେନି ତା'ର କାରଣ ଖୋଜାଯିବା ଦରକାର। ସ୍କୁଲୱାରି ତଥ୍ୟ ବିଶ୍ଳେଷଣ କଲେ ହିଁ ଏହାର କାରଣ ଜଣାପଡ଼ିବ। ତେଣୁ ମାଟ୍ରିକ ପରୀକ୍ଷାରେ ଅନୁପସ୍ଥିତ ସ୍କୁଲୱାରି ଛାତ୍ରୀଛାତ୍ରଙ୍କ ସଂଖ୍ୟା ଓ କାରଣ ସଂକ୍ରାନ୍ତରେ ଆସନ୍ତା ୧୦ଦିନ ମଧ୍ୟରେ ନିର୍ଦ୍ଧାରିତ ଫର୍ମାଟ୍‌ରେ ପଠାଇବାକୁ ସଚିବ ସମସ୍ତ ଜିଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।





# ହୋଟେଲରେ କଲେଜ ଛାତ୍ରୀଙ୍କ ମୃତ୍ୟୁ

### ଶାରୀରିକ ସମ୍ପର୍କ ରଖିଥିବା ପୁରୁଷ ବନ୍ଧୁ ଅଟକ

**ବରଗଡ଼ ଅଫିସ୍,୯।୫:** ବରଗଡ଼ ରେଳ ଷ୍ଟେଶନ ନିକଟରେ ଥିବା ବିଜୟ ହୋଟେଲରେ ସୋମବାର ଜଣେ କଲେଜ ଛାତ୍ରୀ(୧୭)ଙ୍କ ରହସ୍ୟଜନକ ମୃତ୍ୟୁ ହୋଇଛି। ମୃତ ଛାତ୍ରୀ ଜଣକ ବରଗଡ଼ ମହିଳା କଲେଜରେ ଯୁକ୍ତ ଦୁଇ ପ୍ରଥମ ବର୍ଷରେ ପଢୁଥିବାବେଳେ ସେ ଗାଇସିଲେଟ ଥାନା ଭେଲୁଆଁପଦର ଗ୍ରାମର ବୋଲି ଜଣାପଡ଼ିଛି। ତେବେ ତାଙ୍କୁ ଅପହରଣ କରି ହୋଟେଲରେ ହତ୍ୟା କରାଯାଇଥିବା ମୃତା ଛାତ୍ରୀଙ୍କ ବାପା ବରଗଡ଼ ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା ରୁଜୁ କରିବା ସହ ବଲାଙ୍ଗୀର ସଦର ଥାନା ପରଧିଆପାଲି ଗ୍ରାମର ଜଣେ ଯୁବକ ଏବଂ ହୋଟେଲ ମାଲିକଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ଏ ନେଇ ଅଧିକ ତଦନ୍ତ ଚାଲିଛି ଏବଂ ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରାଯିବ। ତେବେ ପୁରୁଷ ବନ୍ଧୁ ଶାରୀରିକ ସମ୍ପର୍କ ରଖିବାରୁ ଛାତ୍ରୀ ଜଣକ ବେହୋସ ହୋଇପଡିଥିଲେ ବୋଲି କୁହାଯାଉଛି। ଏହାର ସତ୍ୟାସତ୍ୟ ତଦନ୍ତ ଏବଂ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ସ୍ପଷ୍ଟ ହେବ ବୋଲି ବରଗଡ଼ ଏସ୍‌ଡିପିଓ ଦୀପକ କୁମାର ଗୋଛାୟତ କହିଛନ୍ତି।

ସୂଚନା ଅନୁସାରେ, ମୃତା ଛାତ୍ରୀ ଜଣକ ସକାଳ ପ୍ରାୟ ସାଢ଼େ ୬ଟାରୁ ଏକ ସରକାରୀ ଯାତ୍ରୀବାହୀ ବସ୍‌ରେ ବରଗଡ଼ ବାହାରିଥିଲେ। ବରଗଡ଼ରେ ପହଞ୍ଚିବା ପରେ ଛାତ୍ରୀ ଜଣକ କଲେଜରେ ସୁରକ୍ଷିତ ପହଞ୍ଚିଥିବା ନେଇ ଫୋନରେ ପରିବାରକୁ ସୂଚନା ଦେଇଥିଲେ। ଘଣ୍ଟାଏ ପରେ କେହି ଅଜଣା ଲୋକ ଫୋନ କରି ତାଙ୍କ ଝିଅ ବରଗଡ଼ ସରକାରୀ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି ବୋଲି କହିଥିଲେ। ଫଳରେ ଡାକ୍ତରଖାନାରେ ପହଞ୍ଚି ଝିଅର ମୃତଦେହ ଦେଖିଥିଲେ ବୋଲି ମୃତା କଲେଜ ଛାତ୍ରୀଙ୍କ ବାପା କହିଛନ୍ତି। ଅନ୍ୟପଟେ ଏହି ମାମଲାରେ ଅଟକ ଥିବା ଯୁବକ ଜଣକ କହିଛନ୍ତି, ମୃତା କଲେଜ ଛାତ୍ରୀଙ୍କ ସହିତ ତାଙ୍କର ପ୍ରେମ ସମ୍ପର୍କ ରହିଥିଲା। ଉଭୟେ ଭେଲୁଆଁପଦର ଗ୍ରାମରୁ ବସ୍ ଯୋଗେ ବରଗଡ଼ ଆସି ବିଜୟ ହୋଟେଲରେ ଭଡ଼ାରେ ଏକ କୋଠରୀ ନେଇଥିଲେ। ତେବେ ଛାତ୍ରୀଙ୍କ ସହିତ ଶାରୀରିକ ସମ୍ପର୍କ ବେଳେ ସେ ବେହୋସ୍ ହୋଇପଡ଼ିଥିଲେ। ଏହାପରେ ଏକ ଅଟୋରେ ତାଙ୍କୁ ଡାକ୍ତରଖାନା ଆଣିଥିଲେ। ମାତ୍ର ଡାକ୍ତରଖାନାରେ ଡାକ୍ତର ଛାତ୍ରୀଙ୍କୁ ମୃତ ଘୋଷଣା କରିଥିଲେ ବୋଲି ସମ୍ପୃକ୍ତ ଯୁବକ ଜଣକ କହିଛନ୍ତି।



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅନେଇ ଦେଲା
ଦନେଇ ଦିହରୁ ଫୁଲାଏ ନେଲା।**

ଏପରି କିଛି ବ୍ୟକ୍ତି ଅଛନ୍ତି, ଯାହାଙ୍କ ନଜର ବା ଦୃଷ୍ଟି ପଡ଼ିଲେ ଅନ୍ୟର ସ୍ୱାସ୍ଥ୍ୟ ଖରାପ ହେବା ସହ ଦେହ ଶୁଖିଯାଉଥିବାର ଦେଖିବାକୁ ମିଳିଥାଏ। ଏହା ଏକ ଅନ୍ଧବିଶ୍ୱାସ ହୋଇଥିଲେ ମଧ୍ୟ ଲୋକଙ୍କ ମନରେ ଏଭଳି ଭ୍ରାନ୍ତ ଧାରଣା ଯୁଗ ଯୁଗରୁ ଘର କରି ରହିଆସିଛି। ଜଣଙ୍କର ନଜର ଲାଗି ଅନ୍ୟର ଦେହ ଶୁଖିଯିବା ବା ଅସୁସ୍ଥ ହୋଇଯିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଅଣ୍ଡିରା ବିଲୁଆ ଡାକ,
ମ ସାଙ୍ଗିଆକୁ ଡାକ।**

ଅଣ୍ଡିରା ବିଲୁଆ ଡାକ ଛାଡ଼ିଲେ ଆଖପାଖରେ କେହି ମୃତ୍ୟୁବରଣ କରିବା ନେଇ ଲୋକବିଶ୍ୱାସ ରହିଆସିଛି। ଏପରିସ୍ଥଳେ ଅଣ୍ଡିରା ବିଲୁଆ ଡାକ ଶୁଣିବା ଅମଙ୍ଗଳକାରକ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ

## ପ୍ରଥମ ପୃଷ୍ଠାରୁ...

### ଚାପରେ ଚେପା ...

ରାଜୁ ମଲ୍ଲିକ, ଜୋଗଡ଼ା ଗ୍ରାମର ଜଗନ୍ନାଥ ପରିଡ଼ା, ଖୁଣ୍ଟା ଗ୍ରାମର କୁଞ୍ଜବିହାରୀ ବେହେରା ଏବଂ ମୁରାରିପୁର ଗ୍ରାମର ସତ୍ୟବ୍ରତ ନାଏକ ଓ ଜୟଦେବ ନାଏକ କହିଛନ୍ତି, ରାମ୍‌କୋ ସିମେଣ୍ଟ କାରଖାନାର ବାୟୁ ପ୍ରଦୂଷଣକୁ ଆଉ ସହି ହେବନାହିଁ। ଏହି କାରଖାନାର ସିମେଣ୍ଟ ଗୁଣ୍ଡ, ଧୂଳିଧୂଆଁ ଓ ଶବ୍ଦ ପ୍ରଦୂଷଣ ଯୋଗୁ ସାଧାରଣ ଲୋକଙ୍କ ଜୀବନ ବିପଦାପନ୍ନ ହୋଇଛି। ଏହି ୩ ବର୍ଷ ମଧ୍ୟରେ ଏକାଧିକ ଗ୍ରାମବାସୀ ବାୟୁ ପ୍ରଦୂଷଣଜନିତ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ପ୍ରାଣ ହରାଇଛନ୍ତି। ଏନେଇ ଧରିତ୍ରୀରେ ନିୟମିତ ଖବର ପ୍ରକାଶ ପରେ ଏସ୍‌ପିସିବି କଳିଙ୍ଗନଗର ଆଞ୍ଚଳିକ କାର୍ଯ୍ୟାଳୟରୁ ଏକ ସ୍ୱତନ୍ତ୍ର ବୈଜ୍ଞାନିକ ଦଳ ରାମ୍‌କୋ ସିମେଣ୍ଟ କାରଖାନାର ପାରିପାର୍ଶ୍ୱିକ ସ୍ଥିତି ଉପରେ ଅନୁଧ୍ୟାନ କରିଥିଲେ। ଅନୁଧ୍ୟାନରେ ପ୍ରାୟ ୧୨୦ ପିଏମ୍(୧୦) ବା ପାର୍ଟିକୁଲେଟ ମିଟରଠାରୁ ଅଧିକ ବାୟୁ ପ୍ରଦୂଷଣ ହେଉଥିବା ଏହି ଦଳ ଜାଣିବାକୁ ପାଇଥିଲେ। ଏହାସହ ରାମ୍‌କୋ କାରଖାନାର ବେଗ୍ ଫିଲ୍ଟର ଉପଯୁକ୍ତ ଭାବେ କାମ ନ କରିବାରୁ ଏଭଳି ହେଉଛି। ସନ୍ଧ୍ୟା ୫ଟାରୁ ସକାଳ ପର୍ଯ୍ୟନ୍ତ ସମଗ୍ର ଅଞ୍ଚଳରେ ପାଉଁଶର କୁହୁଡି ସୃଷ୍ଟି ହେଉଛି। ଘରଦ୍ୱାର, ଗଛପତ୍ର, ଜମି, ବନ୍ଧ, ଜଳାଶୟ ଧୂଳିଧୂଆଁରେ ପୋତି ହୋଇଯାଉଛି। କାରଖାନାର ୫୦୦ ମିଟର ଦୂରତାରେ ୧୦ରୁ ଊର୍ଦ୍ଧ୍ୱ ଜନବସତି ରହିଛି। ଏସ୍‌ପିସିବିର ସର୍ତ୍ତ ଅନୁଯାୟୀ କାରଖାନା ଓ ଜନବସତି ମଧ୍ୟରେ କୌଣସି ସବୁଜ ବଳୟ ନାହିଁ। ବର୍ଜ୍ୟବସ୍ତୁର ପରିଚାଳନା ପାଇଁ ପରିବେଶ ସୁରକ୍ଷା ଆଇନ ଅନୁସାରେ କାରଖାନାର କୌଣସି ନିଜସ୍ୱ ବ୍ୟବସ୍ଥା ନାହିଁ। ଏହିଭଳି ଭାବରେ ରାମ୍‌କୋ ସିମେଣ୍ଟ କାରଖାନାର ସରକାରୀ ଆଇନ ଓ ନିୟମ ଉଲ୍ଲଂଘନର ତାଲିକା ବେଶ୍ ଲମ୍ବା। କାରଖାନାରୁ ନିର୍ଗତ ସିମେଣ୍ଟ ଗୁଣ୍ଡ ସମେତ କଳା ପାଉଁଶର ଆସ୍ତରଣ ସମଗ୍ର ଅଞ୍ଚଳକୁ ଆଚ୍ଛାଦିତ କରିଛି। ଏହିସବୁ କାରଣ ଉପରେ ଏସ୍‌ପିସିବି କଳିଙ୍ଗନଗର ପକ୍ଷରୁ ରିପୋର୍ଟ ପ୍ରଦାନ କରାଯାଇଥିବା ଏକ ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। ହେଲେ ପ୍ରାୟ ଦେଢ଼ ମାସ ହେବ ଏହି ରିପୋର୍ଟ ଉପରେ ଭୁବନେଶ୍ୱର କାର୍ଯ୍ୟାଳୟର କର୍ତ୍ତୃପକ୍ଷ ନୀରବ ରହିଥିବା ଅଭିଯୋଗ ହେଉଛି। ଏନେଇ ସ୍ଥାନୀୟ ପ୍ରଭାବିତ ଲୋକେ ଅତିଷ୍ଠ ହୋଇ ଗତ ମାର୍ଚ୍ଚ ୨୪ରେ ଆବଶ୍ୟକ କାଗଜପତ୍ର ସହ ରାମ୍‌କୋର ପରିଚାଳନା ନିର୍ଦ୍ଦେଶକ(ଏମ୍‌ଡି) ଓ ପବ୍ଲିକ ରିଲେଶନ ଅଫିସର(ପିଆର୍‌ଓ)ଙ୍କ ବିରୋଧରେ ସବ୍‌ଡିଭିଜନାଲ ମାଜିଷ୍ଟ୍ରେଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସବ୍‌ଡିଭିଜନାଲ ମାଜିଷ୍ଟ୍ରେଟ ୨୮।୩।୨୦୨୨ରେ ଏହାର ଶୁଣାଣି କରି ଉପରୋକ୍ତ ଅଧିକାରୀଦ୍ୱୟଙ୍କୁ ୧୨।୪।୨୦୨୨ ପୂର୍ବାହ୍ନ ୧୦ଟାରେ ଆବଶ୍ୟକ କାଗଜପତ୍ର ସହ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଜାରି କରିଥିଲେ। ହେଲେ ସେମାନେ ଉପସ୍ଥିତ ହୋଇ ନ ଥିଲେ। ଏନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଏ ସଂକ୍ରାନ୍ତରେ ଏସ୍‌ପିସିବିର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି, ରାମ୍‌କୋ ସିମେଣ୍ଟ କାରଖାନାର ପ୍ରଦୂଷଣ ଉପରେ ସେ କିଛି କହିପାରିବେ ନାହିଁ।


# classifieds

**Everyday**
0674-2580101, 2549302




### SALE

ଭୁବନେଶ୍ୱର **Sum Hospital 4KM** ଦୂରତାରେ ଘରବାଡ଼ି, **Road,** ଇଲେକ୍ଟ୍ରି ଥାଇ ପ୍ଲଟ୍ ମିଳୁଛି। **9090963952.** D-73214

BBSR Hanspal to 4 K.M. ଘର ଉପଯୋଗୀ plot Price-1450/- ସୁନ୍ଦରପଦା Xavier University (sqft.- 250,350,500) ଘରବାଡ଼ି ମିଳୁଛି। 9556393409, 8114994259. D-284

**Gharabari plot for sale near Pahala, Bhingarpur, Kesura (Bankual), Contact: 6371268258, 8144128238.** D-71985

Bhubaneswar-Puri bypass gharabari plot 1200sqft. @4,80,000/-. 9853415415, 9777160796, 8144044975. D-71991

Commercial Cum residential gharabari plot just 2 k.m. distance from Khurdha Collectorate Office for sale. Contact: 9800700664, 9439101373. D-106

**ଭୁବନେଶ୍ୱର ହଂସପାଳଛକ, ନଖରା ଛକ ଏବଂ ପଟିଆ KIIT College ଛକ ପାଖରେ 3BHK Duplex/ flat ଅଛି। 9658122456, 8327785834.** D-73241

ଭୁବନେଶ୍ୱର ତମାଣ୍ଡୋ ଛକଠାରୁ କାଶୀପୁରୁ ମୌଜାରେ ଘରବାରି ପ୍ଲଟ୍- 30x50=(1500sqft.) 29ଟି ପ୍ଲଟ୍ ଅଛି। ନିୟର ଆଣ୍ଡ ବ୍ୟାକ୍ ସାଇଡ୍ D.N. ରିଗଲିଆ ଗ୍ରୀନ୍ ଭିଲେଜ ଆପାର୍ଟମେଣ୍ଟ ପାଖରେ yellowzone ଅଣ୍ଡର BDA ଭୁକ୍ତ ପ୍ଲଟ୍ ଘର ନିର୍ମାଣ କରିବା ପାଇଁ ଉପଯୋଗୀ ପ୍ଲଟ୍ ଯୋଗାଇ ଦିଆଯାଉଅଛି। ଯୋଗାଯୋଗ ମୋବାଇଲ ନମ୍ବର- 7077583420, 9938015353. SUVAM CONSTRUCTIONS. D-366

**BDA, RERA & SBI Approved 2/3BHK flats, duplex and triplex for sale at Bhubaneswar with all amenities. Contact: 8599097575, 9853089975.** D-73245




Prabhakar construction construct your building get quality house. 9437025258, 8984389029. D-315




Refreshing your mind and body with the best therapy, 7873794731. D-317

Newly open SPA positively health benefits expert therapist, Kalpana. 7846814019. D-73602

Ayurvedic full body massage ladies & jents. Contact: 8093860513, 8658994614. D-71897

Newly open full body massage ladies and gents. 7750904837. D-71894

Newly open SPA positively health benefit with expert. Contact: 7749976301. D-71987

**Relax, Refresh your body, Mind at Saikrupa Spa with best therapies. 8984068077.** D-327

Refreshments rejuvenation body massage therapy with experience the therapists, Ashirvad Panchakarma herbal SPA, Keshari Mall, Bhubaneswar. 8926173473. D-71986

### AFFIDAVIT

By virtue of an affidavit before the Executive Magistrate, BBSR on dt. 15.07.17 I have changed my name from S.K. Saleeni to Saleeni Achary. Henceforth I shall be known as Saleeni Achary for all purposes. D-381

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଛି ଯେ ମୁଁ ଜୟଶ୍ରୀ ପାଢ଼ୀ, ପିତା- ଅଶୋକ କୁମାର ପାଢ଼ୀ, ସ୍ୱର୍ଣ୍ଣମୟୀ ନଗର, ପୋଷ୍ଟ- ବ୍ରହ୍ମପୁର, ଥାନା- ବୈଦ୍ୟନାଥପୁର, ପିନ୍- ୭୬୦୦୦୧, ଜିଲ୍ଲା- ଗଞ୍ଜାମ ଓଡ଼ିଶା ତା୦୪।୦୩।୨୦୨୨ରିଖରେ Executive Magistrate ବ୍ରହ୍ମପୁର, ଗଞ୍ଜାମଙ୍କ ସମ୍ମୁଖରେ affidavit କରିଛି ଯେ ଜୟଶ୍ରୀ ପାଢ଼ୀ ଓ ପାଢ଼ୀ ଜୟଶ୍ରୀ ଗୋଟିଏ ଜଣ ଅଟନ୍ତି। ଅଶୋକ କୁମାର ପାଢ଼ୀ ଓ ପାଢ଼ୀ ଅଶୋକ କୁମାର ଗୋଟିଏ ଜଣ ଅଟନ୍ତି। ତଦନୁସାରେ ଘୋଷଣାନାମା ପ୍ରକାଶ କରାଗଲା। ଧ-୩୮୫

Affidavit before Executive Magistrate, Dhenkanal I have changed my name from Janaki Bar to Manorama Bara, W/o. Makardhwaja Bara, Vill/PO- Ichhapur, PS-Athagarh, Dist- Cuttack for the LIC Policy- 586463185 and all purposes. D-70395

I, M. Animesh, S/o Sadananda Sadanana Mahanta, R/o Plot No. 288/2370, Laxmi Vihar, Sisupal Garh, P.S. Dhauli, Bhubaneshwar, 751002 Dist-. Khurda, Odisha, have changed my name to Animesh. D-382

### LEGAL NOTICE

ସିଭିଲ ଜଜ୍ (ସିନିୟର ଡିଭିଜନ)ଙ୍କ ଅଦାଲତ, ବଉଦ
I.A.No.-14/2019 ସିଭିଲ ସୁଟ୍ ନଂ.-୭୭/୨୦୧୭
ଜଗବନ୍ଧୁ ପାତ୍ର ଏବଂ ଅନ୍ୟମାନେ ...ବାଦୀ
ବନାମ
ଭଗବାନ ସ୍ୱାଇଁ ଏବଂ ଅନ୍ୟମାନେ ...ପ୍ରତିବାଦୀ

ପ୍ରାପ୍ତେଷୁ,
କ୍ରମିକ ନଂ.୫, ପଞ୍ଚାନନ ସ୍ୱାଇଁ, ପି- ୯ବିଜେ ସ୍ୱାଇଁ, ଗ୍ରାମ- ରଇଠାଣି, ଜିଲ୍ଲା- ବଉଦ।
ଏତଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ଚାଲିଥିବା I.A.No.-14/2019ର ସିଭିଲ ସୁଟ ନଂ.-୭୭/୨୦୧୭ର ପକ୍ଷ ଅଟନ୍ତି। ଉପରୋକ୍ତ ଠିକଣାରେ ଅଦାଲତରୁ ନୋଟିସ୍ ପ୍ରେରଣ କରାଗଲେ ମଧ୍ୟ ତାହା ଗ୍ରହଣ କରୁନାହାନ୍ତି। ଏଣୁ ଆପଣଙ୍କୁ ଜଣାଇ ଦିଆଯାଉଛି ଯେ, ଆସନ୍ତା ତା୨୪।୦୬।୨୦୨୨ରିଖ ଦିନ ୧୦.୩୦ଘ ସମୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ହାଜର ହୋଇ ନିଜର ପକ୍ଷ ରଖିବେ, ନଚେତ ଅଦାଲତ ଆପଣଙ୍କର ଅନୁପସ୍ଥିତିରେ ବିଚାର ପ୍ରକ୍ରିୟା ଆରମ୍ଭ କରିବେ ଓ ପରେ ଆପଣଙ୍କର କୌଣସି ଆପତ୍ତି ଅଭିଯୋଗ ବିଚାରକୁ ନିଆଯିବ ନାହିଁ।
ସ୍ୱାକ୍ଷର: ସିଭିଲ ଜଜ୍ (ସିନିୟର ଡିଭିଜନ), ବଉଦ
ଧ-୩୮୩

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


### ଅଶାନ୍ତ ସମୁଦ୍ରରୁ ୧୧ ...



ଉଦ୍ଧାର ହୋଇଥିବା ମତ୍ସ୍ୟଜୀବୀମାନେ।

କୋଷ୍ଟଗାର୍ଡର ଯବାନମାନେ ତୁରନ୍ତ ପହଞ୍ଚି ଅପରେଶନ ଆରମ୍ଭ କରିଥିଲେ। ହେଲିକପ୍ଟର ଦ୍ୱାରା ୩ଟି ପର୍ଯ୍ୟାୟରେ ସମସ୍ତ ୧୧ ମତ୍ସ୍ୟଜୀବୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇ କୂଳକୁ ଅଣାଯାଇଥିଲା। ସେମାନଙ୍କୁ କେଲୁଆପଲ୍ଲୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟ ପରୀକ୍ଷା ପରେ ମତ୍ସ୍ୟଜୀବୀମାନେ ଘରକୁ ଫେରିଥିଲେ। ତେବେ ଜାଲ ଓ ଡଙ୍ଗା ସମୁଦ୍ର ମଧ୍ୟରେ ରହିଯାଇଥିବାରୁ ଜୀବନଜୀବିକା ପ୍ରଭାବିତ ହେବ ବୋଲି ମତ୍ସ୍ୟଜୀବୀମାନେ କୋହଭରା କଣ୍ଠରେ କହିଛନ୍ତି। ଏ ନେଇ ବ୍ରହ୍ମପୁର ଉପଜିଲାପାଳ ଭି.କୀର୍ତ୍ତିଓ୍ୱାସନଙ୍କୁ ଯୋଗଯୋଗ କରିବାରୁ ମତ୍ସ୍ୟଜୀବୀମାନେ ବିଶାଖାପାଟଣାରୁ ବାହାରି ମାର୍କଣ୍ଡି ଅଭିମୁଖେ ଫେରୁଥିଲେ। ଅପରାହ୍ନ ପ୍ରାୟ ୩ଟାରେ ସୁନାପୁର ସମୁଦ୍ରରେ ୧୧ ମତ୍ସ୍ୟଜୀବୀ ଫସି ରହିଥିବା ଖବର ମିଳିଥିଲା। ସମୁଦ୍ର ଅଶାନ୍ତ ଥିବା ଯୋଗୁ ବୋର୍ଟ ମାଧ୍ୟମରେ ଉଦ୍ଧାର କରିବା ସମ୍ଭବ ହୋଇପାରି ନ ଥିଲା। ଘଟଣା ସମ୍ପର୍କରେ ଜିଲାପାଳ, ଏସ୍‌ଆରସି ଓ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଅବଗତ କରାଯାଇଥିଲା। ଏସ୍‌ଆରସି କୋଷ୍ଟଗାର୍ଡ଼ଙ୍କୁ ଯୋଗାଯୋଗ କରିଥିଲେ। ଗୋପାଳପୁର ପୋର୍ଟରେ କୋଷ୍ଟଗାର୍ଡ଼ର ହେଲିକପ୍ଟର ନ ଥିବା ଯୋଗୁ ଭୁବନେଶ୍ୱରରୁ ଆସିଥିବା ଏକ ସ୍ୱତନ୍ତ୍ର ହେଲିକପ୍ଟର ଦ୍ୱାରା ସମସ୍ତ ୧୧ ମତ୍ସ୍ୟଜୀବୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିଲା। ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଥିବା ଉପଜିଲାପାଳ ସୂଚନା ଦେଇଛନ୍ତି।

### ୨ ଦୋଷୀଙ୍କୁ ୧୪ ...

ଜୀବନ ଥିବା ପର୍ଯ୍ୟନ୍ତ ଜେଲ ଦଣ୍ଡ ମିଳିଲେ ସେ ଆଶ୍ୱସ୍ତ ହେବେ ବୋଲି ପ୍ରମୋଦିନୀ ଧରିତ୍ରୀକୁ କହିଛନ୍ତି। ଘଟଣା ଥିଲା ଏହିପରି। ୨୦୦୯ ଏପ୍ରିଲ ୧୮ ତାରିଖ ସନ୍ଧ୍ୟା ସମୟ। ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଥାନା ଅନ୍ତର୍ଗତ କନକପୁର ବିଏସ୍‌ଏନ୍‌ଏଲ୍ ଟେଲିଫୋନ ଏକ୍ସଚେଞ୍ଜ ନିକଟରେ ଘଟିଥିଲା ସେହି ଏସିଡ୍ ଆକ୍ରମଣ ଘଟଣା। ପ୍ରମୋଦିନୀଙ୍କୁ ପ୍ରେମ ନିବେଦନ କରି ନିରାଶ ହେବା ପରେ ଯବାନ ସନ୍ତୋଷ ବେଦାନ୍ତ ଏସିଡ୍ ମାଡ କରିବାକୁ ସ୍ଥିର କରିଥିଲେ। ପ୍ରମୋଦିନୀ ସେତେବେଳେ ତିର୍ତ୍ତୋଲସ୍ଥିତ ଆଦିକବି ସାରଳା ଦାସ ମହାବିଦ୍ୟାଳୟର ଯୁକ୍ତ ୨ କଳାର ଛାତ୍ରୀ ଥିଲେ। ଘଟଣା ଦିନ ସେ ତାଙ୍କ ମାଉସୀଙ୍କ ଘରୁ ନିଜ ଗାଁକୁ ଫେରୁଥିବା ବେଳେ ପୂର୍ବ ପ୍ରସ୍ତୁତି ମୁତାବକ ସନ୍ତୋଷ ଓ ଅନିଲ ତାଙ୍କ ଉପରକୁ ଏସିଡ୍ ମାଡ଼ କରି ଖସି ଯାଇଥିଲେ। ଗୁରୁତର ଅବସ୍ଥାରେ ପ୍ରମୋଦିନୀଙ୍କୁ ପ୍ରଥମେ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ତାଙ୍କ ଶରୀରର ୮୦% ପୋଡି ଯାଇଥିଲା। ସେ ଦୃଷ୍ଟିଶକ୍ତି ହରାଇ ବସିଥିଲେ। ୯ ମାସ ଆଇସିୟୁରେ ଏବଂ ପରେ ୫ ବର୍ଷ ଶଯ୍ୟାଶାୟୀ ଥିଲେ। ୨୦୧୪ ଜାନୁୟାରୀ ୨୦ରେ ଏକ ବେସରକାରୀ ହସ୍ପିଟାଲରେ ପାଖାପାଖି ୧ ବର୍ଷ କାଳ ଫିଜିଓଥେରାପି ଚିକିତ୍ସା କରିବା ପରେ ଚାଲିବାକୁ ସକ୍ଷମ ହୋଇଥିଲେ। ୨୦୧୬ରେ ଦିଲ୍ଲୀର ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନରେ କାମ କରିବାର ସୁଯୋଗ ମିଳିଥିଲା। ଏହି ଅନୁଷ୍ଠାନ ସହାୟତାରେ ୨୦୧୭ ଜୁଲାଇ ୯ରେ ଚେନ୍ନାଇର ଏକ ନେତ୍ରାଳୟରେ ତାଙ୍କ ବାମ ଆଖିରେ ଅସ୍ତ୍ରୋପଚାର ମାଧ୍ୟମରେ ଅନ୍ୟ ଜଣଙ୍କ ଚକ୍ଷୁ ରୋପଣ କରାଯାଇଥିଲା। ସେବେଠାରୁ ସେ କେବଳ ୨୦% ଦୃଷ୍ଟିଶକ୍ତିରେ ଦେଖି ପାରୁଛନ୍ତି। ତେବେ ଏସିଡ୍ ମାଡର ଦିନକ ପରେ ଅର୍ଥାତ୍ ୨୦୦୯ ଏପ୍ରିଲ ୧୯ରେ ପ୍ରମୋଦିନୀଙ୍କ ମା' କବିତା ରାଉଳ ତିର୍ତ୍ତୋଲ ଥାନାରେ ଏତଲା ଦେଇଥିଲେ। ପୋଲିସ ମାମଲା (ନଂ.୭୯/୨୦୦୯) ରୁଜୁ କରିଥିଲା। କିନ୍ତୁ ଅଭିଯୁକ୍ତଙ୍କ ସନ୍ଧାନ କରିପାରୁ ନ ଥିବା ଦର୍ଶାଇ ୨୦୧୨ରେ ମାମଲାକୁ ବନ୍ଦ କରି ଦେଇଥିଲା। ଏହାସତ୍ତ୍ୱେ ପ୍ରମୋଦିନୀ ଦୁର୍ବଳ ହୋଇ ନ ଥିଲେ। ୨୦୧୭ ନଭେମ୍ବରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ନିଜ ସହ ଅନ୍ୟ ଏସିଡ୍ ପୀଡ଼ିତାଙ୍କ ବନ୍ଦ ମାମଲା ରିଓପନ୍ କରିବାକୁ ନିବେଦନ କରିଥିଲେ। ତତ୍କାଳୀନ ଜଗତ୍‌ସିଂହପୁର ଏସ୍‌ପି ଜୟନାରାୟଣ ପଙ୍କଜଙ୍କୁ ସାକ୍ଷାତ କଲାପରେ ସେ ଆଗ୍ରହ ପ୍ରକାଶ କରି ମାମଲା ପୁନଃ ଚାଲୁ କରିବାକୁ ପଦକ୍ଷେପ ନେଇଥିଲେ।

### ଶ୍ରୀଲଙ୍କା ପ୍ରଧାନମନ୍ତ୍ରୀଙ୍କ ...

ହୋଇଥିବା ଜଣାପଡ଼ିଛି। ସ୍ଥିତି ଅଣାୟତ୍ତ ହେବାରୁ ପୋଲିସ ପକ୍ଷରୁ ଦେଶବ୍ୟାପୀ କର୍ଫ୍ୟୁ ଜାରି କରାଯାଇଛି। ଶ୍ରୀଲଙ୍କାରେ ଦୀର୍ଘଦିନ ହେଲା ଆର୍ଥିକ ସଙ୍କଟ ଲାଗି ରହିଥିବାରୁ ଲୋକେ ନାହିଁ ନ ଥିବା ଦୁର୍ଦ୍ଦିନର ସମ୍ମୁଖୀନ ହୋଇଛନ୍ତି। ସେଠାରେ ଖାଦ୍ୟ, ଔଷଧ, ଇନ୍ଧନ ଆଦି ଅତ୍ୟାବଶ୍ୟକ ସାମଗ୍ରୀର ଘୋର ଅଭାବ ଦେଖାଦେଇଥିବାବେଳେ କୋଇଲା ଅଭାବରୁ ଦୀର୍ଘ ସମୟ ବିଜୁଳି କାଟ୍ ହେଉଛି। ଆର୍ଥିକ ସଙ୍କଟ ପାଇଁ ରାଜପାକ୍‌ସେ ସରକାରଙ୍କୁ ଦାୟୀ କରାଯାଇ ସେମାନଙ୍କ ଇସ୍ତଫା ଦାବି ହୋଇଆସୁଥିଲା। କିଛି ସପ୍ତାହ ହେଲା ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଚାଲିଥିବା। ଦୁଇଦିନ ପୂର୍ବରୁ ରାଷ୍ଟ୍ରପତି ଗୋଟାବାୟା ରାଜପାକ୍‌ସେ ଦେଶରେ ଏମର୍ଜେନ୍ସି ଜାରି କରିବାରୁ ଆନ୍ଦୋଳନ ଅଧିକ ଜୋର୍‌ଦାର ହୋଇଥିଲା। ମହିନ୍ଦା ରାଜପାକ୍‌ସେଙ୍କ ଅଫିସ୍ ବାହାରେ ବିକ୍ଷୋଭ ଲାଗିରହିଥିଲା ବେଳେ ତାଙ୍କ ଅନୁଗତମାନେ ଲାଠି ଓ ମାରଣାସ୍ତ୍ରରେ ସେମାନଙ୍କୁ ଆକ୍ରମଣ କରିବାରୁ ଆନ୍ଦୋଳନ ହିଂସାତ୍ମକ ରୂପ ନେଇଥିଲା। ସରକାରୀ ସମର୍ଥକମାନେ ପୋଲିସ ଲାଇନ ଅତିକ୍ରମ କରି ଆନ୍ଦୋଳନକାରୀଙ୍କ ଟେଣ୍ଟ ଭାଙ୍ଗିବା ସହ ସେମାନଙ୍କୁ ଆକ୍ରମଣ କରିଥିଲେ। ସେମାନଙ୍କୁ ଘଉଡ଼ାଇବାକୁ ଯାଇ ପୋଲିସ ଲୁହବୁହା ବାଷ୍ପ ପ୍ରୟୋଗ କରିବା ସହ ପାଣିମାଡ଼ କରିଥିଲା।

ସ୍ଥିତି ନିୟନ୍ତ୍ରଣ ବାହାରକୁ ଯିବା ପରେ ରାଷ୍ଟ୍ରପତି ଗୋଟାବାୟା ସ୍ୱତନ୍ତ୍ର ବୈଠକ ଡାକି ରାଜନୈତିକ ସଙ୍କଟର ସମାଧାନ ଲାଗି ପ୍ରଧାନମନ୍ତ୍ରୀ ପଦରୁ ଓହରିଯିବା ଲାଗି ମହିନ୍ଦାଙ୍କୁ ଅନୁରୋଧ କରିଥିଲେ। ପ୍ରଧାନମନ୍ତ୍ରୀ ଇସ୍ତଫା ଦେଇଥିବାରୁ ରାଷ୍ଟ୍ରପତି ସର୍ବଦଳୀୟ ମନ୍ତ୍ରିମଣ୍ଡଳ ଗଠନ ଲାଗି ପାର୍ଲାମେଣ୍ଟର ସମସ୍ତ ରାଜନୈତିକ ଦଳଙ୍କୁ ଆମନ୍ତ୍ରଣ କରିପାରନ୍ତି ବୋଲି ଆଶା କରାଯାଉଛି। ଅନ୍ତରୀଣ ସରକାରରେ ବିରୋଧୀ ଦଳ ନେତା ସାଜିଥ ପ୍ରେମଦାସା ପ୍ରଧାନମନ୍ତ୍ରୀ ପଦ ଗ୍ରହଣ କରିବେ ନାହିଁ ବୋଲି ତାଙ୍କ ଦଳ ପକ୍ଷରୁ କୁହାଯାଇଛି।

### ଏଏସ୍ଆଇ ଅନୁମତି ...

ହୋଇଥାଏ। ଆନ୍‌ସିଏଣ୍ଟ ମନୁମେଣ୍ଟସ ଆଣ୍ଡ ଆର୍କୋଲୋଜିକାଲ୍ ସାଇଟ୍ ଆଣ୍ଡ ରିମେନ୍ସ(ଆମ୍‌ସାର୍) ଆକ୍ଟ-୧୯୫୮ର ଧାରା ୨୦(ଏ) ଏବଂ (ସି) ଅନୁଯାୟୀ କେନ୍ଦ୍ର ସରକାର ଅନୁମତି ଦେଲେ ନିର୍ମାଣ କାର୍ଯ୍ୟ ହୋଇପାରିବ। ନିର୍ମାଣ କାର୍ଯ୍ୟ ଉପରେ ରହିତାଦେଶ ଲାଗୁ କରିବା ପାଇଁ ଆବେଦନକାରୀଙ୍କ ପକ୍ଷରୁ ହାଇକୋର୍ଟଙ୍କ ନିକଟରେ ଆବେଦନ କରାଯାଇଥିଲା। ମାତ୍ର ଏଏସ୍ଆଇ ତଦନ୍ତ ରିପୋର୍ଟ ଓ ସତ୍ୟପାଠ ମଧ୍ୟରେ ତାଳମେଳ ରହିଲା ନାହିଁ। ଏଣୁ ପୁଣି ଥରେ ଠିକ୍ ରିପୋର୍ଟ ମଗାଯାଇଛି। ସେହିଭଳି ନିର୍ମାଣ କାର୍ଯ୍ୟ ଶ୍ରୀମନ୍ଦିର ଭିତ୍ତିଭୂମିକୁ ପ୍ରଭାବିତ କରିପାରେ ବୋଲି ଏଏସ୍ଆଇ ଦର୍ଶାଇଥିବାବେଳେ ହାଇକୋର୍ଟ ଏଭଳି ଉତ୍ତରକୁ ନାପସନ୍ଦ କରିଛନ୍ତି। ନିର୍ଦ୍ଦିଷ୍ଟ ଭାବେ ଶ୍ରୀମନ୍ଦିର ଭିତ୍ତିଭୂମି ପ୍ରଭାବିତ ହେବ କି ନାହିଁ ଦର୍ଶାଇବା ଲାଗି ନିର୍ଦ୍ଦେଶ ଦେଇଛନ୍ତି।

ଏଏସ୍ଆଇ ତରଫରୁ ଗତ ୧ ତାରିଖରେ ସରଜମିନ ତଦନ୍ତ ହୋଇଥିଲା। ସମ୍ପୃକ୍ତ ତଦନ୍ତ ରିପୋର୍ଟରେ ଆଞ୍ଚଳିକ ନିର୍ଦ୍ଦେଶକ ଦିଲୀପ କୁମାର ଖମାରି ଉଲ୍ଲେଖ କରିଛନ୍ତି ଯେ, ଓଡ଼ିଶା ବ୍ରିଜ୍ ଆଣ୍ଡ କନ୍‌ଷ୍ଟ୍ରକଶନ କର୍ପୋରେଶନ ଲିମଟେଡ୍ (ଓବିସିସି) ଏବଂ ଶ୍ରୀମନ୍ଦିର ପ୍ରଶାସନ ଉପସ୍ଥିତିରେ ହୋଇଥିବା ଯୁଗ୍ମ ସମୀକ୍ଷାରୁ ଜଣାପଡ଼ିଛି, ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଅଧୀନରେ ହେଉଥିବା ନିର୍ମାଣ କାର୍ଯ୍ୟକୁ ଏଏସ୍ଆଇର ଅନୁମୋଦନ ନାହିଁ। ସଂଶୋଧିତ ଡିଟେଲ୍‌ଡ ପ୍ରୋଜେକ୍ଟ ରିପୋର୍ଟ (ଡିପିଆର୍) ଅନୁଯାୟୀ କାର୍ଯ୍ୟ ହେଉନାହିଁ। ଏନ୍‌ଏମ୍‌ଏକୁ ଦିଆଯାଇଥିବା ଡିପିଆର୍ ଓ ନିର୍ମାଣ କାର୍ଯ୍ୟ ମଧ୍ୟରେ ପ୍ରଭେଦ ରହିଛି। ଖନନ ଯୋଗୁ ହୋଇଥିବା ମୃତ୍ତିକା କ୍ଷୟ ଶ୍ରୀମନ୍ଦିର ଭିତ୍ତିଭୂମିକୁ ପ୍ରଭାବିତ କରିବା ଆଶଙ୍କା ରହୁଛି।

ଜନସ୍ୱାର୍ଥ ମାମଲାର ଆବେଦନକାରୀ ଦିଲୀପ ବରାଳ କହିଛନ୍ତି, ହାଇକୋର୍ଟ ରହିତାଦେଶ ଦେଲେ ନାହିଁ, ଫଳରେ ଅନୁମତି ନ ଥିବା ସତ୍ତ୍ୱେ ନିର୍ମାଣ କାର୍ଯ୍ୟ ବନ୍ଦ ହେବ ନାହିଁ। ଜିଲା ପ୍ରଶାସନ ନିର୍ମାଣ କାର୍ଯ୍ୟ କରିଚାଲିବ। ସେହିଭଳି ପରବର୍ତ୍ତୀ ଶୁଣାଣି ପାଇଁ ନିକଟତମ ତାରିଖ ନ ଦେଇ ଜୁନ୍ ୨୦ ଧାର୍ଯ୍ୟ କରିବା ଦ୍ୱାରା ମଧ୍ୟ ବେଆଇନ ନିର୍ମାଣ କାର୍ଯ୍ୟ କରିବାରେ ଜିଲା ପ୍ରଶାସନ ସଫଳ ହେବ। ଏଥିଯୋଗୁ ଏନେଇ ପୁରୀ ସହରର ଜନସାଧାରଣଙ୍କ ମଧ୍ୟରେ ଜନଅସନ୍ତୋଷ ଦେଖାଦେଇଛି।

### ବାତ୍ୟା ପ୍ରଭାବ ...

ପ୍ରଭାବରେ ଉପକୂଳ ଅଞ୍ଚଳରେ ଅତିବେଶିରେ ୪୦ରୁ ୬୦ କିମି ବେଗରେ ପବନ ବହିବା ସମ୍ଭାବନା ରହିଛି। ବାତ୍ୟା ପ୍ରଭାବରେ ମଙ୍ଗଳବାର ଗଜପତି, ଗଞ୍ଜାମ ଓ ପୁରୀରେ ସ୍ୱଳ୍ପରୁ ମଧ୍ୟମରୁ ପ୍ରବଳ ବର୍ଷା ହେବ। ୧୧ ତାରିଖରେ ଗଞ୍ଜାମ, ପୁରୀ, ଖୋର୍ଦ୍ଧା, କଟକ ଓ ଜଗତ୍‌ସିଂହପୁରରେ ବର୍ଷାର ପୂର୍ବାନୁମାନ କରାଯାଇଥିବା ବେଳେ ୧୨ ତାରିଖରେ ପୁରୀ, ଜଗତ୍‌ସିଂହପୁର, କଟକ, କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱରରେ ବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

ଏସ୍‌ଆରସି(ସ୍ୱତନ୍ତ୍ର ରିଲିଫ କମିଶନର) ପ୍ରଦୀପ ଜେନା କହିଛନ୍ତି, ଓଡ଼ିଶା ଉପରେ ବାତ୍ୟା 'ଅସାନି'ର ବିପଦ ନାହିଁ। କାରଣ ଏହା ପୁରୀଠାରୁ ୧୦୦ କିଲୋମିଟର ଦୂରରେ ଯିବ। ଏହି ସମୟରେ ଉପକୂଳରେ ପବନର ବେଗ ଘଣ୍ଟା ପ୍ରତି ୫୦ କିମି ରହିପାରେ। ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନେ ସମୁଦ୍ରକୁ ନ ଯିବା ଲାଗି ପରାମର୍ଶ ଦିଆଯାଇଛି। ବାତ୍ୟା ପ୍ରଭାବରେ ଆସନ୍ତା ୧୨ ତାରିଖ ଯାଏ ରାଜ୍ୟରେ ପାଗ ମେଘୁଆ ରହିବା ସହ ପାରଦ ତଳମୁହାଁ ରହିବ। ୧୩ ତାରିଖରୁ ପୁଣି ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ମାଡ଼ିଆସିବ। ସମଗ୍ର ରାଜ୍ୟ ପୁଣି ତତଲା ତାଓ୍ୱାରେ ଶିଝିବ। ୧୪ ତାରିଖରେ ପଶ୍ଚିମ, ଆଭ୍ୟନ୍ତରୀଣ ଓଡ଼ିଶାରେ ସର୍ବୋଚ୍ଚ ତାପମାତ୍ରା ୪୫ ଡିଗ୍ରୀ ସେଲସିୟସ୍‌କୁ ଟପିଯିବା ସମ୍ଭାବନା ରହିଛି। ସେହିପରି ୧୫ ତାରିଖରୁ ଉପକୂଳ ଓଡ଼ିଶାରେ ତାତି କଳବଳ କରିବ। ପାରଦ ୪୫ ଡିଗ୍ରୀ ଛୁଇଁବା ସହ ଆର୍ଦ୍ରତା ପରିମାଣ ବଢ଼ିଯିବ। ଗରମ ସାଙ୍ଗକୁ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜିର ପୂର୍ବାହ୍ନ ଶିକ୍ଷା, ପରୀକ୍ଷା, ଆଲୋଚନା,ସଭା ସମିତି, ପ୍ରଶାସନ ଓ କର୍ମକ୍ଷେତ୍ର ପାଇଁ ପ୍ରଶସ୍ତ ରହିବ। ପରିବାର, ପରିବହନ, ଲୋକ ସମ୍ପର୍କ, ଯାନବାହନ ଦିଗରେ ଉନ୍ନତି ଘଟିବ। ନିଜ ଲୋକ ଆପଣଙ୍କ ବିରୁଦ୍ଧାଚରଣ କରିପାରନ୍ତି। ବାଣିଜ୍ୟ, ବ୍ୟବସାୟ, ନିର୍ମାଣ, ଆନୁଷ୍ଠାନିକ କାମ ଓ ଅର୍ଥ ସମ୍ପର୍କ କ୍ଷେତ୍ରରୁ ଉପକୃତ ହେବେ।

**ବୃଷ**
ପ୍ରସ୍ତୁତି ପଥରେ ଥିବା କାମଗୁଡ଼ିକ ସମ୍ପୂର୍ଣ୍ଣ ହେବା କଷ୍ଟକର ହୋଇପଡ଼ିବ। ବନ୍ଧୁଗହଣରେ ସତ୍ୟ କଥା ପ୍ରକାଶକରି ମଧ୍ୟ ଅପମାନିତ ହୋଇପାରନ୍ତି। ସତ୍‌ସଙ୍ଗ ସାଙ୍ଗକୁ ଧର୍ମଚର୍ଚ୍ଚା ପ୍ରତି ମନ ବଳିପାରେ। ପ୍ରଶାସନ, ପ୍ରକାଶନ, ମନୋରଞ୍ଜନରୁ ସଫଳତା ହାସଲ କରିବେ।

**ମିଥୁନ**
ମନ ଯେମିତି ଚାହୁଁଛି ସେମିତି କାମ ସମ୍ପନ୍ନ ହେବାରେ ଅସୁବିଧା ହେବ ନାହିଁ। ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହୋଇପାରେ। ସାହିତ୍ୟ ଓ ସଙ୍ଗୀତରେ ସୁନାମ ଅର୍ଜନ କରିବେ ଓ ଅର୍ଥାବସ୍ଥାରେ ଉନ୍ନତି ଘଟିବ । ଶିଳ୍ପ, ବ୍ୟବସାୟ ଓ ପରିବହନ ପାଇଁ କିଛି ଅସୁବିଧା ହେବ ନାହିଁ।

**କର୍କଟ**
ଆଜି ସାମାଜିକ ସ୍ଥିତି, ଅର୍ଥନୈତିକ ପ୍ରଗତି, ପାରିବାରିକ ପରିସ୍ଥିତିକୁ ସନ୍ତୁଳିତ କରି ରଖିବେ। ସାମୟିକ ଯାତ୍ରା କାଳୀନ ବନ୍ଧୁଙ୍କ ସହ ମତାନ୍ତର ସୃଷ୍ଟିହୋଇ ଅଶାନ୍ତି ଉପୁଜିପାରେ। ଉପରିସ୍ଥଙ୍କ ସହାନୁଭୂତିରୁ କର୍ମକ୍ଷେତ୍ରରେ ମଧ୍ୟାହ୍ନରେ ଟେନ୍‌ସନ ଦୂରହେବ। ଈର୍ଷାପରାୟଣ ବନ୍ଧୁଙ୍କ ଦ୍ୱାରା ମିଥ୍ୟା ଗୁଜବ ମନକୁ ଆତଙ୍କିତ କରିପାରେ।

**ସିଂହ**
କର୍ମକ୍ଷେତ୍ରରେ କିଛି ନୂତନ ପଦକ୍ଷେପ ନେବା ପୂର୍ବରୁ ଭଲଭାବରେ ଚିନ୍ତାକରନ୍ତୁ । ପ୍ରତ୍ୟେକ କଥାରେ ଭୟ ଓ ଆଶଙ୍କା କାରଣରୁ କୌଣସି କାର୍ଯ୍ୟ କରିପାରିବେ ନାହିଁ। ନିଜ ଲୋକମାନଙ୍କଠାରୁ ଯାହା ଓ ଯେତିକି ପରିମାଣରେ ପାଇବା କଥା ତାହା ପାଇବା କଷ୍ଟକର ହୋଇପଡ଼ିବ । ଆଗାମୀ ମାଙ୍ଗଳିକ କାମ ସକାଶେ ବ୍ୟସ୍ତତା ବୃଦ୍ଧି ପାଇପାରେ।

**କନ୍ୟା**
ନିଜେ ରହୁଥିବା ପରିବେଶର ସ୍ଥାନୀୟ ବ୍ୟକ୍ତି ବିଶେଷଙ୍କ ଦ୍ୱାରା ଉପକୃତ ହେବେ। ବିଭିନ୍ନ ପ୍ରକାର ସମସ୍ୟା ସମାଧାନର ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, କଳା, ସାହିତ୍ୟ, ସାମ୍ବାଦିକତାରେ ଉନ୍ନତି ଘଟିବ। ସତ୍‌ସଙ୍ଗ କିମ୍ବା ନାମ ସଂକୀର୍ତ୍ତନରେ ନିଜକୁ ହଜାଇ ଦେଇପାରନ୍ତି।

**ତୁଳା**
କୌଣସି ନୀଚ ଜାତିର ବ୍ୟକ୍ତି ସହ କଳହ ଲାଗିପାରେ। ଆନୁଷ୍ଠାନିକ କ୍ଷେତ୍ରରେ, ସଭା ସମିତିରେ, କଚେରି ମାମଲା ତଥା ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ। ଆଗାମୀ ମାଙ୍ଗଳିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିପାରନ୍ତି। ଘର ସାଜସଜ୍ଜା, ମୂଲ୍ୟବାନ୍ ଜିନିଷ କିଣିବା, ନୂତନ ଗୃହ ନିର୍ମାଣ, ଯାନ ମରାମତି ପ୍ରଭୃତିରେ ସମୟ କଟିପାରେ।

**ବିଛା**
ଆଜି ଯେଉଁ କାମ ଆରମ୍ଭ କରିବାକୁ ଯାଉଛନ୍ତି, ତାହା ସାମାନ୍ୟ ବ୍ୟତିକ୍ରମ ଭିତରେ ସଫଳ ହେବ। ପାରିବାରିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ । ଭୁଲ୍ ବୁଝାମଣା ଯୋଗୁ କର୍ମକ୍ଷେତ୍ରରେ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ଜମିଜମା କାରବାର, ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ସୃଷ୍ଟି ହୋଇପାରେ।

**ଧନୁ**
ମନ ବୁଝିଲା ଭଳି କଥା କହି ପ୍ରତ୍ୟେକ ପରିସ୍ଥିତିକୁ ସରଳୀକୃତ କରିବାରେ ସମର୍ଥ ହେବେ। ସଭାସମିତିରେ ଅନ୍ୟର ମତକୁ ସମ୍ମାନ ଦେଲେ ଅପେକ୍ଷାକୃତ ସଫଳତା ପାଇପାରନ୍ତି । ପ୍ରଶାସନିକ ସ୍ତରରେ କୌଣସି ବିବାଦ ଓ ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ। ରଚନାତ୍ମକ କାମ, କଳା, ସାହିତ୍ୟାଦିରେ ଆତ୍ମସନ୍ତୋଷ ମିଳିବ।

**ମକର**
ଯେତେ ପ୍ରକାର କାମ କଲେ ମଧ୍ୟ ପ୍ରତିବନ୍ଧକ ଯୋଗୁ ଅଗ୍ରଗତି ହୋଇପାରିବ ନାହିଁ। ଭଲ କଥା କହିଲେ ମଧ୍ୟ ବନ୍ଧୁମାନଙ୍କ ସହ ସମ୍ପର୍କ ହାନି କାରଣରୁ ଚିନ୍ତା ପ୍ରକଟ କରିବେ । ପ୍ରଶାସନିକ ସ୍ତରରେ ସମସ୍ୟା ସମାଧାନର ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ। ପରିବାରରେ ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନା କରିପାରନ୍ତି।

**କୁମ୍ଭ**
ଆଜିର ପ୍ରତ୍ୟୁଷ ଯାତ୍ରା ପ୍ରୀତିପ୍ରଦ ରହିବା ସାଙ୍ଗକୁ ନୂତନ ସ୍ଥାନ ପରିଦର୍ଶନର ସୁଯୋଗ ଲାଭ କରିବେ। ବନ୍ଧୁମାନଙ୍କ ସହାୟତାରେ ପାରିବାରିକ କ୍ଷେତ୍ର ବୁଝାମଣାରେ ଶୃଙ୍ଖଳିତ ହେବ। ନୂତନ ଯୋଜନା, ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନରେ ସଫଳତା ମିଳିବ। ଅର୍ଥ ସମ୍ପର୍କିତ କୌଣସି ବିବାଦ ବୃଦ୍ଧି ପାଇବ।

**ମୀନ**
ଆଜି ଆପଣଙ୍କ କଥା ଓ ଗୌରବଗାଥା ବନ୍ଧୁମାନଙ୍କ ମୁଖମଣ୍ଡନ କରିବ। ଆନୁଷ୍ଠାନିକ କାମ ଓ ସଭା ସମିତି ପ୍ରଭୃତି କାର୍ଯ୍ୟରେ ହାତଦେଇ କୃତକାର୍ଯ୍ୟ ହେବେ। ପ୍ରକାଶନ ଓ ପ୍ରଶାସନିକ ସ୍ତରରେ ସମସ୍ୟାର ସରଳ ସମାଧାନ କରିବାରେ ସଫଳ ହେବେ। ନୂତନ ଗୃହ, ଯାନବାହନାଦି ଯାନ୍ତ୍ରିକ ଦ୍ରବ୍ୟ ଲାଭ ହୋଇପାରେ।

ପ୍ରତ୍ୟେକ ବସ୍ତୁରେ, ପ୍ରତ୍ୟେକ କ୍ଷେତ୍ରରେ, ପ୍ରତିଟି ସଂପର୍କରେ ସତ୍ୟକୁ ପରିପୂର୍ଣ୍ଣ ଛନ୍ଦ ସହ ବିକଶିତ କରିବାକୁ ହେବ ଏବଂ ଜୀବନର ପ୍ରତିଟି ଗତିବୃତ୍ତି ସୌନ୍ଦର୍ଯ୍ୟ ଓ ସଂଗତିର ପ୍ରକାଶକ ହେବା ଉଚିତ। –ଶ୍ରୀମା



# ପ୍ରଧାନମନ୍ତ୍ରୀ ଗଲେ

ଶ୍ରୀଲଙ୍କା ପ୍ରଧାନମନ୍ତ୍ରୀ ମହିନ୍ଦା ରାଜପାକ୍ସେ ଶେଷରେ ୯ ମେ'ରେ ପଦରୁ ଇସ୍ତଫା ଦେଇଛନ୍ତି। ଶ୍ରୀଲଙ୍କାରେ ସଙ୍କଟ ଦେଖାଦେବାଠାରୁ ଦେଶବାସୀ ପ୍ରଧାନମନ୍ତ୍ରୀ ମହିନ୍ଦା ଓ ରାଷ୍ଟ୍ରପତି ଗୋଟାବାୟା ରାଜପାକ୍ସେଙ୍କ ଇସ୍ତଫା ଲାଗି ଅଡ଼ି ବସିଥିଲେ। ଦ୍ୱିତୀୟ ଥର ଲାଗି ଶ୍ରୀଲଙ୍କାରେ ଜାତୀୟ ଜରୁରିକାଳୀନ ପରିସ୍ଥିତି ଲାଗୁ କରାଯିବା ପରେ ଦେଶବ୍ୟାପୀ ବ୍ୟାପକ ହିଂସାକାଣ୍ଡ ଘଟିଛି। ଏଥିରେ ୭୬ ଜଣ ଆହତ ହୋଇଛନ୍ତି ଓ ରାଜନୈତିକ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିବାରୁ ପ୍ରବଳ କ୍ଷତି ଘଟିଛି। ଦେଶ ଅରାଜକତା ଆଡ଼କୁ ଗତି କରୁଥିବା ଦେଖି ପ୍ରଧାନମନ୍ତ୍ରୀ ମହିନ୍ଦା ରାଜପାକ୍ସେ ଇସ୍ତଫା ଦେଇଥିବା କୁହାଯାଉଛି।

ରାଜପାକ୍ସେ ପରିବାର ଦେଶର ସମୁଦାୟ ଶାସନକୁ ଗୋଟିଏ ଜାଗାରେ ଠୁଳକରି ଦେଇଥିବାରୁ ଅସନ୍ତୋଷ ବୃଦ୍ଧି ପାଇଆସିଛି। ଅନେକ ମାସ ଧରି ଲୋକେ ଖାଦ୍ୟ ଓ ରନ୍ଧନ ସାମଗ୍ରୀ ଏବଂ ଔଷଧପତ୍ର ପାଇବାରୁ ବଞ୍ଚିତ ହୋଇଛନ୍ତି। ବିଦେଶରୁ ଆଣିଥିବା ଋଣର ୭ ବିଲିୟନ ଡଲାର କେବଳ ଚଳିତ ବର୍ଷ ଶୁଝିବାକୁ ଥିବା ବେଳେ ଶ୍ରୀଲଙ୍କା ଅକ୍ଷମତା ପ୍ରକାଶ କରିଛି। ଉଲ୍ଲେଖଯୋଗ୍ୟ ଯେ, ୨୦୨୬ ସୁଦ୍ଧା ଦେଶ ୨୫ ବିଲିୟନ ଡଲାର ବିଦେଶୀ ଋଣ ଶୁଝିବାକୁ ଅଛି। ନିଜ ଦେଶକୁ ଚଳାଇବାରେ ସକ୍ଷମ ହେଉ ନ ଥିବା ଶ୍ରୀଲଙ୍କା ବାହ୍ୟ ଋଣ ଶୁଝିବା ସ୍ଥିତିରେ ନ ଥିବାରୁ ଏହି ଦ୍ୱୀପରାଷ୍ଟ୍ର ଏକ ପ୍ରକାର ଦେବାଳିଆ ହୋଇଯାଇଛି। କୋଭିଡ୍-୧୯ ପରେ ଏହାର ପର୍ଯ୍ୟଟନ କ୍ଷେତ୍ର ସମ୍ପୂର୍ଣ୍ଣ ଭାବେ ମାଡ଼ ଖାଇଯାଇଥିଲା। କଳମ୍ବୋ ଦୁଃଖ ବଢ଼ାଇ ଦେଇଥିଲା ସେଠାକାର କୃଷି ନୀତି। ସରକାର ସମ୍ପୂର୍ଣ୍ଣ ଭାବେ ଜୈବିକ ଚାଷକୁ ଲକ୍ଷ୍ୟ ପ୍ରଦାନ କରିବାରୁ ଏହାର ଖାଦ୍ୟ ଉତ୍ପାଦନ ଉପରେ ଚଡ଼କ ପଡ଼ିଲା। ଚାଷ ଜମିରେ ରାସାୟନିକ ସାର ବ୍ୟବହାର କରାଯାଉଥିବାରୁ ଉତ୍ପାଦନ ବୃଦ୍ଧି ପାଉଥିଲା ଓ ସେଠାକାର ଲୋକଙ୍କୁ ଖାଦ୍ୟ ନିରାପତ୍ତା ମିଳିପାରୁଥିଲା। ଏକାଥରକେ ଏକ ନୂଆ ପରୀକ୍ଷଣ କରିବାକୁ ଯାଇ ଶ୍ରୀଲଙ୍କା ସରକାର ଜୈବିକ ଚାଷକୁ ବାଧ୍ୟତାମୂଳକ କରିଦେଇଥିଲେ। ଫଳରେ ଖାଦ୍ୟସାମଗ୍ରୀ କମିଗଲା ଓ ଲୋକେ ଖାଇବାକୁ ପାଇଲେ ନାହିଁ। ଏହି ଚାହିଦା ମେଣ୍ଟାଇବା ସକାଶେ ସରକାରଙ୍କ ନିକଟରେ ଅର୍ଥ ନ ଥିବାରୁ ଖାଦ୍ୟଶସ୍ୟ ଆମଦାନୀ କରାଯାଇପାରୁ ନାହିଁ। ଏଥିସହିତ ରାଜପାକ୍ସେ ପରିବାର ରାଜକୋଷକୁ ଲୁଟି ନେଇଥିବା ଅଭିଯୋଗ ସ୍ଥିତିକୁ ଆହୁରି ସଙ୍ଗିନ କରିଦେଇଛି।

> **ଶ୍ରୀଲଙ୍କାରେ ରାଜପାକ୍ସେ ପରିବାରର ତିନି ଭାଇଙ୍କ ସମେତ ଅନ୍ୟ ସମ୍ପର୍କୀୟ ରାଷ୍ଟ୍ରର ସମ୍ପୂର୍ଣ୍ଣ କ୍ଷମତାକୁ ଅକ୍ତିଆର କରିନେଇଥିଲେ। ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ଅର୍ଥମନ୍ତ୍ରୀ ଭଳି ପଦବୀ ଯେଉଁ ପରିବାର ନିକଟରେ ଠୁଳ ହୁଏ, ସେଠାରେ ପ୍ରଶାସନ ଦେଶ ପରିବର୍ତ୍ତେ ପରିବାର ସ୍ୱାର୍ଥକୁ ଦେଖେ।**

ଗୋଟେ ସରକାର ଦେବାଳିଆ ସ୍ଥିତିକୁ ଆସିବାରେ ଏହାର ଶାସକ ମୁଖ୍ୟତଃ ଦାୟୀ। ଶ୍ରୀଲଙ୍କାରେ ରାଜପାକ୍ସେ ପରିବାରର ତିନି ଭାଇଙ୍କ ସମେତ ଅନ୍ୟ ସମ୍ପର୍କୀୟ ରାଷ୍ଟ୍ରର ସମ୍ପୂର୍ଣ୍ଣ କ୍ଷମତାକୁ ଅକ୍ତିଆର କରିନେଇଥିଲେ। ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ଅର୍ଥମନ୍ତ୍ରୀ ଭଳି ପଦବୀ ଯେଉଁ ପରିବାର ନିକଟରେ ଠୁଳ ହୁଏ, ସେଠାରେ ପ୍ରଶାସନ ଦେଶ ପରିବର୍ତ୍ତେ ପରିବାର ସ୍ୱାର୍ଥକୁ ଦେଖେ। ଏକ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଏହା ଆଦୌ ଗ୍ରହଣୀୟ ନୁହେଁ। ଇଂଲିଶରେ ପ୍ରବାଦ ରହିଛି–'ପାୱାର କରପ୍ଟସ, ଆବସଲ୍ୟୁଟ ପାୱାର କରପ୍ଟସ ଆବସଲ୍ୟୁଟଲି'। ଅର୍ଥାତ୍ କ୍ଷମତା ଆଣେ ଦୁର୍ନୀତି ଓ ସମ୍ପୂର୍ଣ୍ଣ କ୍ଷମତା ସମ୍ପୂର୍ଣ୍ଣ ଭାବେ ଦୁର୍ନୀତିଗ୍ରସ୍ତ କରିଦିଏ। ସମ୍ଭବତଃ ରାଜପାକ୍ସେ ପରିବାର ଏହି ଆପ୍ତବାକ୍ୟ ପାଇଁ ପ୍ରଯୁଜ୍ୟ। ଏବେ ଶ୍ରୀଲଙ୍କା ପ୍ରଧାନମନ୍ତ୍ରୀ ଇସ୍ତଫା ଦେବା ଦେଶବାସୀଙ୍କ ଅସନ୍ତୋଷର ପ୍ରତିଫଳନ।

ଆଜିର ପୃଥିବୀରେ ଅନେକ ଗଣତାନ୍ତ୍ରିକ ଦେଶରେ ଭୋଟ ମାଧ୍ୟମରେ ଏକଚ୍ଛତ୍ରବାଦୀ ନେତା ନିର୍ବାଚିତ ହୋଇ ମନମୁଖି କାର୍ଯ୍ୟ କରୁଛନ୍ତି। ଶ୍ରୀଲଙ୍କାର ରାଜପାକ୍ସେ, ଫିଲିପାଇନ୍ସର ରୋଡ୍ରିଗୋ ଡୁଟେର୍ଟେ, ବ୍ରାଜିଲର ଜୈର ବୋଲସେନାରୋ ଏବଂ ରୁଷିଆର ଭ୍ଲାଡିମିର ପୁଟିନ୍‌ଙ୍କ ଭଳି ନେତା ଏବେ ବିଶ୍ୱବ୍ୟାପୀ ମାଳମାଳ। ଭୋଟରେ ଜିତିଗଲେ ସେମାନଙ୍କ ସବୁ କୁକର୍ମକୁ ତାଙ୍କର ସମର୍ଥକମାନେ ଜୋରଜବରଦସ୍ତ କରି ଘୋଡ଼ାଇ ଦେଉଛନ୍ତି। ଜନସାଧାରଣ ନୀରବ ରହିଯିବା ଫଳରେ ଏହିଭଳି ନେତାମାନଙ୍କର ମନଇଚ୍ଛା ଦୁଷ୍ଟ କାର୍ଯ୍ୟ ବୃଦ୍ଧି ପାଇବାରେ ଲାଗୁଛି। ଏମାନଙ୍କ ଦ୍ୱାରା ନିଜ ଦେଶର ଅର୍ଥନୈତିକ ଓ ସାମାଜିକ କ୍ଷତି ଅଭୂତପୂର୍ବ ରୂପ ଧାରଣ କରୁଛି। ଏହି ନେତାମାନଙ୍କୁ ପରବର୍ତ୍ତୀ ସମୟରେ ବିଦା କରିଦେଲେ ମଧ୍ୟ ସେମାନଙ୍କ ଦ୍ୱାରା ଘଟାଯାଇଥିବା ଦେଶ ପ୍ରତି ଦୁଷ୍କର୍ମର ପ୍ରତିକାର କରାଇବା ଅତ୍ୟନ୍ତ କଷ୍ଟକର ହେବ।

# ଚାଉଳ କେବେ ମହଙ୍ଗା ହେବ



ମନୋରଞ୍ଜନ ପଟ୍ଟନାୟକ

ୟଙ୍ଗ୍ ଇଣ୍ଡିଆରେ ଗାନ୍ଧିଜୀ ଲେଖିଥିଲେ, ୧୯୨୩ ମାର୍ଚ୍ଚ ୨୬ ଦିନ ସେ ପୁରୀ ବଡ଼ଦାଣ୍ଡରେ ଦୁର୍ଭିକ୍ଷ ପ୍ରପୀଡ଼ିତମାନଙ୍କ ଗହଣରେ ଉପସ୍ଥିତ ଥାଆନ୍ତି। ପୀଡ଼ିତମାନେ କରୁଣ ସ୍ୱରରେ ରଡ଼ି ପକାଉଥାନ୍ତି ଆମକୁ ଖାଇବାକୁ ଦିଅ, ପଚାରୁଥାନ୍ତି 'ଚାଉଳ କେବେ ଶସ୍ତା ହେବ'? ପାଖାପାଖି ଶହେ ବର୍ଷ ପରେ, ଆଜି ବି ଓଡ଼ିଆଙ୍କ ପାଖରେ ଚାଉଳ କିଣିବାକୁ ସମ୍ବଳ ନାହିଁ। ସରକାର ଟଙ୍କିକିଆ ଚାଉଳ ଦେଉଛନ୍ତି। ଯଦି 'ସିଏମ୍ଆଇଇ' ତଥ୍ୟ ଅନୁଯାୟୀ, ଓଡ଼ିଶାରେ ବେରୋଜଗାର ସୂଚକାଙ୍କ ଅନ୍ୟ ରାଜ୍ୟ ତୁଳନାରେ ସବୁଠୁ ତଳେ ଓ ହରିୟାଣାରେ ୨୫.୭% ବେକାରି ଥିବାବେଳେ ଓଡ଼ିଶାରେ ମାତ୍ର ୧.୪୭% ବେକାରି, ତେବେ ଏ ଟଙ୍କିକିଆ ଚାଉଳର ଆବଶ୍ୟକତା କ'ଣ?

ସରକାର ଗରିବ ଶ୍ରେଣୀର ଲୋକଙ୍କ ଖାଦ୍ୟ ସୁରକ୍ଷା ପାଇଁ ଘୋଷଣା କଲେ, ୮ ଲକ୍ଷ ୯୦ ହଜାର ହିତାଧିକାରୀଙ୍କୁ ଆହୁରି ୬ ମାସ ପର୍ଯ୍ୟନ୍ତ ମାଗଣାରେ ଅତିରିକ୍ତ ୫ କେଜି ଲେଖାଏଁ ଚାଉଳ ମିଳିବ। ସରକାର ଶସ୍ତା ଚାଉଳ ତ ଯୋଗେଇ ଦେଲେ। ଲୋକଙ୍କର ଖାଇବା ଚିନ୍ତା ନାହିଁ କି ଚାଷ ଚିନ୍ତା ବି ନାହିଁ। ଏମିତିବି ଧାନଚାଷରୁ ଲୋକେ ମୁହଁ ଫେରେଇଲେଣି। ଖର୍ଚ୍ଚ ପଇସା ଉଠୁନି। ଭାଗଚାଷ କରିବାକୁ ଲୋକେ ଅମଙ୍ଗ। ଜମି ମାଲିକର ଜମି ପଡ଼ିଆ ପଡୁଛି। ରିଅଲ ଇଷ୍ଟେଟ ବାଲା ଗାଁ ଗାଁରେ ଆସି ଶସ୍ତାରେ ଜମି କିଣି ନେଉଛନ୍ତି। ଚାଷଜମି ଗୁଣ୍ଠକୁ ଚାରି ହଜାରରେ ଲୋକେ କିଣୁ ନାହାନ୍ତି। ହେଲେ ଜମିରୁ ପଥର କାଟିବା ପାଇଁ ମାଣକୁ ଦୁଇ ଲକ୍ଷ ମିଳୁଛି। ଜମି ମାଲିକ ନିଜ ଜମି ପଥର ଖଣି କରିବାକୁ ଦେଇ, ଦୁଇ ଲକ୍ଷ ହାତେଇ ନେଉଛି।

ଦେଖିଲେ ଦୁଃଖ ଲାଗୁଛି, ଚିନ୍ତା ବି ଲାଗୁଛି। ଏହାର ଭବିଷ୍ୟତ କ'ଣ? ବିସ୍ତୀର୍ଣ୍ଣ ସବୁଜ ଚାଷ ଜମି ଲୋପପାଇ ଆସିଲାଣି। ତା' ଜାଗାରେ ଛିଡ଼ାହୋଇଛି ନିର୍ଜୀବ ମାଙ୍କଡ଼ା ପଥର ଗଦା। ଯେଉଁଆଡେ ଦେଖିବ ପଥର ଖଣି, ପଥର ଖୁଣ୍ଟି ଓ ତାରବାଡ଼। ଖଳା ବାଡ଼ିରେ ଆଉ କଳେଇ ଗଦା ନାହିଁ। ଗୁହାଳ ନାହିଁ କି ଗାଈ ବଳଦ ନାହାନ୍ତି। ନଡା କୁଟା ଆଉ ଘରକୁ ଆସୁନି। ବିଲରେ ଜଳୁଛି। ସବୁ କାମ ମେଶିନ କରୁଛି। ବଳଦ ସାଙ୍ଗରେ ମଣିଷ ବି ଅଲୋଡ଼ା ହୋଇଛି।



ମଣିଷ ହାତରେ କାମ ନାହିଁ। ମନରେଗା ସ୍କିମରେ ରୋଜଗାରର ସୁଯୋଗ ସୃଷ୍ଟି କରାଯାଉଛି ସତ, ହେଲେ ଗାଁର ପ୍ରକୃତ ଚିତ୍ର ଭିନ୍ନ। ଏ କଥା ଚର୍ଚ୍ଚା ହେଉଛି, ଦିନ ମଜୁରିଆ ସେ ସୁଯୋଗ ହାତେଇ ପାରୁନି। ମଣିଷ ବଦଳରେ ମେଶିନ କାମ କରୁଛି। ବ୍ୟାଙ୍କ ଖାତାରେ ପଇସା ପଶୁଛି ଓ ବାହାରୁଛି। ହେଲେ ମଣିଷର ପେଟ ପୂରୁନି। ମେଶିନ ଡିଜେଲ ପିଇ ପେଟ ଭରୁଛି। କିଏ ଜଣେ କହୁଥିଲା, ଦିନ ମଜୁରିଆର ବ୍ୟାଙ୍କ ଖାତା ତା' ପାଖରେ ନାହିଁ। ତାକୁ ଆଉ କିଏ ଲୁଟୁଛି। କିଛି ଦିନ ହେଲା ଭିଜିଲାନ୍ସ ହାତରେ ଧରା ପଡ଼ିଥିବା ସରକାରୀ ବାବୁ ତଥା ସେବକମାନଙ୍କ ସମ୍ପତ୍ତି ତାଲିକା ଦେଖିଲେ ଜଣାପଡ଼େ, ନିଶ୍ଚିତ ରୋଜଗାର କାହା ହାତରେ। ଓଡ଼ିଶାର ବେରୋଜଗାର ସୂଚକାଙ୍କର ପ୍ରକୃତ ଚିତ୍ର କେମିତି। ଯୋଜନା କେମିତି ବାଟବଣା ହୋଇଛି। ଏଠି ପ୍ରଶ୍ନ ଉଠୁଛି, ଏମିତି କେତେ ଦିନ? ପାନ ଖାଇବା ବଦଳରେ ଏ ମଣିଷ ପାନେ ଖାଇବନି ତ।

ପିଲାବେଳେ ପଢ଼ିଥିଲେ, ''ଚାଷ କାମ ଯାହାର, କେତେ ସୁଖ ତାହାର, ସିଏ ସିନା ଦୁନିଆକୁ ଯୋଗାଉଛି ଆହାର!'' ହେଲେ ଏବେ ଚାଷୀର ଆଉ ସେ ସୁଖ ନାହିଁ। ତା' ଜମି ଆଉ ଧାନ ଦଉନି, ତା' ଗାଈ ଆଉ କ୍ଷୀର ଦଉନି। ସେ ତା' ବଉଳାକୁ କଂସେଇ ହାତରେ ଆଉ ଚାଷ ଜମିକୁ ପଥର କଟାଳି ହାତରେ ଟେକି ଦେବାକୁ ଶ୍ରେୟ ମଣୁଛି। ସେ ଭଲ ଦି' ପଇସା ପାଇବା ମୋହରେ ନିଜ ଭବିଷ୍ୟତକୁ ଅନ୍ଧାର ଭିତରକୁ ଠେଲି ଦେଉଛି। ଶସ୍ତା ଚାଉଳ ଖାଇବାଟା ତା' ଅଭ୍ୟାସରେ ପଡ଼ିଗଲାଣି ଯେତେବେଳେ, ଖଟି ଖାଇବାକୁ ତା'ର ମନ ବଳୁନି ଯେମିତି। ଅର୍ଥନୈତିକ ସର୍ଭେ ରିପୋର୍ଟ ତଥ୍ୟ ଅନୁସାରେ, ୨୦୨୧-୨୨ ସୁଦ୍ଧା ୨୦୧୧-୧୨ ତୁଳନାରେ ମୁଣ୍ଡ ପିଛା ଆୟ ଦୁଇଗୁଣ ବୃଦ୍ଧି ପାଇଛି। ଯଦିବି ସରକାରଙ୍କ ତଥ୍ୟ ଅନୁସାରେ, ଆମର ମୁଣ୍ଡ ପିଛା ଆୟ ବୃଦ୍ଧି ପାଇଁ ୧.୨୭ ଲକ୍ଷ ହେଲାଣି, ଚାଷୀର ଆୟ କେତେ? ଆମ ରାଜ୍ୟରେ କୃଷି ଉପରେ ନିର୍ଭର କରି ଚଳୁଥିବା ଜନସଂଖ୍ୟା ମୋଟ ଜନସଂଖ୍ୟାର ୬୨ ପ୍ରତିଶତ। ତେବେ ଆମେ ଧନୀ ନା ଦରିଦ୍ର।

ଚାଷୀ ଏଠି ଦୟାର ପାତ୍ର ହୋଇ ମାଗଣା ଚାଉଳ ପାଇ ଖୁସି ହେଉଛି। ବଞ୍ଚି ଯାଉଛି। ନ ହେଲେ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଚାଲିଯାଉଛି। ଶିଳ୍ପପତି, ଠିକାଦାର, ଖଣି ବେପାରୀ, ମନ୍ତ୍ରୀ, ବିଧାୟକ, ସରକାରୀ କର୍ମଚାରୀ ପ୍ରମୁଖ ଉପରସ୍ତରର ଲୋକଙ୍କର ଧନ ବଢୁଛି। ଚାଷୀର ବିକାଶ ଘଟୁନି, ବରଂ ଧନିକ ଶ୍ରେଣୀର ଧନ ବଢୁଛି। ଚାଷୀ ମଣ୍ଡିରେ ଧାନ ବିକି ନ ପାରି ଦଲାଲକୁ ଧାର୍ଯ୍ୟ ମୂଲ୍ୟଠାରୁ କମ୍ ଦରରେ ବିକିବାକୁ ବାଧ୍ୟ ହେଉଛି। ଏ ବିକାଶରେ ଖୁସି ହେବାର ଅଛି କ'ଣ? କେତେଦିନ ଆମେ ଆନ୍ଧ୍ର ଓ ପଶ୍ଚିମବଙ୍ଗ ଉପରେ ନିର୍ଭର କରି ବଞ୍ଚିବା? ଚାଷୀ ପାଇଁ ଦୀର୍ଘକାଳୀନ ତଥା ସ୍ଥାୟୀ ସମାଧାନର ଆବଶ୍ୟକତା ଅଛି। ଜଳସେଚନ ଓ ଶୀତଳଭଣ୍ଡାରର ଆବଶ୍ୟକତା ଅଛି। ଅଧିକ ଅମଳ ତଥା ଆୟବୃଦ୍ଧି ପାଇଁ ଅର୍ଥକରୀ ଫସଲ ଓ ଚାଷ ପ୍ରଣାଳୀ ସମ୍ପର୍କିତ ତାଲିମର ଆବଶ୍ୟକତା ରହିଛି। ଚାଷୀ ମନରେ ଚାଷ ପ୍ରତି ମରିଯାଇଥିବା ଆଗ୍ରହକୁ ପୁନର୍ଜୀବିତ କରିବା ସହିତ ସ୍ୱାବଲମ୍ବୀ ହେବା ପାଇଁ ସହଯୋଗର ଆବଶ୍ୟକତା ଅଛି। ଏହା ସହିତ ଚାଷୀ କିପରି ତା' ପରିଶ୍ରମର ମୂଲ୍ୟ ପାଇବ ଓ ଋଣଯନ୍ତାରୁ ମୁକୁଳିବ ସେଥିପ୍ରତି ଧ୍ୟାନ ଦିଆଯିବା ଦରକାର।

ଏଠି ଭାବିବାର ସମୟ ଆସିଛି, ପଚାରିବାର ସମୟ ଆସିଛି, ଚାଷୀ କେବେ ତା' ଫସଲର ଉଚିତ ମୂଲ୍ୟ ପାଇବ? କେବେ ଆଉ ତାକୁ ଅଭାବୀ ବିକ୍ରି କରିବାକୁ ପଡ଼ିବ ନାହିଁ? ଚାଷୀ କେବେ ସ୍ୱାବଲମ୍ବୀ ହେବ? ଗାଁରେ ଚାଷୀ ତା' ଚାଉଳ ବିକି ପାରୁନି। ପ୍ରାୟ ଲୋକଙ୍କ ପାଖରେ ଟଙ୍କିକିଆ ଚାଉଳ। କିଣିବ କିଏ। ଚାଷୀ ମନରେ ପ୍ରଶ୍ନ, ଚାଉଳ କେବେ ମହଙ୍ଗା ହେବ? ଅଧିକ ଦରରେ ସେ ଚାଉଳ ବିକିବ, ତା' ଚାଷର ମୂଲ୍ୟ ମିଳିବ। ହେଲେ ଯାଇ ଚାଷୀ ଚାଷ କରିବ। ଚାଷରୁ ଲାଭ କରିବ। ଟଙ୍କିକିଆ ଚାଉଳ ଛାଡ଼ି ନିଜ ଜମିର ଚାଉଳ ଖାଇବ। ତା' ସବୁଜ କ୍ଷେତ ପୁଣି ହସି ଉଠିବ।

**ଧଉଳିମୁହଁ, ଖୋର୍ଦ୍ଧା**
**ମୋ:୯୪୩୭୫୨୦୮୦୦**

# ଦେହ କ'ଣ ଧର୍ମଶାଳା



ଡ.ନରେନ୍ଦ୍ର ପ୍ରସାଦ ଦାସ

ଆମ ଦେହରେ ଆମ ଅଜାଣତରେ ଲକ୍ଷ ଲକ୍ଷ ଅଣୁଜୀବ ବାସ କରୁଛନ୍ତି କହିଲେ ହୁଏତ ଆମ ଭିତରୁ ଅନେକ ବିଶ୍ୱାସ କରିବେ ନାହିଁ। ବ୍ୟାକ୍ଟେରିଆ, ଫିମ୍ପିଜାତୀୟ କବକ, ନାଳଖାଡ଼ା କି ମ୍ୟାଲେରିଆ କରାଉଥିବା ଜୀବାଣୁ, କାଛୁ ଜୀବାଣୁ, ହୁକ୍‌ୱର୍ମ, ଗୋଦରକୃମି, ଭାଇରସ୍ ଇତ୍ୟାଦି ଅଣୁଜୀବଗୋଷ୍ଠୀ ଅନ୍ତର୍ଭୁକ୍ତ। ଅଣୁଜୀବମାନେ ବିଭିନ୍ନ ଜୀବଙ୍କ ଦେହରେ ରହିବା ସହିତ ଜଳ, ସ୍ଥଳ ଓ ଆକାଶରେ ମଧ୍ୟ ରହିଥାଆନ୍ତି। ଅଣୁଜୀବମାନଙ୍କ ମଧ୍ୟରୁ କେତେକ ଆମଠାରେ, ଉପକାରୀ ଗଛଲତାଙ୍କଠାରେ, ଗାଈଗୋରୁ, ଛେଳିମେଣ୍ଢା, କୁକୁର ବିଲେଇ, କୁକୁଡ଼ା ବତକଙ୍କଠାରେ ଅନେକ ପ୍ରକାର ରୋଗ କରିଥାଆନ୍ତି। ଆଉ କେତେକ ଉପକାର ବି କରିଥାଆନ୍ତି। ଯକ୍ଷ୍ମା, ଟାଇଫଏଡ୍, ନିମୋନିଆ, କୁଷ୍ଠ, ଡିପ୍‌ଥେରିଆ, ଲହରାକାଶ ଭଳି କେତେକ ରୋଗ ବ୍ୟାକ୍ଟେରିଆଙ୍କ ଯୋଗୁ ଆମକୁ ବା ଆମ ପିଲାଙ୍କୁ ହୋଇଥାଏ। ପୁଣି କେତେକ ବ୍ୟାକ୍ଟେରିଆଙ୍କ ପାଇଁ ଆମ ଦେହରେ କେତେକ ଭିଟାମିନ୍ ତିଆରି ହେବା, ଖାଦ୍ୟ ହଜମ ହେବା, ଝାଡ଼ା ପରିଷ୍କାର ହେବା ଭଳି କାମ ସହଜ ହୋଇଥାଏ। ଦୁଧକୁ ଦହି କରିବାରେ ମଧ୍ୟ ବ୍ୟାକ୍ଟେରିଆ ସାହାଯ୍ୟ କରେ। ପୃଥିବୀର ପ୍ରଥମ ଆଣ୍ଟିବାୟୋଟିକ ପେନ୍‌ସିଲିନ କବକ ବା ଫିମ୍ପିରୁ ତିଆରି ହୋଇଥିଲେ ବି କେତେକ ଆଣ୍ଟି ବାୟୋଟିକ ମଧ୍ୟ ବ୍ୟାକ୍ଟେରିଆଙ୍କଠାରୁ ତିଆରି ହୋଇଥାଏ।

କେତେକ ବ୍ୟାକ୍ଟେରିଆ ଆମର କ୍ଷତି କଲାବେଳେ ଆଉ କେତେକ ଉପକାର ମଧ୍ୟ କରିଥାଆନ୍ତି। ତାହାଛଡ଼ା ଆମଠାରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସାହାଯ୍ୟକରି ବିପଜ୍ଜନକ ବ୍ୟାକ୍ଟେରିଆ ଓ ଭାଇରସ୍‌ଙ୍କ କବଳରୁ ଆମକୁ ରକ୍ଷା କରିବାରେ ମଧ୍ୟ ସାହାଯ୍ୟ କରିଥାଆନ୍ତି। ମାତ୍ର ଭାଇରସ୍‌ମାନଙ୍କ ଭିତରୁ ଅଧିକାଂଶ ଆମର କ୍ଷତି ହିଁ କରିଥାଆନ୍ତି। ସର୍ଦ୍ଦିଠାରୁ ଆରମ୍ଭ କରି ମିଳିମିଳା, ହାଡ଼ଫୁଟି, ଏଡ୍ସ, ପୋଲିଓ, ଜଳାତଙ୍କ ପରି ଅନେକ ରୋଗ ଭାଇରସ୍ ବା ଭୂତାଣୁଙ୍କ ପାଇଁ ହୋଇଥାଏ। ଏବେ ତ ଏହି ଭାଇରସ୍ ପାଇଁ ହେଉଥିବା କୋଭିଡ୍ ପୃଥିବୀସାରା ଯେଉଁ ଆତଙ୍କ ଖେଳାଇଛି ତାହା ସମସ୍ତେ ଅଙ୍ଗେ ନିଭାଉଛନ୍ତି। କେତେକ ଭାଇରସ୍ ମଧ୍ୟ କେତେକ ବ୍ୟାକ୍ଟେରିଆଙ୍କୁ ମାରିଦେଇ ଅମର ଉପକାର କରିଥାଆନ୍ତି। ଆଉ କେତେକ ଭାଇରସ୍‌ଙ୍କୁ କ୍ୟାନସର ଓ ଏଡ୍ସ ଭଳି ରୋଗର ଚିକିତ୍ସାରେ ବ୍ୟବହାର କରାଯାଏ।

ଆମ ଦେହରେ ଏପରି ଜାଗା ନାହିଁ, ଯେଉଁଠି ଅଣୁଜୀବ ନାହାନ୍ତି। ପୁରୁଷ ଶରୀରରେ ୧୫ଟି ସ୍ଥାନରେ ଓ ନାରୀ ଶରୀରରେ ୧୮ଟି ସ୍ଥାନରେ ଅଣୁଜୀବମାନେ ସାଧାରଣତଃ ରହନ୍ତି ବୋଲି ଜଣାଯାଇଛି। ଏହି ସ୍ଥାନଗୁଡ଼ିକ ଭିତରେ ଦାନ୍ତ, ପାଟି, ଚମ, ଆଖି, ନାକ, କାଖସନ୍ଧି, ଶ୍ୱାସନଳୀ, ପରିସ୍ରାନଳୀ, ବୃହଦନ୍ତ୍ର, ନାରୀଙ୍କ ଯୋନି, ଡିମ୍ବବାହୀ ନଳୀ, ଗର୍ଭାଶୟ, ସ୍ତନ ଇତ୍ୟାଦି ଅନ୍ତର୍ଭୁକ୍ତ। ଆମମାନଙ୍କ ପୀତନଳୀରେ, ଶୁକ୍ରବାହୀନଳୀରେ ମଧ୍ୟ ଅଣୁଜୀବ ଥାଆନ୍ତି। ପାଟିରେ ତ ୯ଟି ସ୍ଥାନରେ ଅଲଗା ଅଲଗା ଅଣୁଜୀବ ରହିବା ଦେଖାଯାଇଛି। ଦାନ୍ତରେ ରହୁଥିବା ଅଣୁଜୀବ, ପାଟିର



ଲାଳରେ ରହୁଥିବା ଅଣୁଜୀବଙ୍କଠାରୁ ଭିନ୍ନ। ସେହିପରି ନାରୀମାନଙ୍କ ଯୋନିରେ ୩ଟି ପୃଥକ୍ ପୃଥକ୍ ସ୍ଥାନରେ ଅଲଗା ଅଲଗା ଅଣୁଜୀବ ଦେଖାଯାଆନ୍ତି। ତେବେ ବୃହଦନ୍ତ୍ରରେ (ଖାଦ୍ୟନଳୀର ଶେଷଭାଗ) ସବୁଠାରୁ ଅଧିକ ସଂଖ୍ୟକ ଅଣୁଜୀବ ଥାଆନ୍ତି। ପାଟିଠାରୁ ଆରମ୍ଭ ହୋଇ ମଳଦ୍ୱାର ପର୍ଯ୍ୟନ୍ତ ଲମ୍ବିଥିବା ୨୭ ଫୁଟ ଦୀର୍ଘ ଅନ୍ତ୍ରରେ ପ୍ରାୟ ୧୦୦ରୁ ଆରମ୍ଭ କରି ୧୦୦୦ଯାଏ ଅଲଗା ଅଲଗା ଜାତିର ଅଣୁଜୀବ ରହିଥାଆନ୍ତି। ଜଣେ ସୁସ୍ଥ ମଣିଷର ଚମରେ ଓ ଦେହ ଭିତରେ ବାସ କରୁଥିବା ପ୍ରାୟ ୧୦ ହଜାର ଜାତିର ଅଣୁଜୀବଙ୍କୁ ଚିହ୍ନଟ କରାଯାଇଛି। କେବଳ ଚମରେ ଅତିକମ୍‌ରେ ୨୦ ଜାତିର ଅଣୁଜୀବ ବାସ କରୁଥିବା ଜଣାଯାଇଛି। ସେହିପରି ଆଖିକୋଣରେ ୧୦ରୁ ଅଧିକ, ମୂତ୍ରନଳୀରେ ୧୫ରୁ ଅଧିକ, ଶ୍ୱାସନଳୀରେ ପ୍ରାୟ ୩୦ ଜାତିର ଅଣୁଜୀବଙ୍କୁ ଚିହ୍ନଟ କରାଯାଇଛି। କେବଳ କ୍ଷୁଦ୍ରାନ୍ତ୍ରରେ ୧୦ ହଜାର କୋଟି ବ୍ୟାକ୍ଟେରିଆ ରହନ୍ତି ବୋଲି ଗୋଟିଏ ଗବେଷଣାରୁ ଜଣାଯାଇଛି। ଏହି ଦୃଷ୍ଟିରୁ ଭାବିଲେ ଲାଗୁଛି ଆମ ଦେହଟା ଆମର ନା କୋଟି କୋଟି ଅଣୁଜୀବଙ୍କର ଏକ ଧର୍ମଶାଳା!

ଗୋଟିଏ ବିଲେଇ ଦେହରେ ପ୍ରାୟ ୬ କି ୭ କୋଟି ଜୀବକୋଷ ଥିଲାବେଳେ ଜଣେ ସାଧାରଣ ମଣିଷ ଦେହରେ ପ୍ରାୟ ୪୦ ଲକ୍ଷ କୋଟି ଜୀବକୋଷ ଥାଏ। କିନ୍ତୁ ଆମ ଦେହରେ ରହୁଥିବା ଅଣୁଜୀବମାନଙ୍କ ସମୁଦାୟ ଜୀବକୋଷ ମିଶି ପ୍ରାୟ ୧୦୦ ଲକ୍ଷ କୋଟି ବୋଲି ଜଣାଯାଇଛି। ଆମ ଦେହରେ ରହୁଥିବା ଅଣୁଜୀବମାନଙ୍କ ସମ୍ବନ୍ଧରେ ଏତେ ତଥ୍ୟ ଜଣାପଡ଼ିଥିଲେ ସୁଦ୍ଧା ଆହୁରି ଅନେକ କଥା ଠିକ୍ ଭାବରେ ଜଣାଯାଇ ପାରିନାହିଁ। ମଣିଷ-ମଣିଷ ଭିତରେ ଯେମିତି ଅନେକ ପାର୍ଥକ୍ୟ ଦେଖାଯାଏ, ସେହିପରି ଆମ ଦେହରେ ରହୁଥିବା ଅଣୁଜୀବମାନଙ୍କ ମଧ୍ୟରେ ବି ପାର୍ଥକ୍ୟ ଦେଖାଯାଏ। ଏହି ଅଣୁଜୀବମାନେ ଗୋଟିଏ ପିଢ଼ିରୁ ଅନ୍ୟ ପିଢ଼ିକୁ ଆସିଥାଆନ୍ତି କି ନାହିଁ ଠିକ୍ ଜଣାନାହିଁ। କିନ୍ତୁ କେତେକ ଅଣୁଜୀବ ଗୋଟିଏ ପରିବାର ବା ବଂଶର ସଦସ୍ୟମାନଙ୍କଠାରେ ଦେଖାଯାଉଥିବାରୁ ବିଶ୍ୱାସ କରାଯାଉଛି ଯେ, ଦେହରେ ରହୁଥିବା ସମସ୍ତ ଅଣୁଜୀବ ନ ହେଲେ ବି କେତେକ ନିଶ୍ଚୟ ପୂର୍ବ ପିଢ଼ିରୁ ପର ପିଢ଼ିକୁ ଆସୁଥାଇପାରନ୍ତି।

ବ୍ୟକ୍ତିଙ୍କ ବୟସ ବଢ଼ିବା ସହିତ ଗମନାଗମନ, ଭ୍ରମଣ, ସାଧାରଣ ଚଳଣି, ଦୈନନ୍ଦିନ ଜୀବନଯାପନ ପ୍ରଣାଳୀ, ଖାଦ୍ୟ ତଥା ଅନ୍ୟାନ୍ୟ ଅଭ୍ୟାସ ଯୋଗୁ ପାଖ ପରିବେଶରୁ ବିଭିନ୍ନ ଅଣୁଜୀବ ଆମ ଶରୀର ମଧ୍ୟରେ ପ୍ରବେଶ କରି ପୂର୍ବର ଥିବା ଅଣୁଜୀବଙ୍କ ସହ ସାଲିସ୍ କରି ରହିଯାଆନ୍ତି। ଅସୁସ୍ଥତା କାରଣରୁ ଦେହରେ ରହୁଥିବା ଅଣୁଜୀବଙ୍କ ଭିତରେ ପରିବର୍ତ୍ତନ ଘଟିଥାଏ। ବ୍ୟକ୍ତିଙ୍କ ଜିନ୍ ଯୋଗୁ ମଧ୍ୟ ଅଣୁଜୀବ ଓ ସେମାନଙ୍କ ସଂଖ୍ୟାରେ ତାରତମ୍ୟ ଦେଖାଯାଏ। ବ୍ୟକ୍ତିଙ୍କ ଜିନ୍ ଯୋଗୁ ହିତକର ଅଣୁଜୀବଙ୍କ ସଂଖ୍ୟାରେ ବୃଦ୍ଧି କିମ୍ବା ହ୍ରାସ ଘଟି ରୋଗ ହେବା ନ ହେବା ବା ଭଲ ହୋଇଯିବା ଘଟିଥାଏ। ଏହା କେବଳ ଜିନ୍ ଯୋଗୁ କିମ୍ବା ଜିନ୍ ପ୍ରଭାବରେ ପରିବର୍ତ୍ତନ ଘଟିବା ଯୋଗୁ ହୋଇଥାଏ। ଏବେ ବିଶ୍ୱାସ କରାଯାଉଛି ଯେ, ବ୍ୟକ୍ତିର ଚରିତ୍ର, ଆଚରଣ, ରଙ୍ଗଢଙ୍ଗ ଜିନ୍ ଦ୍ୱାରା ନିୟନ୍ତ୍ରିତ ହେଲେ ସୁଦ୍ଧା ଜଣଙ୍କ ଦେହରେ ରହୁଥିବା ଅଣୁଜୀବମାନଙ୍କ ଦ୍ୱାରା ମଧ୍ୟ ପ୍ରଭାବିତ ହୋଇଥାଏ। ତେଣୁ ଖୁସିରେ କୁହାଯାଇପାରେ ଯେ ଜଣକୁ ଜାଣିବାକୁ ଚାହିଁଲେ ତାଙ୍କ ଦେହରେ ରହୁଥିବା ଅଣୁଜୀବମାନଙ୍କୁ ପ୍ରଥମେ ଜାଣିବା ଦରକାର।

**ମୋ: ୯୪୩୭୭୬୩୮୯୨**

## ଏଇ ଭାରତରେ

ନିଷ୍ଠା, ତ୍ୟାଗ ଓ ସମର୍ପଣ ଭାବରେ ସବୁ କ୍ଷେତ୍ରରେ ସଫଳତା ମିଳିଥାଏ। ଏଭଳି ମନ୍ତ୍ରକୁ ଆଧାର କରି ଗୁଜରାଟ ବନାଶକାଣ୍ଠ ଜିଲ୍ଲା ନିବାସୀ ନବଲବେନ୍ ଚୌଧୁରୀ ପଶୁପାଳନ ବିଜ୍‌ନେସରେ ବେଶ୍ ସଫଳତା ପାଇଛନ୍ତି। ଏସିଆର ସବୁଠୁ ବଡ଼ 'ବନାସ ଡାଏରୀ' ପ୍ରତିଷ୍ଠା କରି ପ୍ରତିଦିନ ୧ ହଜାର ଲିଟର ଦୁଗ୍ଧ ବିକ୍ରି କରୁଛନ୍ତି। ମାସକୁ ୮-୯ ଲକ୍ଷ ଟଙ୍କା ହିସାବରେ ବର୍ଷକୁ ପାଖାପାଖି ୧ କୋଟି ଟଙ୍କା ରୋଜଗାର କରୁଛନ୍ତି ନବଲବେନ୍। ସେ ପ୍ରଥମେ ୮-୧୦ଟି ଗାଈଙ୍କୁ ନେଇ ଫାର୍ମ ଆରମ୍ଭ କରିଥିଲେ। ଏବେ ତାଙ୍କ ପାଖରେ ୨୫୦ ଗାଈ ଓ ମଇଁଷି ରହିଛନ୍ତି। ନବଲବେନ୍‌ଙ୍କ ଦିନକାର୍ଯ୍ୟ ସକାଳ ୫ଟାରୁ ଆରମ୍ଭ ହୋଇଥାଏ। ପରେ ଡାଏରୀ ଫାର୍ମର ସବୁକାର୍ଯ୍ୟ ସେ ତଦାରଖ କରନ୍ତି। କ୍ଷୀରକୁ ନେଇ ବନାସ୍ ଡାଏରୀର ଦୁଗ୍ଧ ମଣ୍ଡଳରେ ଜମା କରାଯାଏ। ପଶୁଙ୍କ ଖାଦ୍ୟ ଲାଗି ସେ ୫ ଏକରରେ ଘାସଚାଷ କରିଛନ୍ତି। ସବୁ କାର୍ଯ୍ୟ ସୁରୁଖୁରୁରେ କରିବା ଲାଗି ସେ ୧୫ ଜଣଙ୍କୁ ନିଯୁକ୍ତି ଦେଇଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୦ ମେ ୧୯୯୭

- ଚୀନ୍‌ର ଦକ୍ଷିଣାଞ୍ଚଳ ଶେନ ଝେନ୍ ବିମାନ ବନ୍ଦରରେ ବୋଇଂ ୭୩୭ ଅବତରଣ ବେଳେ ବିମାନରେ ନିଆଁ ଲାଗିଯିବାରୁ ୩୨ ମୃତ।
- ହିମାଚଳ ପ୍ରଦେଶର ହମିରପୁର ଜିଲ୍ଲାରେ ବରଯାତ୍ରୀଙ୍କୁ ନେଇ ଆସୁଥିବା ଟ୍ରକ୍ ରାସ୍ତାରୁ ୨୫୦ ଫୁଟ ତଳକୁ ଖସିପଡ଼ିବାରୁ ୭୧ ଜଣଙ୍କ ମୃତ୍ୟୁ।
- ଓଡ଼ିଆ ସିନେମା, ଥିଏଟର ଜଗତରେ ଇତିହାସ ସୃଷ୍ଟି କରିଥିବା ପ୍ରବାଦ ପୁରୁଷ ବ୍ୟୋମକେଶ ତ୍ରିପାଠୀଙ୍କ ୬୮ ବର୍ଷ ବୟସରେ ପରଲୋକ।

## ଚିରନ୍ତନୀ

ତାପିତ ମରମ ଯେତେ ବିରହୀ
ସବୁ ଜ୍ୱାଳା ଏ ପବନେ ମରଇ
କାଙ୍ଗାଳ ଧନୀ ବାସେ ସମାନେ
ଭେଦାଭେଦ ଛୋଟ ବଡ଼ ନ ମାନେ
ଆସିଛି ସେ ପୁଷ୍ପକ ବିମାନେ
ଯାଏ ଖେଳି ଫୁଲେ ଫୁଲେ କି କହି।
–(ଫଗୁଣ ଜ୍ୟୋସ୍ନା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## sudoku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 8 | | | | | | | | 9 |
| | 9 | | | 1 | | | | 4 |
| | 3 | | 4 | | | | 5 | |
| 2 | 5 | | 3 | | | | 4 | |
| | | | | | 9 | 8 | 7 | |
| 9 | 7 | | | | 5 | | | 1 |
| 5 | | | | | 7 | 6 | | |
| | | | | | | | | 8 |
| | | | 2 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏଥର ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 6 | 1 | 7 | 9 | 5 | 8 | 3 | 4 |
| 5 | 7 | 3 | 4 | 1 | 8 | 9 | 6 | 2 |
| 9 | 4 | 8 | 6 | 2 | 3 | 5 | 1 | 7 |
| 4 | 2 | 5 | 8 | 6 | 1 | 3 | 7 | 9 |
| 6 | 8 | 9 | 3 | 5 | 7 | 2 | 4 | 1 |
| 3 | 1 | 7 | 9 | 4 | 2 | 6 | 5 | 8 |
| 7 | 5 | 2 | 1 | 3 | 9 | 4 | 8 | 6 |
| 1 | 3 | 4 | 2 | 8 | 6 | 7 | 9 | 5 |
| 8 | 9 | 6 | 5 | 7 | 4 | 1 | 2 | 3 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ସିସିଟିଭି କ୍ୟାମେରା ଅଚଳ

ମହାଶୟ,

ଦୈନନ୍ଦିନ ଚୋରି ଡକାୟତି ସହ ନାନାଦି ଦୁର୍ଘଟଣା ଘଟିବା ଦ୍ୱାରା ବହୁ ଧନଜୀବନ ନଷ୍ଟ ହେଉଛି। ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଠାବ କରିବା ପାଇଁ ପୋଲିସକୁ ନାକେଦମ୍ ହେବାକୁ ପଡୁଛି। ଉପଯୁକ୍ତ ପ୍ରମାଣ ଓ ତଥ୍ୟ ଅଭାବରୁ ଅନେକ ସମସ୍ୟା ଅସମାହିତ ହୋଇ ରହିଯାଉଛି। ତେବେ ବର୍ତ୍ତମାନ ସିସିଟିଭି କ୍ୟାମେରା ପୋଲିସକୁ ଅନୁସନ୍ଧାନ କାର୍ଯ୍ୟରେ ବିଶେଷ ସହାୟତା କରୁଥିବା ଜଣାଯାଏ। କାରଣ ଏହି କ୍ୟାମେରା ଜାଗ୍ରତପ୍ରହରୀ ସଦୃଶ କାମ କରୁଛି। କୌଣସି ଚୋରି ଡକାୟତି ଓ ଦୁର୍ଘଟଣା ସଂଘଟିତ ସମୟର ସମସ୍ତ ଚିତ୍ର ଏଥିରେ କଏଦ ହୋଇଯାଏ। ପରବର୍ତ୍ତୀ ସମୟରେ ପୋଲିସ ସିସିଟିଭିର ଫୁଟେଜ୍‌କୁ ଆଧାରକରି ନିର୍ଦ୍ଦିଷ୍ଟ ତଥ୍ୟ ଓ ବ୍ୟକ୍ତି ନିକଟରେ ପହଞ୍ଚିଯାଇଥାଏ। ସରକାର ସେଥିପାଇଁ ସମସ୍ତ ଜନଗହଳି ସ୍ଥାନରେ ଏହାକୁ ଖଞ୍ଜି ଦେଇଛନ୍ତି। ଦୁଃଖର ବିଷୟ, ଏଥିମଧ୍ୟରୁ ଅନେକ ଅଚଳ ଓ ମରାମତି ଅପେକ୍ଷାରେ ଅଛନ୍ତି। ଏଗୁଡ଼ିକ ମରାମତି ପୂର୍ବକ ସଚଳ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କର ତତ୍ପରତା ଦେଖାଯାଉ ନାହିଁ। ଅର୍ଥ ବିନିଯୋଗ କରି ଏହିସବୁ ସିସିଟିଭି କ୍ୟାମେରା ଲଗାଇବା ମୂଲ୍ୟହୀନ ହୋଇଯାଉଛି। ତେଣୁ ସିସିଟିଭି କ୍ୟାମେରାଗୁଡ଼ିକର ରକ୍ଷଣାବେକ୍ଷଣ ପ୍ରତି ଧ୍ୟାନଦେବାକୁ ଅନୁରୋଧ।

**–ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା**

## ମାଗଣାରେ ବିଦ୍ୟୁତ୍ ଯୋଗାଣ

ପଞ୍ଜାବରେ ଆପ୍ ସରକାର ରାଜ୍ୟର ସମସ୍ତ ଉପଭୋକ୍ତାଙ୍କୁ ୨୦୦ ୟୁନିଟ୍ ପର୍ଯ୍ୟନ୍ତ ମାଗଣାରେ ବିଦ୍ୟୁତ ଯୋଗାଇ ଦେବାକୁ ଘୋଷଣା କରିଛନ୍ତି। ଏହା ଆଗାମୀ ଜୁଲାଇ ପହିଲାରୁ ଲାଗୁ ହେବ। ପଞ୍ଜାବ ସରକାର ନିର୍ବାଚନୀ ପ୍ରତିଶ୍ରୁତି ପାଳନ ପୂର୍ବକ ଦାୟିତ୍ୱ ଗ୍ରହଣ କରିବାର ମାସକ ମଧ୍ୟରେ ଏହି ଘୋଷଣା କରିଛନ୍ତି। ଦିଲ୍ଲୀର କେଜରିୱାଲ ସରକାର ବହୁ ବର୍ଷ ପୂର୍ବରୁ ସେଠାରେ ଖାଉଟିମାନଙ୍କୁ ୨୦ ୟୁନିଟ୍ ପର୍ଯ୍ୟନ୍ତ ମାଗଣାରେ ଓ ୪୦୦ ୟୁନିଟ୍ ପର୍ଯ୍ୟନ୍ତ ଅଧା ମୂଲ୍ୟରେ ବିଦ୍ୟୁତ ଯୋଗାଇ ଦେଉଛନ୍ତି। ଏହା ଦେଶର ସର୍ବାଧିକ ଲୋକପ୍ରିୟ ଯୋଜନା। ଦେଶରେ କୌଣସି ଯୋଜନା ନାହିଁ, ଯଦ୍ୱାରା ଶତ ପ୍ରତିଶତ ପରିବାର ସିଧାସଳଖ ଲାଭବାନ ହେଉଛନ୍ତି। ଓଡିଶା ସରକାର ଅନୁରୂପ ଭାବେ ରାଜ୍ୟର ସମସ୍ତ ଘରୋଇ ଉପଭୋକ୍ତାଙ୍କୁ ୨୦୦ ୟୁନିଟ୍ ପର୍ଯ୍ୟନ୍ତ ମାଗଣାରେ ବିଦ୍ୟୁତ ଯୋଗାଇଦେବା ଆବଶ୍ୟକ। ଦିଲ୍ଲୀରେ ବିଦ୍ୟୁତ ଉତ୍ପାଦନ ନ ହୋଇ ସେଠାରେ ଯଦି ଏହି ଯୋଜନା କାର୍ଯ୍ୟକାରୀ ହୋଇପାରୁଛି, ଓଡ଼ିଶା ବିଦ୍ୟୁତ ଉତ୍ପାଦନରେ ବଳକା ରାଜ୍ୟ ହୋଇ ଏହା କରିପାରିବ ନାହିଁ କାହିଁକି?

**ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଭାରତୀୟ ମୁଦ୍ରାରେ ସର୍ବକାଳୀନ ହ୍ରାସ ରେକର୍ଡ

ନୂଆଦିଲ୍ଲୀ,୯।୫: ଭାରତୀୟ ମୁଦ୍ରାରେ ଡଲାର ତୁଳନାରେ ସର୍ବାଧିକ ହ୍ରାସ ପରିଲକ୍ଷିତ ହୋଇଛି। ସୋମବାର ଶେୟାର ବଜାରର ପ୍ରଥମ କାରବାର ଦିବସର ଆରମ୍ଭ ସମୟରେ ୟୁଏସ୍ ଡଲାର ତୁଳନାରେ ଭାରତୀୟ ମୁଦ୍ରା ୬୦ ପଇସା ହ୍ରାସ ସହିତ ୭୭.୫୦ ସ୍ତରରେ ପହଞ୍ଚିଛି। ବୈଶ୍ୱିକ ବଜାରରେ ଆମେରିକୀୟ ଡଲାରରେ ବୃଦ୍ଧି ଦ୍ୱାରା ଏଭଳି ସ୍ଥିତି ଉପୁଜିଛି। ଦିନରେ ଇଣ୍ଟରବ୍ୟାଙ୍କ୍ ଫରେନ୍ ଏକ୍ସଚେଞ୍ଜ ବଜାର ୭୭.୧୭ରେ ଖୋଲିଥିଲା ଏବଂ ଦିନର କାରବାର ସମୟରେ ୬୦ ପଇସା ହ୍ରାସ ପାଇ ୭୭.୫୦ ସ୍ତରରେ ପହଞ୍ଚିଥିଲା। ଦିନର ଟ୍ରେଡିଂ ସମୟ ମଧ୍ୟରେ ଭାରତୀୟ ମୁଦ୍ରା ସର୍ବକାଳୀନ ନିମ୍ନ ୭୭.୫୨ ସ୍ତରରେ ପହଞ୍ଚିଥିବା ଦେଖିବାକୁ ମିଳିଥିଲା। ଗତ ସପ୍ତାହର ଶେଷ ଟ୍ରେଡିଂ ଦିନ ଅର୍ଥାତ୍ ଶୁକ୍ରବାର ଡଲାର ତୁଳନାରେ ଭାରତୀୟ ମୁଦ୍ରା ୫୫ ପଇସା ହ୍ରାସ ହୋଇ ୭୬.୯୦ରେ ବନ୍ଦ ହୋଇଥିଲା। ଗତ ଦୁଇ ଟ୍ରେଡିଂ ସମୟସୀମା ମଧ୍ୟରେ ୟୁଏସ୍ ଡଲାର ତୁଳନାରେ ଭାରତୀୟ ମୁଦ୍ରାରେ ୧୧୫ପଇସା ହ୍ରାସ ଘଟିଛି।

### ମାଟ୍ରିକ ପରୀକ୍ଷା ଉତ୍ତର ଖାତା ସୁରକ୍ଷିତ ରଖ: ବୋର୍ଡ

କଟକ ଅଫିସ, ୯।୫: ସମ୍ଭାବ୍ୟ ବାତ୍ୟା ଅସାନୀ ପ୍ରଭାବରେ ରାଜ୍ୟର ବିଭିନ୍ନ ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟରେ ମାଟ୍ରିକ ସମ୍ମେଟିଭ-୨ ପରୀକ୍ଷା ଉତ୍ତର ଖାତା ସୁରକ୍ଷିତ ରଖିବାକୁ ସୋମବାର ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ମୂଲ୍ୟାୟନ କେନ୍ଦ୍ରର ସୁପରଭାଇଜର ଏବଂ ନୋଡାଲ ସେଣ୍ଟରର ଅଧିକାରୀମାନେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ବୋର୍ଡ ସମ୍ପାଦକ ଶ୍ରୀକାନ୍ତ ତରାଇ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଥମ ପର୍ଯ୍ୟାୟରେ କିଛି ବିଷୟର ଉତ୍ତରଖାତା ବୋର୍ଡ ମୁଖ୍ୟ କାର୍ଯ୍ୟାଳୟରୁ ମୂଲ୍ୟାୟନ କେନ୍ଦ୍ରକୁ ଯାଉଥିବାବେଳେ ଅବଶିଷ୍ଟ ଉତ୍ତରଖାତା ଖୁବଶୀଘ୍ର ପଠାଯିବ। ମଙ୍ଗଳବାରଠାରୁ ପ୍ରବଳ ବର୍ଷା ହେବା ସମ୍ଭାବନା ଥିବାରୁ ଉତ୍ତରଖାତା ଯେଭଳି ନଷ୍ଟ ନ ହେବ ସେଥିପ୍ରତି ଦୃଷ୍ଟି ଦେବାକୁ କୁହାଯାଇଛି। ଜିଲା ଶିକ୍ଷା ଅଧିକାରୀ (ଡିଇଓ) ଏବଂ ବୋର୍ଡର ଜୋନସ୍ତରରେ ଥିବା ଆଞ୍ଚଳିକ କାର୍ଯ୍ୟାଳୟଗୁଡ଼ିକର ସମ୍ପାଦକମାନଙ୍କୁ ମଧ୍ୟ ଏନେଇ ଅବଗତ କରାଯାଇଛି।

### 'ଆଇଟିଆଇ, ପଲିଟେକ୍ନିକ ଅଧ୍ୟକ୍ଷଙ୍କ ନେତୃତ୍ୱ ବିକାଶ କର୍ମଶାଳା

ଭୁବନେଶ୍ୱର, ୯।୫(ବ୍ୟୁରୋ): ଆଜିର ଦିନରେ ସମସ୍ତ ଶିକ୍ଷାନୁଷ୍ଠାନଗୁଡ଼ିକ ମଧ୍ୟରେ ଆଇଟିଆଇ ପ୍ରତି ବହୁତ ସମ୍ମାନ ରହିଛି। ପ୍ରଥମେ ତାଲିମ ଅନୁଷ୍ଠାନର ଭିତ୍ତିଭୂମି ସୁଦୃଢ଼ କରି ତାହାକୁ ଆକର୍ଷଣୀୟ କରିବା ଉଚିତ। ନିକଟସ୍ଥ ବିଦ୍ୟାଳୟର ଅଷ୍ଟମ ଓ ନବମ ଶ୍ରେଣୀରେ ଅଧ୍ୟୟନ ଛାତ୍ରୀଛାତ୍ରଙ୍କ ମନରେ ଆଇଟିଆଇ ଏବଂ ପଲିଟେକ୍ନିକ ତାଲିମ ପ୍ରତି ସଚେତନତା ସୃଷ୍ଟି କରିବାକୁ ହେବ ବୋଲି ଦକ୍ଷତା ବିକାଶ ପ୍ରାଧିକରଣ(ଓଏସ୍‌ଡିଏ)ର ଅଧ୍ୟକ୍ଷ ସୁବ୍ରତୋ ବାଗ୍‌ଚୀ କହିଛନ୍ତି। ସୋମବାର ରାଜ୍ୟର ସମସ୍ତ ୪୯ ଆଇଟିଆଇ ଓ ୩୭ ପଲିଟେକ୍ନିକ ଅନୁଷ୍ଠାନର ଅଧ୍ୟକ୍ଷଙ୍କୁ ନେଇ ୱାର୍ଲଡ ସ୍କିଲ୍ ସେଣ୍ଟରଠାରେ ଏକ ନେତୃତ୍ୱ ବିକାଶ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଯୋଗଦେଇ ବାଗ୍‌ଚୀ କହିଲେ, ଓଡ଼ିଶାର ଆଇଟିଆଇ ଓ ପଲିଟେକ୍ନିକ ନୂତନ ଭବିଷ୍ୟତ ପରିକଳ୍ପନାର ରୂପରେଖ ହେବେ। କାରଣ ରାଜ୍ୟର ଆଇଟିଆଇ ଓ ପଲିଟେକ୍ନିକ କେବଳ ଦକ୍ଷତା ବିକାଶର କେନ୍ଦ୍ରସ୍ଥଳୀ ନୁହେଁ, ବରଂ ମାନବ ରୂପାନ୍ତରଣର କେନ୍ଦ୍ର ହେବେ। ପ୍ରତ୍ୟେକ ଆଇଟିଆଇରୁ ଅନ୍ତତଃ ୧୦ଜଣ ପ୍ରଶିକ୍ଷାର୍ଥୀ ପରବର୍ତ୍ତୀ ପର୍ଯ୍ୟାୟରେ ପଲିଟେକ୍ନିକ, ଏସ୍‌ଡିଆଇ କିମ୍ବା ଡବ୍ଲ୍ୟୁଏସ୍‌ସିରେ ତାଲିମ ନେବେ ଏବଂ ଦକ୍ଷତା ପ୍ରତିଯୋଗିତାରେ ଭାଗନେଇ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିବେ। ଜିଲା ସ୍ତରରେ ପ୍ରତ୍ୟେକ ଆଇଟିଆଇ ଓ ପଲିଟେକ୍ନିକ କ୍ରୀଡ଼ା ଉତ୍ସବ ଆୟୋଜନ ସହ ମହିଳାଙ୍କ ନିମନ୍ତେ ସ୍ୱତନ୍ତ୍ର କ୍ରିକେଟ ଓ ଫୁଟବଲ ଦଳ ଗଢ଼ିବାକୁ ଅଧ୍ୟକ୍ଷମାନଙ୍କୁ ପରାମର୍ଶ ଦେଇଥିଲେ ବାଗ୍‌ଚୀ। ରାଜ୍ୟର ପ୍ରାୟ ୬ ଲକ୍ଷ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଛାତ୍ରୀଛାତ୍ର ରହିଛନ୍ତି। ସେହି ବିଦ୍ୟାଳୟଗୁଡ଼ିକ ସହ ଯୋଗାଯୋଗ କରି ଉକ୍ତ ଛାତ୍ରୀଛାତ୍ରଙ୍କୁ ସ୍କିଲ ତାଲିମ ପ୍ରତି ଆକୃଷ୍ଟ କରିବାକୁ ମଧ୍ୟ ସେ ଆହ୍ୱାନ ଦେଇଥିଲେ। ବୈଷୟିକ ଶିକ୍ଷା ଏବଂ ପ୍ରଶିକ୍ଷଣ ନିର୍ଦ୍ଦେଶକ ରେଘୁ ଜୀ, ୱାର୍ଲଡ ସ୍କିଲ ସେଣ୍ଟର ଅଧ୍ୟକ୍ଷ ସଙ୍ଗରନ ଗୋପାଳ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ଅତିରିକ୍ତ ସଚିବ ପିନାକୀ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ସ୍କୁଲ କମ୍ପ୍ୟୁଟର ଶିକ୍ଷା ଲକ୍ଷ୍ୟ ବିଫଳ

- 'କାଲ୍', 'ଆଇସିଟି' କାର୍ଯ୍ୟକ୍ରମ ବନ୍ଦ
- ଇ-ଲାଇବ୍ରେରୀର ସଫଳତାକୁ ନେଇ ପ୍ରଶ୍ନବାଚୀ

ଭୁବନେଶ୍ୱର, ୯।୫(ବ୍ୟୁରୋ)

ପ୍ରତିଟି କ୍ଷେତ୍ରରେ ଆଜି କମ୍ପ୍ୟୁଟର ଜ୍ଞାନ ଜରୁରୀ। ତେଣୁ ରାଜ୍ୟରେ ଛାତ୍ରୀଛାତ୍ରଙ୍କୁ ସ୍କୁଲ୍ ସମୟରୁ କମ୍ପ୍ୟୁଟର ଶିକ୍ଷା ପ୍ରଦାନ ଲାଗି ସରକାର ଗୁରୁତ୍ୱ ପ୍ରଦାନ କରୁଛନ୍ତି। ଛୋଟବେଳୁ ପିଲାଙ୍କୁ କମ୍ପ୍ୟୁଟର ଶିକ୍ଷିତ କରିବା ଲକ୍ଷ୍ୟ ନେଇ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି। କିନ୍ତୁ ଗୋଟିକ ପରେ ଗୋଟିଏ ଯୋଜନା ଓ ପ୍ରକଳ୍ପ ବନ୍ଦ ହୋଇଯାଉଛି। ପ୍ରଥମେ 'କାଲ୍' ବା କମ୍ପ୍ୟୁଟର ଏଡେଡ୍ ଲର୍ନିଂ ପ୍ରୋଗ୍ରାମ ଏବଂ ପରେ 'ଆଇସିଟି' ବା ଇନ୍‌ଫରମେଶନ୍ ଆଣ୍ଡ କମ୍ୟୁନିକେଶନ ଟେକ୍ନୋଲଜି ପ୍ରୋଗ୍ରାମକୁ ସରକାର ଏକପ୍ରକାର ବନ୍ଦ କରିଦେଇଛନ୍ତି। ଏବେ ଆଇସିଟି ଲାବୋରେଟୋରୀକୁ ଇ-ଲାଇବ୍ରେରୀରେ ପରିଣତ କରାଯାଇଛି। ତେବେ ଏହା କେତେ ସଫଳ ହେବ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ରାଜ୍ୟର ଛାତ୍ରୀଛାତ୍ରଙ୍କୁ ବେସିକ୍ ଏକାଡେମିକ୍ ଲର୍ନିଂ ସହାୟତା ଯୋଗାଇବା ଲାଗି ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ 'କାଲ୍' ପ୍ରୋଗ୍ରାମ ଆରମ୍ଭ ହୋଇଥିଲା। ୫୪,୭୮୨ ସ୍କୁଲ ମଧ୍ୟରୁ ୩,୫୮୫ ସ୍କୁଲରେ ଏହି ଯୋଜନା କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ହୋଇଥିଲା। ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମି, ବିଦ୍ୟୁତ୍ ସଂଯୋଗ ଏବଂ ପ୍ରଶିକ୍ଷଣ ଲାଗି ପଞ୍ଚମରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ସର୍ବନିମ୍ନ ୧୦୦ ଛାତ୍ରୀଛାତ୍ର ଥିବା ବାଧ୍ୟତାମୂଳକ ହୋଇଥିଲା। ୨୦୦୪-୦୫ରେ ଆରମ୍ଭ ହୋଇଥିବା ଏହି ଯୋଜନାରେ ପ୍ରଥମେ ୬୦୦ ସ୍କୁଲ ଚୟନ ହୋଇଥିଲା। ସେହିଭଳି ୨୦୦୮-୦୯ରେ ୯୦୦, ୨୦୧୦-୧୧ରେ ୯୩, ୨୦୧୨-୧୩ ରେ ୧୦୪୨, ୨୦୧୪-୧୫ରେ ୨୨୪ ଓ ୨୦୧୮-୧୯ରେ ୫୪୦ ପ୍ରାଥମିକ ସ୍କୁଲ ସାମିଲ ହୋଇଥିଲା। ମନୋନୀତ ପ୍ରତି ସ୍କୁଲଗୁଡ଼ିକୁ ୩ଟି ଲେଖାଏ କମ୍ପ୍ୟୁଟର ଏବଂ ପ୍ରିଣ୍ଟର ପ୍ରଦାନ କରାଯାଇଥିଲା। ଶିକ୍ଷାଦାନ ଲାଗି ଏସ୍‌ସିଇଆର୍‌ଟି, ଡିଆଇଇଟି ଏବଂ ଏଆଇଏଫ୍‌ଟି(ଆମେରିକାନ୍ ଇଣ୍ଡିଆ ଫାଉଣ୍ଡେଶନ ଟ୍ରଷ୍ଟ) ପକ୍ଷରୁ ୭,୫୦୦ ଶିକ୍ଷକଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଜିଲାସ୍ତରରେ କାର୍ଯ୍ୟକ୍ରମର ତଦାରଖ ଲାଗି ଡିଷ୍ଟ୍ରିକ୍ଟ ପ୍ରୋଜେକ୍ଟ କାର୍ଯ୍ୟାଳୟ ପକ୍ଷରୁ କାଲ୍ ସହାୟକଙ୍କୁ ନିଯୁକ୍ତ କରାଯାଇଥିଲା। ତେବେ ଅନେକ ସ୍କୁଲରେ ଏହି ଯୋଜନା ଏକପ୍ରକାର ବନ୍ଦ ହୋଇଯାଇଥିବାବେଳେ ମିଳିଥିବା ଉପକରଣର ରକ୍ଷଣାବେକ୍ଷଣ ଅଭାବରୁ ନଷ୍ଟ ହେବାକୁ ବସିଲାଣି।

ସେହିପରି 'ଆଇସିଟି' ପ୍ରକଳ୍ପରେ ୪ହଜାର କମ୍ପ୍ୟୁଟର ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ଏହି ଯୋଜନା ବନ୍ଦ ହେବାରୁ ସମ୍ପୃକ୍ତ ଶିକ୍ଷକଙ୍କୁ ଛଟେଇ କରାଯାଇଥିଲା। ଏହାପରେ ରାଜ୍ୟର ଅନେକ ସ୍କୁଲରେ କମ୍ପ୍ୟୁଟର ଶିକ୍ଷା ଏକ ପ୍ରକାର ଠପ୍ ହୋଇଯାଇଛି। ଅନ୍ୟପକ୍ଷରେ ପିଲାଙ୍କୁ କମ୍ପ୍ୟୁଟର ଶିଖାଇବାକୁ ସ୍କୁଲ୍‌ର ଶିକ୍ଷକଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲେ ମଧ୍ୟ ଅସଜଡ଼ା ବ୍ୟବସ୍ଥା ଭିତରେ ଏହାର କିଛି ଲାଭ ମିଳୁନାହିଁ। କାରଣ ଏହି ପ୍ରକଳ୍ପରେ ସ୍କୁଲକୁ ମିଳିଥିବା କମ୍ପ୍ୟୁଟର ସହିତ ଅନ୍ୟ ଉପକରଣ ମଧ୍ୟ ନଷ୍ଟ ତଥା ଅବ୍ୟବହୃତ ଅବସ୍ଥାରେ ପଡି ରହିଛି। କେତେକ ସ୍କୁଲ୍‌ରେ ଏସବୁ ଦେଖିବାକୁ ମିଳୁନାହିଁ। ଏପରିକି ଏହି ଯୋଜନା ଲାଗି କ୍ରୟ ହୋଇଥିବା କମ୍ପ୍ୟୁଟର ଓ ବିଭିନ୍ନ ଉପକରଣ କ୍ରୟରେ ବହୁ ଅର୍ଥ ଆତ୍ମସାତ କରାଯାଇଥିବା ଅଭିଯୋଗ ହୋଇ ଆସୁଛି। ସେପଟେ ଆଇସିଟି ଲାବୋରେଟୋରୀକୁ ବର୍ତ୍ତମାନ ଇ-ଲାଇବ୍ରେରୀରେ ପରିଣତ କରାଯାଇଛି। କିନ୍ତୁ ପଢ଼ାଇବାକୁ ସେଠାରେ ଶିକ୍ଷକ ନାହାନ୍ତି। ଛାତ୍ରୀଛାତ୍ରଙ୍କ ଲାଗି ସରକାର ଏପରି ଅନେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ହେଲେ ସମନ୍ୱୟ ଅଭାବ ଓ ଅବ୍ୟବସ୍ଥାରୁ ସେସବୁ ଅଧାରୁ ବନ୍ଦ ହୋଇଯାଉଛି ବୋଲି ଶିକ୍ଷାବିତ୍‌ମାନେ କହିଛନ୍ତି।

ଏ ନେଇ ଓଷ୍ଟା ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାନ୍ତି କହିଛନ୍ତି, ଇ-ଲାଇବ୍ରେରୀ କରିବା ଭଲ ପଦକ୍ଷେପ। କିନ୍ତୁ ଏହା ସଫଳ ହେବ ବୋଲି ମୁଁ ଭାବୁନି। କାରଣ ଶିକ୍ଷକଙ୍କ ଅଭାବ ରହିଲେ ଏହା କିପରି କାର୍ଯ୍ୟକାରୀ ହେବ? ଏହାଛଡ଼ା ଶିକ୍ଷକଙ୍କର ଇ-ଲାଇବ୍ରେରୀ ସଂକ୍ରାନ୍ତ ଜ୍ଞାନ ନାହିଁ। ତେଣୁ ଖାଲି ୫-ଟି ସ୍କୁଲ କରିଦେଇ ଭିତ୍ତିଭୂମି ନ ସଜାଡ଼ିଲେ ଅନ୍ୟ ଯୋଜନା ଓ ପ୍ରକଳ୍ପ ଭଳି ଇ-ଲାଇବ୍ରେରୀର କାର୍ଯ୍ୟକାରିତା ମଧ୍ୟ ବିଫଳ ହେବ।

## ନାବାଳିକା ବଳାତ୍କାରୀଙ୍କୁ ୨୫ ବର୍ଷ ସଶ୍ରମ କାରାଦଣ୍ଡ

ଜୟପୁର, ୯।୫ (ନି.ପ୍ର.)

ଜଣେ ନାବାଳିକାଙ୍କୁ ବଳାତ୍କାର ମାମଲାର ରାୟ ସୋମବାର ଜୟପୁର ଫାଷ୍ଟଟ୍ରାକ୍ ସ୍ପେଶିଆଲ କୋର୍ଟରେ ଶୁଣାଣି କରାଯାଇଛି। ଆଡହକ ଅତିରିକ୍ତ ଜିଲା ଓ ଦୌରାଜଜ୍ ପ୍ରଦୀପ କୁମାର ସସାମଲ ନାରାୟଣପାଟଣା ଥାନା ଅଧୀନ ବୋରିଗି ଗ୍ରାମର ଅଭିଯୁକ୍ତ ଗୋବିନ୍ଦ ତାଡ଼ିଙ୍ଗି (୨୩)ଙ୍କୁ ୨୫ ବର୍ଷ ସଶ୍ରମ କାରାଦଣ୍ଡ ରାୟ ଶୁଣାଇଛନ୍ତି। ଏଥିସହ ତାଙ୍କୁ ୨୦ ହଜାର ଟଙ୍କା ଜରିମାନା ଦେବାକୁ କୁହାଯାଇଛି। ଅର୍ଥ ଅନାଦାୟ କ୍ଷେତ୍ରରେ ଅଧିକ ୧୨ ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟ ପ୍ରକାଶ ପାଇଛି। ୧୯ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ଏହି ରାୟ ଶୁଣାଣି ହୋଇଛି। ପୀଡ଼ିତାଙ୍କୁ ସରକାରଙ୍କ ପକ୍ଷରୁ ଆଇନସେବା ପ୍ରାଧିକରଣ ମାଧ୍ୟମରେ ୩ ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି।

ଅଭିଯୁକ୍ତ ୨୦୧୭ ନଭେମ୍ବର ୧୦ରେ ନାରାୟଣପାଟଣା ଥାନା ଅଞ୍ଚଳର ଜଣେ ୮ବର୍ଷର ନାବାଳିକାଙ୍କ ଘରେ ପଶି ତାଙ୍କୁ ବଳାତ୍କାର କରିଥିଲେ। ନାବାଳିକାଙ୍କ ପାଟି ଶୁଣି ତାଙ୍କ ମା' ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ଅଭିଯୁକ୍ତ ଗୋବିନ୍ଦ ସେଠାରୁ ଚମ୍ପଟ ମାରିଥିଲେ। ପୀଡ଼ିତାଙ୍କ ପରିବାର ଏ ନେଇ ନାରାୟଣପାଟଣା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତାଙ୍କୁ ଗିରଫକରି କୋର୍ଟ ଚାଲାଣ କରିଥିଲା। ଗୋବିନ୍ଦଙ୍କୁ ଆଇପିସି ଧାରା ୩୭୬(୨) (ଆଇ)ରେ ୧୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ଦଣ୍ଡ ଶୁଣାଯାଇଛି। ଅର୍ଥ ଅନାଦାୟେ ୬ ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ହେବ। ସେହିଭଳି ପୋକ୍ସୋ ଆଇନ ଧାରା ୬ରେ ୧୫ ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ଶୁଣାଣି ହୋଇଛି। ଏଠାରେ ମଧ୍ୟ ଅର୍ଥ ଅନାଦାୟ କ୍ଷେତ୍ରରେ ୬ ମାସ ଅଧିକ ଜେଲଦଣ୍ଡ ଭୋଗିବାକୁ ହେବ। ସରକାରୀ ଓକିଲ ଗାୟତ୍ରୀ ଦେବୀ ମାମଲା ପରିଚାଳନା କରିଥିଲେ।

# ପଞ୍ଚଭୂତରେ ବିଲୀନ ହେଲେ ରଜତ

### ସ୍ୱର୍ଗଦ୍ୱାରରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ

ପୁରୀ ଅଫିସ/ଭୁବନେଶ୍ୱର, ୯।୫ (ବ୍ୟୁରୋ)

ପଞ୍ଚଭୂତରେ ବିଲୀନ ହେଲେ ପଦ୍ମଶ୍ରୀ ପ୍ରଫେସର ରଜତ କର। ସୋମବାର ପୁରୀ ସ୍ୱର୍ଗଦ୍ୱାରଠାରେ ସ୍ୱର୍ଗତ କରଙ୍କ ଶେଷକୃତ୍ୟ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ସମ୍ପନ୍ନ ହୋଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ତାଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା। ଜ୍ୟେଷ୍ଠପୁତ୍ର ରଞ୍ଜିତ କର ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ କର ଜଣେ ବାଗ୍ମୀ, ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରବଚକ, ସାହିତ୍ୟିକ, ଗବେଷକ, ଶିକ୍ଷାବିତ୍ ଓ ନାଟ୍ୟକାର ଭାବେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ରବିବାର ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ୮୮ ବର୍ଷ ବୟସରେ ତାଙ୍କର ପରଲୋକ ହୋଇଥିଲା।

ସ୍ୱର୍ଗଦ୍ୱାରଠାରେ ତାଙ୍କ ଶେଷକୃତ୍ୟ ବେଳେ ପଞ୍ଚାୟତିରାଜ ଓ ପାନୀୟ ଜଳ, ଆଇନ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା, ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ମିହିର କୁମାର ପଣ୍ଡା, ପୌରସଂସ୍ଥା ନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ଉପଜିଲାପାଳ ଭବତାରଣ ସାହୁ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ କରଙ୍କ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ୱର୍ଗତ କରଙ୍କ କନିଷ୍ଠ ପୁତ୍ର ରାଜୀବ କର, ବଡ଼ ବୋହୂ ନିବେଦିତା କର, ସାନବୋହୂ ଗୀତା କର, ଝିଅ ସାଗରିକା ପ୍ରହରାଜ, ସମ୍ବିତା କର, ଜ୍ୱାଇଁ ମନମୋହନ ପ୍ରହରାଜ, ଭୁବନେଶ୍ୱର ମହାପାତ୍ର, ନାତି ଅଂଶୁମାନ୍ କର, ସୁମନ କର, ପ୍ରଦୀପ କର, ନାତୁଣୀ ବୋହୂ ଦେବସ୍ମିତା କର ଏବଂ ଆତ୍ମୀୟ ସ୍ୱଜନମାନେ ଉପସ୍ଥିତ ଥିଲେ। ବହୁ ବିଶିଷ୍ଟ ବ୍ୟକ୍ତି ତଥା ସାହିତ୍ୟ ଓ ସଂସ୍କୃତିପ୍ରେମୀ ଶେଷ ଦର୍ଶନ କରିବା ସହ ଦିବଂଗତ ଆତ୍ମାର ସଦ୍‌ଗତି କାମନା କରିଥିଲେ। ଅନ୍ୟପକ୍ଷରେ ସ୍ୱର୍ଗତ କରଙ୍କ ଶେଷ ଦର୍ଶନ କରିବାକୁ ସୋମବାର ସକାଳୁ ନୟାପଲ୍ଲୀସ୍ଥିତ ତାଙ୍କ ବାସଭବନରେ ଭିଡ଼ ଲାଗିରହିଥିଲା। ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ୍ ଶେଷ ଦର୍ଶନ କରିବା ସହ ରାଜ୍ୟ ତଥା ଦେଶ ପାଇଁ ପଣ୍ଡିତ କର ଜଣେ ଉଜ୍ଜ୍ୱଳତମ ଜ୍ୟୋତିଷ୍କ ଥିଲେ ବୋଲି କହିଥିଲେ। ରଥଯାତ୍ରା ସମୟରେ ତାଙ୍କ ଧାରା ବିବରଣୀ ଉଚ୍ଚକୋଟୀର ଥିଲା। ବିଶ୍ୱରେ ଜଗନ୍ନାଥ ସଂସ୍କୃତିର ସେ ପ୍ରଚାରକ ଥିଲେ। ତାଙ୍କ ବିୟୋଗ ସାହିତ୍ୟ ଓ ସଂସ୍କୃତି ଜଗତ ପାଇଁ ଅପୂରଣୀୟ କ୍ଷତି ବୋଲି ରାଜ୍ୟପାଳ କହିଥିଲେ। ସେହିପରି ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ସ୍ୱର୍ଗତ କରଙ୍କ ଶେଷ ଦର୍ଶନ କରିଥିଲେ।



ସ୍ୱର୍ଗତ ରଜତ କରଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଉଛି।

# ସଭାପତି ବଦଳିବା ନିଶ୍ଚିତ, ଘୋଷଣାକୁ ଅପେକ୍ଷା



### ଓଡ଼ିଶା ନେତାଙ୍କୁ ଭେଟିଲେ ରାହୁଲ

ଭୁବନେଶ୍ୱର,୯।୫(ବ୍ୟୁରୋ)

ଓଡ଼ିଶା କଂଗ୍ରେସର ୧୮ ଜଣ ନେତାଙ୍କ ସହ କଂଗ୍ରେସ ନେତା ରାହୁଲ ଗାନ୍ଧୀ ସୋମବାର ପୃଥକ୍ ପୃଥକ୍ ଭାବେ ଭେଟି ଆଲୋଚନା କରିଛନ୍ତି। ରାହୁଲ ଆଲୋଚନା ବେଳେ ଭିନ୍ନ ଭିନ୍ନ ଭାବେ ଆଲୋଚନା କରିବେ ନା ସମସ୍ତେ ଏକାଠି ବସିବେ ବୋଲି ପଚାରିଥିବା ବେଳେ ପ୍ରଥମ ପ୍ରସ୍ତାବ ଉପରେ ସମସ୍ତେ ରାଜି ହୋଇଥିଲେ। ଏହାପରେ ଜଣ ଜଣ କରି ରାହୁଲ ସମସ୍ତଙ୍କ ସହ ୩ରୁ ୪ ମିନିଟ୍ ଲେଖାଏ କଥା ହୋଇଥିବା ଜଣାପଡିଛି। ତେବେ ରାହୁଲ ପ୍ରାୟ ସମସ୍ତଙ୍କୁ ଓଡ଼ିଶାରେ କଂଗ୍ରେସ କିପରି ସୁଦୃଢ଼ ହେବ ଏବଂ କାହାକୁ ସଭାପତି କଲେ ଭଲ ହେବ ବୋଲି ପଚାରିଛନ୍ତି। ସବୁ ନେତା ମଧ୍ୟ ନିର୍ଦ୍ୱନ୍ଦ୍ୱରେ ନିଜ ନିଜର ପ୍ରସ୍ତାବ ରଖିଥିବା ଜଣାପଡିଛି। ତେବେ ଆଉ କେତେଜଣ ନେତାଙ୍କୁ ରାହୁଲ କୁଆଡେ ଦାୟିତ୍ୱ ନେବା ଲାଗି ପ୍ରସ୍ତାବ ଦେଇଥିବା କଥା ଶୁଣିବାକୁ ମିଳିଛି। ତେବେ ସମସ୍ତଙ୍କ ସହ ହୋଇଥିବା ଆଲୋଚନା ପରେ ଯାହା ଜଣାପଡୁଛି ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ପଦରେ ନିଶ୍ଚୟ ପରିବର୍ତ୍ତନ ହେବ। ତେବେ ଆଲୋଚନା ପରେ ଗଣମାଧ୍ୟମକୁ ସୂଚନା ଦେଇ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି, ରାଜ୍ୟ କଂଗ୍ରେସ ସଭାପତି ପଦରେ ପରିବର୍ତ୍ତନର ଆବଶ୍ୟକତା ଅଛି। ୨ ବର୍ଷ ତଳୁ ସେ ଇସ୍ତଫା ଦେଇଥିବା ବେଳେ ମଝିରେ ୩ଥର ଚିଠି ଲେଖିଛନ୍ତି। ମଝିରେ ଏଆଇସିସି ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ମଧ୍ୟ ଦେଖା କରି ଏ କଥା ଜଣାଇଥିଲେ। ଖୁସିର ବିଷୟ ଏଆଇସିସି ସଭାପତି ପରିବର୍ତ୍ତନର କାର୍ଯ୍ୟକ୍ରମ ଆରମ୍ଭ କରିଦେଇଛି। ତାଙ୍କୁ ଏହି ଦାୟିତ୍ୱ ତୁଲାଇବାକୁ କୁହାଯାଇଥିଲେ ମଧ୍ୟ ସ୍ୱାସ୍ଥ୍ୟଗତ କାରଣରୁ ରହିବାକୁ ମନା କରିଦେଇଥିବା ନିରଞ୍ଜନ କହିଛନ୍ତି।

ଅନ୍ୟପଟେ ବିଧାୟକମାନେ ଦୀର୍ଘଦିନ ହେଲା ସଭାପତି ପରିବର୍ତ୍ତନ ସହ ବିଧାୟକ ଦଳ ନେତା ପଦବୀରେ ମଧ୍ୟ ନୂଆ କାହାକୁ ଦାୟିତ୍ୱ ଦେବାକୁ କହିଥିଲେ। ଏହା ପରେ ପରେ ବିରୋଧୀ ଦଳ ନେତା ପଦରୁ ନରସିଂହ ମିଶ୍ର ଏବଂ ମୁଖ୍ୟ ସଚେତକ ପଦରୁ ତାରା ପ୍ରସାଦ ବାହିନୀପତି ଇସ୍ତଫା ଦେଇସାରିଛନ୍ତି। ତେଣୁ ସବୁ ବିଧାୟକ କୌଣସି ଜଣେ ବିଧାୟକଙ୍କୁ ଦାୟିତ୍ୱ ଦେବା ଲାଗି ରାହୁଲଙ୍କୁ ପ୍ରସ୍ତାବ ଦେଇଥିବା ଜଣାପଡିଛି। ତେବେ କେତେଜଣ ବିଧାୟକ ମହମ୍ମଦ ମୋକିମ୍‌ଙ୍କ ନାଁ କହିଥିବା ବେଳେ ଆଉ କେତେଜଣ ବାହିନୀପତିଙ୍କୁ କରାଯାଉ ବୋଲି କହିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। ତେବେ ବିଧାୟକ ସୁରେଶ କୁମାର ରାଉତରାୟ କହିଛନ୍ତି, ରାହୁଲ ସମସ୍ତଙ୍କୁ ଆସି ଆଗ ପଚାରିଲେ ଏକାଠି କଥା ହେବା ନା ଅଲଗା ଅଲଗା ହେଲେ ଭଲ ହେବ। ତା'ପରେ ସମସ୍ତଙ୍କୁ ପାଖାପାଖି ୫ ମିନିଟ୍ ଲେଖାଏ ସମୟ ଦେଲେ। ସିଏ ଯାହାକୁ ଦାୟିତ୍ୱ ଦେବେ ତାଙ୍କ କଥା ମାନି କାମ କରିବୁ ଏବଂ ଯୁବକମାନଙ୍କୁ ଅଧିକ ସୁଯୋଗଦେବାକୁ ପ୍ରସ୍ତାବ ଦିଆଯାଇଛି। ରାଜ୍ୟରେ ସଙ୍ଗଠନ ସଜାଡି ପାରିଲା ଭଳିଆ ନେତାଙ୍କୁ ଦାୟିତ୍ୱ ଦେବାକୁ ପ୍ରସ୍ତାବ ଦେଇଥିବା ସୁର କହିଛନ୍ତି। ତେବେ ଶେଷରେ କଂଗ୍ରେସ ପ୍ରଭାରୀ ଏ. ଚେଲ୍ଲା କୁମାରଙ୍କ ସମେତ ରୁଦ୍ର ରାଜୁଙ୍କୁ ମିଶାଇ ମୋଟ ୧୯ ଜଣ ନେତାଙ୍କ ସହ ରାହୁଲ ଫଟୋ ଉଠାଇଛନ୍ତି।

ତେବେ ରାହୁଲ ଓଡ଼ିଶା ନେତାଙ୍କୁ ପିସିସି ସଭାପତି ପରିବର୍ତ୍ତନ ନେଇ ଏକ ପ୍ରକାର ସ୍ପଷ୍ଟ କରିସାରିଥିବା ବେଳେ ବ୍ରଜରାଜନଗର ଉପନିର୍ବାଚନକୁ ସମସ୍ତଙ୍କ ଅପେକ୍ଷା ରହିଛି। ଏହି ଉପନିର୍ବାଚନ ପରେ ପରେ ସଭାପତି ପଦରେ ପରିବର୍ତ୍ତନ କରାଯାଇପାରେ ବୋଲି କେତେଜଣ ନେତା ଆକଳନ କରିଛନ୍ତି। ତେବେ ଶରତ ପଟ୍ଟନାୟକ ଏବଂ ଭକ୍ତ ଦାସଙ୍କ ନାଁ ଉପରେ ମୋହର ବାଜିପାରେ ବୋଲି ମଧ୍ୟ କେତେକଙ୍କ ମୁହଁରୁ ଶୁଣିବାକୁ ମିଳୁଛି। ତେବେ ସମସ୍ତଙ୍କ ମତାମତ ନିଆସରିଥିବା ବେଳେ ଦୁଇ ଦିନ ମଧ୍ୟରେ ମଧ୍ୟ ଘୋଷଣା ହୋଇଯାଇପାରେ ବୋଲି ଆଉ କେତେଜଣ କହୁଛନ୍ତି।

## ଜିଲା ଜଳ ବିଭାଜିକା ପିଡିଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

### ଭୁବନେଶ୍ୱର, ନବରଙ୍ଗପୁର ଘରୁ ୬ ଲକ୍ଷ ୭୦ହଜାର ଜବତ

ନବରଙ୍ଗପୁର,୯।୫(ବି.ପ୍ର.)



ଲକ୍ଷ୍ମୀଧର ଜେନା

ନବରଙ୍ଗପୁର ଜିଲା ଜଳ ବିଭାଜିକା ଓ ମୃତ୍ତିକା ସଂରକ୍ଷଣ କାର୍ଯ୍ୟାଳୟ ପ୍ରକଳ୍ପ ନିର୍ଦ୍ଦେଶକ(ପିଡି) ଲକ୍ଷ୍ମୀଧର ଜେନାଙ୍କ ନବରଙ୍ଗପୁରସ୍ଥିତ ଭଡ଼ାଘରେ ସୋମବାର ଭିଜିଲାନ୍ସ ଚଢ଼ାଉ କରାଯାଇଛି। ତାଙ୍କଠାରୁ ୩ଲକ୍ଷ ୨୦ହଜାର ଟଙ୍କା ଜବତ ହୋଇଛି। ଭୁବନେଶ୍ୱର ତମାଣ୍ଡୋସ୍ଥିତ ତାଙ୍କ ନିଜ ଘରେ ମଧ୍ୟ ଭିଜିଲାନ୍ସର ଏକ ଟିମ୍ ଯାଞ୍ଚ କରୁଛି। ସେଠାରୁ ୩ଲକ୍ଷ ୫୦ ହଜାର ଟଙ୍କା ମିଳିଛି। ଏହା ସହ ପିଡି ଓ ତାଙ୍କ ପରିବାର ଲୋକଙ୍କ ନାମରେ ଭୁବନେଶ୍ୱର ତମାଣ୍ଡୋରେ ୩ ମହଲା ବିଶିଷ୍ଟ କୋଠା, ପୁରୀରେ ୨ଟି କୋଠା, ଭୁବନେଶ୍ୱରର ପ୍ରମୁଖ ଅଞ୍ଚଳରେ ୯ଟି ପ୍ଲଟ ଠାବ କରାଯାଇଥିବା ସୂଚନା ମିଳିଛି। ଲକ୍ଷ୍ମୀଧରଙ୍କୁ ନବରଙ୍ଗପୁରସ୍ଥିତ ଭିଜିଲାନ୍ସ କାର୍ଯ୍ୟାଳୟକୁ ଅଣାଯାଇ ଅଧିକ ପଚରାଉଚରା କରାଯାଉଛି।

ସୂଚନାନୁଯାୟୀ, ଲକ୍ଷ୍ମୀଧର ନିଜ କାର୍ଯ୍ୟାଳୟରୁ ୨ଲକ୍ଷ ୨୦ ହଜାର ଟଙ୍କା ଧରି ନବରଙ୍ଗପୁର ଡ୍ରିମ୍ କଲୋନିରେ ଥିବା ତାଙ୍କ ଭଡ଼ାଘରକୁ ଅଫିସ ଗାଡ଼ିରେ ଆସୁଥିଲେ। ଏହି ସମୟରେ ଭିଜିଲାନ୍ସ ଟିମ୍ ଡିଆର୍‌ଡିଏ କାର୍ଯ୍ୟାଳୟ ସମ୍ମୁଖ ରାସ୍ତାରେ ଲକ୍ଷ୍ମୀଧରଙ୍କ ଗାଡ଼ିକୁ ଅଟକାଇ ଯାଞ୍ଚ କରିଥିଲେ। ଏତେ ଟଙ୍କା କେଉଁଠୁ ଆସିଲା ତାହାର ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ଭିଜିଲାନ୍ସ ଟିମ୍ ତାଙ୍କ ଭଡ଼ାଘରେ ଚଢ଼ାଉ କରିଥିଲେ। ସେଠାରୁ ୧ଲକ୍ଷ ଟଙ୍କା ମିଳିଥିଲା। ୩ଲକ୍ଷ ୨୦ହଜାର ଟଙ୍କାର ହିସାବ ଦେଇ ନ ପାରିବାରୁ ଲକ୍ଷ୍ମୀଧରଙ୍କୁ ନବରଙ୍ଗପୁର ଭିଜିଲାନ୍ସ କାର୍ଯ୍ୟାଳୟକୁ ଅଣାଯାଇ ପଚରାଉଚରା ଚାଲିଛି। ଭିଜିଲାନ୍ସର ଏକ ଟିମ୍ ଭୁବନେଶ୍ୱର ତମାଣ୍ଡୋସ୍ଥିତ ଫାର୍ମାସି କଲେଜ ସମ୍ମୁଖ ନିଜ ବାସଗୃହ (ପ୍ଲଟ୍ ନମ୍ବର ୬୮୮) ରେ ଚଢ଼ାଉ ଜାରି ରଖିଛି। ସେଠାରୁ ୩ଲକ୍ଷ ୫୦ହଜାର ଟଙ୍କା ମିଳିଛି। ନବରଙ୍ଗପୁରରେ ହୋଇଥିବା ଚଢ଼ାଉରେ ମାଲକାନଗିରି ଭିଜିଲାନ୍ସ ଡିଏସ୍‌ପି ଏସ୍.କେ.ବିଶ୍ୱାଳ, ନବରଙ୍ଗପୁର ଡିଏସ୍‌ପି ଇନ୍‌ଚାର୍ଜ କଳାବତୀ ବାଗ, ଇନ୍ସପେକ୍ଟର ଅନୁଭା ଦାସ, ଷ୍ଟେନୋ ଜି.ସୂର୍ଯ୍ୟପ୍ରକାଶ, କନଷ୍ଟେବଳ ଟୋନି ସାହୁ ପ୍ରମୁଖ ସାମିଲ ଥିଲେ।

# ମହୁପୁରା ସଇରାତରେ ଏନ୍‌ଜିଟି ଟିମ୍

### ବେଆଇନ ବାଲି ଉତ୍ତୋଳନ

ବାରିପଦା ଅଫିସ, ୯।୫

ମୟୂରଭଞ୍ଜ ଜିଲା ବୁଢାବଳଙ୍ଗ ନଦୀର ମହୁପୁରା ବାଲି ସଇରାତରୁ ଲଘୁ ଖଣିଜ ଦ୍ରବ୍ୟର ବେଆଇନ ଉତ୍ତୋଳନ ଓ ପରିବହନକୁ ନେଇ ତଦନ୍ତ ଆରମ୍ଭ ହୋଇଛି। ସୋମବାର ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲ(ଏନଜିଟି)ର ଏକ ୫ ଜଣିଆ ଟିମ୍ ସଇରାତକୁ ଯାଇ ତଥ୍ୟ ସଂଗ୍ରହ କରିଛନ୍ତି। ମାସକ ମଧ୍ୟରେ ଏନଜିଟି ରିପୋର୍ଟ ଦେବା ପରେ ପରବର୍ତ୍ତୀ ଶୁଣାଣି ମେ'୨୩ ତାରିଖରେ ହେବ ବୋଲି ଜଣାପଡିଛି। ଏହି କମିଟିରେ ରାଜ୍ୟ ପରିବେଶ ଓ ପ୍ରଭାବ ମୂଲ୍ୟାୟନ କର୍ତ୍ତୃପକ୍ଷଙ୍କ ବରିଷ୍ଠ ବୈଜ୍ଞାନିକ, ରାଜ୍ୟ ପ୍ରଦୂଷଣ ବୋର୍ଡର ବରିଷ୍ଠ ବୈଜ୍ଞାନିକ, ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଭୁବନେଶ୍ୱରର ବୈଜ୍ଞାନିକ, ଜିଲାପାଳଙ୍କ ପ୍ରତିନିଧି ଓ ଜିଲା ଖଣି ଅଧିକାରୀ ତଦନ୍ତ କରିଛନ୍ତି। ବଡ଼ସାହି ଅତିରିକ୍ତ ତହସିଲଦାର ସସ୍ମିତା ମୁର୍ମୁ, ବେତନଟୀ ଏସ୍‌ଡିପିଓ ସୁଦର୍ଶନ ଦାସ ଓ ବଡ଼ସାହି ଆଇଆଇସି ସଦଳବଳେ ପହଞ୍ଚି ତଦନ୍ତକାରୀ ଅଧିକାରୀଙ୍କ ସହ କ୍ଷେତ୍ର ପରିଦର୍ଶନ କରି ସୁରକ୍ଷା ଯୋଗାଇଛନ୍ତି।



ତଦନ୍ତକାରୀ ଟିମ୍ ବମହୁପୁରା ବାଲି ସଇରାତରୁ ତଥ୍ୟ ସଂଗ୍ରହ କରୁଛନ୍ତି।

ସୂଚନା ଅନୁଯାୟୀ, ବଡ଼ସାହି ତହସିଲ ଅଧୀନ ବୁଢାବଳଙ୍ଗ ନଦୀର ମହୁପୁରା ବାଲି ସଇରାତକୁ ୨୦୧୬ରୁ ୫ବର୍ଷ ପାଇଁ ଲିଜ୍ ସୂତ୍ରରେ ପ୍ରଦାନ କରାଯାଇଛି। ଏହି ସଇରାତ୍‌ରେ ଥିବା ଖାତା ନଂ. ୧୭୫, ପ୍ଲଟ ନଂ. ୨୫୩ରୁ ୧୩.୭୨ ଏକର ସ୍ଥାନରୁ ପ୍ରତିଦିନ ୧୦ସିୟୁଏମ ବାଲି ଉତ୍ତୋଳନ ପାଇଁ ୨୦୨୧ ମାର୍ଚ୍ଚ୩୧ ପର୍ଯ୍ୟନ୍ତ ପରିବେଶ ମଞ୍ଜୁରୀ ମିଳିଥିଲା। ମାତ୍ର ସମୟର ଅବଧି ସମ୍ପୂର୍ଣ୍ଣ ହେବା ପରେ ମଧ୍ୟ ଏକ ବର୍ଷ ଧରି ବାଲି ଉତ୍ତୋଳନ କରାଯାଉଥିବାରୁ ନିୟମ ବହିର୍ଭୂତ ଅଟେ ବୋଲି ଅଭିଯୋଗରେ ଦର୍ଶାଯାଇଛି। ଅପରପକ୍ଷରେ ଏହି ସଇରାତରେ ୩୬ହଜାର ୯୨୭ସିୟୁଏମ ବାଲି ଗଚ୍ଛିତ ଥିବା ବେଳେ ତହସିଲଦାର ଓ ମାଇନିଂ ଅଧିକାରୀ ମାତ୍ର ୨ହଜାର ସିୟୁଏମ ବାଲି ଗଚ୍ଛିତ ଥିବା ରେକର୍ଡରେ ଦର୍ଶାଇଥିଲେ। ୧ମିଟର ଗଭୀର ହିସାବରେ ବର୍ଷକୁ ୨୨ଶହ ସିୟୁଏମ ବାଲି ଉତ୍ତୋଳନ କରିବାକୁ ଥିବା ବେଳେ ପ୍ରତିଦିନ ପୋକଲିନ ମାଧ୍ୟମରେ ନଦୀ ଗର୍ଭରୁ ୧୦ମିଟର ଖୋଳାଯାଇ ବେଆଇନ ଭାବେ ୨୦୪୦ସିୟୁଏମ ବାଲି ଉତ୍ତୋଳନ କରାଯାଇଛି। ଏହି କ୍ରମରେ ବର୍ଷକୁ ୪ଲକ୍ଷ ୨୮ହଜାର ସିୟୁଏମ ବାଲି ଖନନ କରାଯାଇ ଅନୁମତି ସୀମାର ବହୁ ଗୁଣ ଊର୍ଦ୍ଧ୍ୱରେ ବୋଲି ଅଭିଯୋଗରେ ଦର୍ଶାଯାଇଛି। ଏହାଦ୍ୱାରା ସରକାର କୋଟି କୋଟି ଟଙ୍କା ରାଜସ୍ୱ ହରାଇଥିବା ଆକଳନ କରାଯାଇଛି। ଏହାକୁ ନେଇ ବଡ଼ସାହି ବ୍ଲକ ଛେଳିଆ ଗ୍ରାମର ରାଧାମୋହନ ସିଂଙ୍କ ଅଭିଯୋଗକ୍ରମେ ୪୦/୨୦୨୨/ଇଜେଡ୍‌ରେ ଏକ ମାମଲା ଏନଜିଟିରେ ରୁଜୁ ହୋଇଛି। ଜୁଡିସିଆଲ ମେମ୍ବର ଜଷ୍ଟିସ ବି.ଅମିତ ସ୍ଥହଲେକାର ଓ ଏକ୍ସପର୍ଟ ମେମ୍ବର ସାଇବଲ ଦାସଗୁପ୍ତାଙ୍କ ଉପସ୍ଥିତିରେ ମାମଲାକୁ ନେଇ ରାଜ୍ୟ ସରକାରଙ୍କ ଉତ୍ତରଦାତା ଭାବେ ପ୍ରସନ୍ନଜିତ ମହାପାତ୍ର, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଦୀପଞ୍ଜନ ଘୋଷ, ରାଜ୍ୟ ପରିବେଶ ଓ ପ୍ରଭାବ ମୂଲ୍ୟାୟନ କର୍ତ୍ତୃପକ୍ଷଙ୍କ ପ୍ରତିନିଧି ଗୋରାଚାନ୍ଦ ରାୟଚୌଧୁରୀଙ୍କୁ ନୋଟିସ୍ ପ୍ରେରଣ କରାଯାଇଛି। ତେବେ ପୂର୍ବରୁ ଏହି ତହସିଲ ଅଧୀନ ଆରପଟା ଓ ଡିଙ୍ଗିରା ସଇରାତରେ ବେଆଇନ ବାଲି ଉତ୍ତୋଳନକୁ ନେଇ ଏନଜିଟିର ଶୁଣାଣି ପରେ ଲିଜ୍‌ଧାରୀ ପ୍ରଦୀପ ବିନ୍ଧାଣୀଙ୍କୁ ୧୭କୋଟି ୩ଲକ୍ଷ ୧୬ହଜାର ୨୭୨ଟଙ୍କା ଜରିମାନା କରାଯାଇଛି। ଏହାକୁ ନେଇ ଦୁଇଟି ମାମଲା ରୁଜୁ କରାଯାଇ ବିନ୍ଧାଣୀଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିବା ବେଳେ ବଡ଼ସାହି ତହସିଲଦାର ମମତାଜ ମହାରଣାଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଛି।

## ସଂକ୍ଷେପରେ

### ଯୋଗଦେଲେ ନୂଆ ଅତିରିକ୍ତ ଜିଲାପାଳ

ଭଦ୍ରକ ଅଫିସ, ୯।୫-ଓଏଏସ୍(ଏସ୍) ପାହ୍ୟାର ବରିଷ୍ଠ ପ୍ରଶାସନିକ ଅଧିକାରୀ ଶାନ୍ତନୁ କୁମାର ମହାନ୍ତି ସୋମବାର ପୂର୍ବାହ୍ନରେ ଭଦ୍ରକ ଜିଲାର



ନୂତନ ଅତିରିକ୍ତ ଜିଲାପାଳ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ଓଟିଡିସିର ଜେନେରାଲ ମ୍ୟାନେଜର ଭାବେ ଭୁବନେଶ୍ୱରରେ ଅବସ୍ଥାପିତ ଥିଲେ। ଭଦ୍ରକ ଜିଲାର ସର୍ବାଙ୍ଗୀନ ଉନ୍ନତି ପାଇଁ ବିଭିନ୍ନ ବିଭାଗ ଜରିଆରେ ସମସ୍ତ ସରକାରୀ ଯୋଜନାର ଠିକ୍ କାର୍ଯ୍ୟକାରିତା ନେଇ ସୂଚାରୁ ରୂପେ କର୍ତ୍ତବ୍ୟ ସମ୍ପାଦନ କରିବେ ବୋଲି ସେ କହିଛନ୍ତି। ସୂଚନାଥାଉକି, ପୂର୍ବତନ ଅତିରିକ୍ତ ଜିଲାପାଳ ଅରୁଣ କୁମାର ମହାପାତ୍ରଙ୍କ ଅବସର ପରେ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ କୁଶଳ ଚନ୍ଦ୍ର ନାଏକ ଏହି ଦାୟିତ୍ୱରେ ଥିଲେ।

### ଏଏନ୍ଏମ୍ ସେଣ୍ଟରରୁ ଚୋରି ଅଭିଯୋଗ

ବଡବିଲ, ୯।୫(ସ୍ୱ.ପ୍ର.): କେନ୍ଦୁଝର ଜିଲା ବଡବିଲ ଥାନା ଅନ୍ତର୍ଗତ ଏଏନ୍ଏମ୍ ସେଣ୍ଟରରୁ ଗତ ଶୁକ୍ରବାର ହୋଇଥିବା ବ୍ୟାଟେରି ଚୋରି ଅଭିଯୋଗରେ ପୋଲିସ ୨ଅଭିଯୁକ୍ତଙ୍କୁ ସୋମବାର ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ସୟାବାଲି ଅଞ୍ଚଳର ମିଥୁନ ତିରିଆ ଓ ଅଜୟ ମୁଣ୍ଡା। ଏହି ଘଟଣାରେ ୫ଅଭିଯୁକ୍ତ ସମ୍ପୃକ୍ତଥିବା ଜଣାପଡିଥିଲା। ଏ ନେଇ ରବିବାର ସେହି ଗ୍ରାମର ବିଶୁ ନାଏକ ବଡ଼ବିଲ ଥାନାରେ ଏତଲା ଦେଇଥିଲେ। ପୋଲିସ ବ୍ୟାଟେରି ଗୁଡିକୁ ଜବତ କରିଥିଲା। ଏହି ଘଟଣାରେ ୨ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବାବେଳେ ଅନ୍ୟ ୩ଅଭିଯୁକ୍ତ ଫେରାର ଥିବା ଜଣାପଡିଛି।

### ଝରକା ଗ୍ରୀଲ୍ ତାଡ଼ି ଲୁଟିନେଲେ ସୁନାଅଳଙ୍କାର

ପାଟଣା,୯।୫(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ଥାନା ଟାଇଁସିରା ଗ୍ରାମରେ ରବିବାର ବିଳମ୍ବିତ ରାତିରେ ଦୁଇ ଜଣଙ୍କ ଘରର ଝରକା ଗ୍ରୀଲ ତାଡ଼ି ଘର ଭିତରେ ପଶି ଆଲମୀରା ଭାଙ୍ଗି ସୁନା ଅଳଙ୍କାର ଲୁଟିନେଇଛନ୍ତି। ଗ୍ରାମର ବାଇଧର ସାହୁ ଙ୍କ ଘରେ ଝରକା ଗ୍ରୀଲ ତାଡି ଆଲମୀରା ଭାଙ୍ଗି ସୁନା ଅଳଙ୍କାର ଲୁଟି ନେଇଥିବାବେଳେ ଅନୁରୂପ ଭାବେ ସେହି ଗ୍ରାମର କୃଷ୍ଣ ଚନ୍ଦ୍ର ମହାନ୍ତଙ୍କ ଘରେ ଭଡ଼ାଟିଆ ଭାବେ ରହୁଥିବା ଶିକ୍ଷୟିତ୍ରୀ ଶାରଦା ମହାନ୍ତଙ୍କ ଝରକା ଗ୍ରୀଲ ତାଡିଥିଲେ ଦୁର୍ବୃତ୍ତ। ପାଟଣା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।

### ବିଶ୍ୱର ସର୍ବୋଚ୍ଚ ରଥ ମହାରଣା ସେବକଙ୍କୁ ସମ୍ବର୍ଦ୍ଧନା

କେନ୍ଦୁଝର, ୯।୫ (ସ୍ୱ.ପ୍ର.): କେନ୍ଦୁଝରର ବଳଦେବଜୀଉଙ୍କ ରଥକୁ ବିଶ୍ୱର ସର୍ବୋଚ୍ଚ ରଥର ମାନ୍ୟତା ମିଳିଛି। ୭୨ ଫୁଟ ଉଚ୍ଚ ଏହି ରଥ କାଠରେ ନିର୍ମାଣ ହୋଇଥାଏ। ଏଣୁ ଏହାକୁ ନିର୍ମାଣ କରୁଥିବା ରଥ ମହାରଣା ସେବକଙ୍କ ଅବଦାନ ଗୁରୁତ୍ୱପୂର୍ଣ୍ଣ। ଏହି ଅବସରରେ ସ୍ଥାନୀୟ ସାଂସ୍କୃତିକ ସଙ୍ଗଠନ ମରୀଚିକା ପକ୍ଷରୁ ରଥ ମୁଖ୍ୟ ମହାରଣା ସେବକ ନୀଳମଣି ମହାରଣା ତଥା ଅନ୍ୟ ମହାରଣା ସେବକଙ୍କୁ ଶୁଭେଚ୍ଛା ଓ ସମ୍ବର୍ଦ୍ଧନା ଦେବାକୁ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଏକ ନମ୍ବର ୱାର୍ଡର କାଉନସିଲର ଶରତ ସାହୁ, ମରୀଚିକାର ଦେବାଶିଷ ମିଶ୍ର, ଡ.ଗଣପତି, ଦେବଦର୍ଶନ ଦାଶ, ସୁନିଲ ଶତପଥୀ, ରଶ୍ମିରଞ୍ଜନ ମିଶ୍ର, ତାପସ ଦଳବେହେରା, ସଂଗ୍ରାମ ପ୍ରମୁଖ ଉପସ୍ଥିତ ରହି ସେମାନଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ।

# ଉପକୂଳରେ ହାଇଆଲର୍ଟ

ଭୋଗରାଇ, ୯।୫(ଡି.ଏନ.ଏ.)

ବଙ୍ଗୋପସାଗରରେ ସୃଷ୍ଟ ସାମୁଦ୍ରିକ ଝଡ଼ ଅସାନି ଭୀଷଣ ବାତ୍ୟାରେ ପରିଣତ ହେବା ପରେ କୂଳବାସୀ ଭୟଭୀତ ହୋଇପଡିଛନ୍ତି । ତେବେ ଏହି ବାତ୍ୟା ବାଲେଶ୍ୱର ଉପକୂଳରେ ବିଶେଷ ଭାବେ ପ୍ରଭାବ ପକାଇବ ବୋଲି ପାଣିପାଗ ବୈଜ୍ଞାନିକମାନେ ପୂର୍ବାନୁମାନ କରିଥିଲେ। ସ୍ଥାନେ ସ୍ଥାନେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବ ବୋଲି ଘନ ଘନ ସୂଚନା ଦିଆଯାଉଛି। ଏଭଳି ସ୍ଥିତିରେ ଜିଲା ପ୍ରଶାସନ ସମସ୍ତ ଉପକୂଳରେ କଡା ସତର୍କତା ଜାରି କରିଛନ୍ତି। ଦରକାର ପଡିଲେ ଉପକୂଳରେ ଥିବା ତଳିଆ ଅଞ୍ଚଳର ବାସିନ୍ଦାଙ୍କୁ ବାତ୍ୟାଶ୍ରୟସ୍ଥଳୀ ଓ ସ୍କୁଲଗୃହକୁ ସ୍ଥାନାନ୍ତର କରାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

ସମ୍ଭାବ୍ୟ ବାତ୍ୟା ମୁକାବିଲା ନିମନ୍ତେ ସମସ୍ତ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି। ପାଚିଲା ଧାନ, ତୈଳବୀଜ ଓ ପନିପରିବା ଚାଷ ଜମିରେ ଅବିଳମ୍ବେ ପାଣି ନିଷ୍କାସନ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବାତ୍ୟା ଭୟ ଯୋଗୁ ରବି



ଅଶାନ୍ତ ସମୁଦ୍ର।

ପାଚିଲା ଧାନକ୍ଷେତରୁ କୃଷକମାନେ ତରବରିଆ ଭାବେ ଧାନ ଅମଳ କରୁଥିବା ନଜରକୁ ଆସିଛି। ଭୋଗରାଇ, ଜଳେଶ୍ୱର, ବାଲିଆପାଳ ଏବଂ ବସ୍ତା ଅଞ୍ଚଳର ପ୍ରାୟ ନବେ ଶତାଂଶ ଧାନକଟା ଅମଳ ହୋଇଥିବା କୃଷି ବିଭାଗ ସୂଚନା ଦେଇଛନ୍ତି । ଅପରପକ୍ଷରେ ସାମୁଦ୍ରିକ ଝଡ ସମୁଦ୍ରରେ ବଳ ଗୋଟାଇ ଅଧିକ ଶକ୍ତିଶାଳୀ ହେଉଥିବାରୁ ସମୁଦ୍ର ଉତ୍ତାଳ ହୋଇଛି। ବାଲେଶ୍ୱର ଉପକୂଳ ସମେତ ପଶ୍ଚିମବଙ୍ଗ ପୂର୍ବ ଓ ପଶ୍ଚିମ ମେଦିନୀପୁର ଦକ୍ଷିଣ ୨୪ ପ୍ରଗଣା ଜିଲା ସମସ୍ତ ସମୁଦ୍ରକୂଳ ମତ୍ସ୍ୟ ଅବତରଣ କେନ୍ଦ୍ର ଏବଂ ପର୍ଯ୍ୟଟନ ସ୍ଥଳରେ ପ୍ରଶାସନ ପକ୍ଷରୁ ହାଇଆଲର୍ଟ ଜାରି କରାଯାଇଛି । ୧୦ରୁ ୧୨ତାରିଖ ପର୍ଯ୍ୟନ୍ତ ସମୁଦ୍ର ମଧ୍ୟକୁ ନ ଯିବା ଲାଗି ମତ୍ସ୍ୟଜୀବୀ ଓ ପର୍ଯ୍ୟଟକଙ୍କୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ପ୍ରଚାର କରାଯାଉଛି। ସମୁଦ୍ର ଅଶାନ୍ତ ଥିବା ବେଳେ ଦୀଘା ଉପକୂଳ ମନ୍ଦାରମଣି ବେଳାଭୂମିରେ ଗାଧୋଉଥିବା ବେଳେ ଦୁଇ ପର୍ଯ୍ୟଟକ ଭାସିଯାଇ ପ୍ରାଣ ହରାଇଛନ୍ତି। ମୃତକଦ୍ୱୟ ହେଲେ କୋଲକାତା ବାଲିଗଞ୍ଜ ଅଞ୍ଚଳର ସରଫରାଜ୍ ଓ ଝାଡଖଣ୍ଡ ରାଜ୍ୟର ସୃଷ୍ଟି ଗୁପ୍ତା।

## ସ୍ଥାନାନ୍ତର ହେବେ ୧ହଜାର ଲୋକ

କୁଆମରା, ୯।୫(ଡି.ଏନ.ଏ.)

ଆସନ୍ତା ୧୧ ଓ ୧୨ ତାରିଖରେ ଅସାନୀ ମୁକାବିଲା ପାଇଁ ଗୋପବନ୍ଧୁ ନଗର ବ୍ଲକ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ବିଡିଓ ସଂଗ୍ରାମ କେଶରୀ ଭୋଳଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ବ୍ଲକର ବିଭିନ୍ନ ଅଧିକାରୀ ଉପସ୍ଥିତ ଥିଲେ। ଉକ୍ତ ବ୍ଲକର ମୋଟ ୧୩ ପଞ୍ଚାୟତରୁ ବିଶେଷ କରି ନଦୀକୂଳିଆ ଅଞ୍ଚଳ କୁହାଯାଉଥିବା ବରଡିହି, ସାଇଁକୁଳା, ଜୟପୁର, ପଶୁଦାକୁ ବନ୍ୟାପ୍ଲାବିତ ଅଞ୍ଚଳ ଭାବେ ଚିହ୍ନଟ କରାଯାଇଛି। ତେବେ ସମସ୍ତ ପଞ୍ଚାୟତର ବାତ୍ୟା ଆଶ୍ରୟସ୍ଥଳୀ ଭାବେ ମଧଭାଗରେ ଥିବା ବିଦ୍ୟାଳୟର ଭିତ୍ତିଭୂମିକୁ ଲକ୍ଷ୍ୟ କରାଯାଇ ଚିହ୍ନଟ କରାଯାଇଛି। ୧୩ଟି ପଞ୍ଚାୟତ ପାଇଁ ୧୩ଟି ଆଶ୍ରୟସ୍ଥଳୀ ଖୋଲାଯାଇଛି। ଯେପରି ସମସ୍ତ ପ୍ରକାର ଚଳନୀୟ ସୁବିଧା ଥିବ ସେଥିପ୍ରତି ଅଧିକ ଦୃଷ୍ଟି ଦିଆଯିବ। ପ୍ରତି କେନ୍ଦ୍ର ପାଇଁ ୩ ଜଣ ଲେଖାଏଁ ନୋଡାଲ ଅଫିସରଙ୍କ ସମେତ ଜଣେ ମହିଳା ଭାବେ ଅଙ୍ଗନୱାଡି କର୍ମୀ ଉପସ୍ଥିତ ରହିବେ। ପ୍ରତି ପଞ୍ଚାୟତର କଚ୍ଚା ଘର ଓ ବିପଦପୂର୍ଣ୍ଣ ଅବସ୍ଥାରେ ଥିବା ୧ହଜାର ୫୦ଜଣ ଲୋକଙ୍କୁ ବାତ୍ୟା ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯିବ ବୋଲି ବିଡିଓ ସୂଚନା ଦେଇଛନ୍ତି।

## ବାତ୍ୟା ମୁକାବିଲା ଲାଗି ପ୍ରସ୍ତୁତି ଚୂଡ଼ାନ୍ତ

ବନ୍ତ,୯।୫(ଡି.ଏନ.ଏ.)

ବାତ୍ୟା ମୁକାବିଲା ପାଇଁ ଭଦ୍ରକ ଜିଲା ବନ୍ତ ବ୍ଲକ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଇଛି। ବାତ୍ୟା ପୂର୍ବରୁ କଚ୍ଚାଘର ଓ ବିପଦପୂର୍ଣ୍ଣ ସ୍ଥାନରେ ଥିବା ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯିବ। ଏଥିପାଇଁ ୨୫ ପଞ୍ଚାୟତର ୭୫ ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳ ସମେତ ଚାରିଗାଁ ବାତ୍ୟା ଆଶ୍ରୟସ୍ଥଳକୁ ପ୍ରସ୍ତୁତ କରି ରଖାଯାଇଛି। ପ୍ରତି ପଞ୍ଚାୟତରେ ୩ ବିଦ୍ୟାଳୟକୁ ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳ କରାଯାଇଛି। ପ୍ରତି ପଞ୍ଚାୟତ ପାଇଁ ଜଣେ ନୋଡାଲ ଅଫିସର ଏବଂ ପ୍ରତି ଆଶ୍ରୟସ୍ଥଳ ନିମନ୍ତେ ୨ ଶିକ୍ଷକ ଓ ଜଣେ ଅଙ୍ଗନୱାଡି କର୍ମୀଙ୍କୁ ଦାୟିତ୍ୱରେ ରଖାଯାଇଛି। ତେବେ ଲଘୁଚାପ ପ୍ରଭାବରେ ସୋମବାର ଅପରାହ୍ନଠାରୁ ବ୍ଲକରେ ମଧ୍ୟମ ଧରଣର ବର୍ଷା ଆରମ୍ଭ ହୋଇଛି।

## ଭଦ୍ରକରେ ପହଞ୍ଚିଲା ଓଡ୍ରାଫ ଟିମ୍



ପହଞ୍ଚିଥିବା ଓଡ୍ରାଫ ଟିମ୍।

ଭଦ୍ରକ ଅଫିସ,୯।୫

ବାତ୍ୟାକୁ ଦୃଷ୍ଟିରେ ରଖି ଏସ୍ଆର୍ସି (ସ୍ୱତନ୍ତ୍ର ରିଲିଫ କମିଶନର)ଙ୍କ ନିର୍ଦ୍ଦେଶ କ୍ରମେ ସୋମବାର ୩୭ଜଣିଆ ଓଡ୍ରାଫ ଟିମ୍ ଭଦ୍ରକ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଛି। ଏହି ଟିମ୍ କଳିଙ୍ଗନଗର ବେଶ କ୍ୟାମ୍ପରୁ ଆସିଥିବା ବେଳେ ସେମାନଙ୍କ ନିକଟରେ କଟର ମେଶିନ, ପାୱାର ଲାଇଟ ସମେତ ବିଭିନ୍ନ ସରଞ୍ଜାମ ରହିଛି। ବାତ୍ୟା ମୁକାବିଲା ନେଇ ସେମାନେ ପ୍ରସ୍ତୁତ ଥିବାବେଳେ ଏହାର ଗତିବିଧିକୁ ଲକ୍ଷ୍ୟ କରି ସେମାନଙ୍କୁ ମୁତୟନ କରାଯିବ ବୋଲି ଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି।

## '୪୯ ବାତ୍ୟା ଆଶ୍ରୟସ୍ଥଳ, ୧୧୦ ବିଦ୍ୟାଳୟ ଖୋଲା ରଖ'

**ପ୍ରଶାସନିକ ଅଧିକାରୀଙ୍କ ବୈଠକ**

ବାସୁଦେବପୁର, ୯।୫ (ଡି.ଏନ.ଏ.)

ଭଦ୍ରକ ଜିଲାର ବାସୁଦେବପୁର ବ୍ଲକ ବଙ୍ଗୋପସାଗର ତଟବର୍ତ୍ତୀ ଅଞ୍ଚଳ। ବ୍ଲକର ୧୮ରୁ ଊର୍ଦ୍ଧ୍ୱ ପଞ୍ଚାୟତ ଓ ପୌରପାଳିକାର ୨ଟି ୱାର୍ଡର ସୀମା ସିଧାସଳଖ ବଙ୍ଗୋପସାଗର ସୀମାକୁ ଛୁଇଁଛି। ଏହି ପରିପ୍ରେକ୍ଷୀରେ ବାତ୍ୟା ମୁକାବିଲା ପାଇଁ ସୋମବାର ବିଡିଓଙ୍କ କାର୍ଯ୍ୟାଳୟରେ ପ୍ରଶାସନିକ ଅଧିକାରୀମାନଙ୍କୁ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକର ୪୯ ବାତ୍ୟା ଆଶ୍ରୟସ୍ଥଳ ତଥା ବିଭିନ୍ନ ପଞ୍ଚାୟତରେ ଥିବା ୩୮ ବାତ୍ୟା ଆଶ୍ରୟସ୍ଥଳ, ୧୧ଟି ରେଡ୍କ୍ରସ ସେଣ୍ଟର, ୧୧୦ ବିଦ୍ୟାଳୟ ଓ ପୌରପାଳିକାର ଗୋଟିଏ ବାତ୍ୟା ଆଶ୍ରୟସ୍ଥଳକୁ ଖୋଲା



ବୈଠକରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

ରଖିବାକୁ ପ୍ରଶାସନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛି। ବାସୁଦେବପୁର ଅଞ୍ଚଳର ଆସନ୍ନପ୍ରସବା ଥିବା ୧୩୦ଜଣ ଗର୍ଭବତୀ ମହିଳାଙ୍କୁ ସୁରକ୍ଷିତ ଭାବେ ଡାକ୍ତରଖାନାକୁ ଅଣାଯାଇ ଚିକିତ୍ସା ନିମନ୍ତେ ରଖାଯିବାକୁ ମଧ୍ୟ ପ୍ରସ୍ତୁତି ଆରମ୍ଭ ହୋଇଛି।

ବିଡିଓ ସତ୍ୟଜିତ ରାଉତ, ତହସିଲଦାର ଅନିତା ନାୟକ, ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଶାନ୍ତ ସାମନ୍ତ, ବିପିଇଓ ଅଶୋକ କୁମାର ଦାସ, ଅଗ୍ନିଶମ ଅଧିକାରୀ ଶରତ ସୌରଭ ମହାପାତ୍ରଙ୍କ ସହ ସ୍ଥାନୀୟ ପୋଲିସ ଅଧିକାରୀ, ସିଡିପିଓ ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ।

## ରାସ୍ତାରେ ଜମିଲା ବର୍ଷାପାଣି, ଯାତାୟାତ ବାଧାପ୍ରାପ୍ତ

ଭଣ୍ଡାରିପୋଖରୀ, ୯।୫

ଭଦ୍ରକ ଜିଲା ଭଣ୍ଡାରିପୋଖରୀଠାରେ ୧୬ ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ଚାଲୁ ରହିଛି। ଦାୟିତ୍ୱ ନେଇଥିବା କମ୍ପାନୀର ତ୍ରୁଟିପୂର୍ଣ୍ଣ କାର୍ଯ୍ୟ ଯୋଗୁ ଠିକ୍ ଭାବେ ଜଳ ନିଷ୍କାସନ ହୋଇପାରୁ ନାହିଁ। ଫଳରେ ବାତ୍ୟା ପ୍ରଭାବରେ ସୋମବାର ବର୍ଷା ଯୋଗୁ ଭଣ୍ଡାରିପୋଖରୀ ବସ୍ ଷ୍ଟପ ଅଞ୍ଚଳ ଜଳମଗ୍ନ ହୋଇଥିଲା। ବର୍ଷା ଜଳ ଡ୍ରେନ୍କୁ ଯିବା ପରିବର୍ତ୍ତେ ଖାଲୁଆ ରାସ୍ତାରେ ଜମି ରହିଥିଲା। ଫଳରେ ଚଳଚଞ୍ଚଳ ଭଣ୍ଡାରିପୋଖରୀର ଏହି ଅଞ୍ଚଳରେ କିଛି ସମୟ ପାଇଁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା।



## ନଦୀ ସୁରକ୍ଷା ପାଇଁ ଦାବିପତ୍ର

ଆନନ୍ଦପୁର/କେନ୍ଦୁଝର, ୯।୫(ସ୍ୱ.ପ୍ର.)

କେନ୍ଦୁଝର ଜିଲାରେ ଲୁହା ପଥରକୁ ଗୁଣ୍ଡ କରି ନଦୀ ମାନଙ୍କର ପାଣି ସାହାଯ୍ୟରେ ବଡ ବଡ ଲୁହା ପାଇପ ସାହାଯ୍ୟରେ କଳ କାରଖାନା ଓ ପାରାଦ୍ୱୀପ ବନ୍ଦରକୁ ପଠାଯାଉଛି। ଏଥିପାଇଁ ବିପୁଳ ପରିମାଣର ପାଣିର ବ୍ୟବହାର ହେଉଛି। ଯଦ୍ୱାରା କି କେନ୍ଦୁଝର ଜିଲାର ବୈତରଣୀ ନଦୀ ସହିତ ସମସ୍ତ ନଦୀ ଏବେ ଶୁଖିଯାଇଛି। ଏହାର ପ୍ରତିବାଦରେ ବିଭିନ୍ନ ସ୍ଥାନରେ ଭାଜପା ନଦୀ ସୁରକ୍ଷା ସମିତି ପକ୍ଷରୁ ଦାବିପତ୍ର ପ୍ରଦାନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ପରିପ୍ରେକ୍ଷୀରେ ସୋମବାର ଭାଜପା ନଦୀ ସୁରକ୍ଷା ସମିତିର ରାଜ୍ୟ ସଂଯୋଜକ ମହେଶ୍ୱର ସାହୁଙ୍କ ନେତୃତ୍ୱରେ ଭାଜପା କର୍ମୀମାନେ ମିଳିତ ହୋଇ ଆନନ୍ଦପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଦାବିପତ୍ର ପ୍ରଦାନ କରିଛନ୍ତି। ସେହିପରି ମଙ୍ଗଳବାର ମଧ୍ୟ ଏହି ସମିତି ପକ୍ଷରୁ କେନ୍ଦୁଝର ଉପଜିଲାପାଳ ଓ ଚମ୍ପୁଆ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି।



ଆନନ୍ଦପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଭାଜପା ନଦୀ ସୁରକ୍ଷା କର୍ମକର୍ତ୍ତାଙ୍କ ବିକ୍ଷୋଭ।

## ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ୪ ବର୍ଷ ଜେଲ

**ମଧ୍ୟାହ୍ନଭୋଜନ ଲାଞ୍ଚ ମାମଲା**

କେନ୍ଦୁଝର, ୯।୫ (ସ୍ୱ.ପ୍ର.)

ସ୍ଥାନୀୟ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ ଅରବିନ୍ଦ ପଟ୍ଟନାୟକ ସୋମବାର ଏକ ଲାଞ୍ଚ କାରବାର ମାମଲାର ଶୁଣାଣି କରି ଜଣେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଗୌରୀପ୍ରସାଦ ନାଏକଙ୍କୁ ୪ ବର୍ଷ ଜେଲ କାରାଦଣ୍ଡ ଓ ୨ ହଜାର ଟଙ୍କା ଫାଇନ ଆଦେଶ କରିଛନ୍ତି। ଫାଇନ ଅନାଦାୟ ଅତିରିକ୍ତ ୧ ମାସ ଦଣ୍ଡ ଶୁଣାଇଛନ୍ତି।

ପ୍ରକାଶ ଯେ, ୨୦୧୫ ମସିହା ଏପ୍ରିଲ ୧୩ତାରିଖରେ ମଧ୍ୟାହ୍ନଭୋଜନ ପାଇଁ ସ୍କୁଲ ଆକାଉଣ୍ଟକୁ ୭୯,୫୯୦ ଟଙ୍କା ଆସିଥିଲା। ଉକ୍ତ ଟଙ୍କା ମଧ୍ୟାହ୍ନଭୋଜନ ଚଳାଉଥିବା ସ୍ୱୟଂ ସହାୟକ ଗୋଷ୍ଠୀର ସମ୍ପାଦକ ପାନମତୀ ମହାନ୍ତଙ୍କୁ ଦେବାକୁ ଥିଲା। ତେବେ ଉକ୍ତ ଟଙ୍କା ଦେବା ପାଇଁ ପ୍ରଧାନଶିକ୍ଷୟିତ୍ରୀ ୪ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ତେବେ ପାନମତୀ ମହାନ୍ତଙ୍କ ଅନିଚ୍ଛା ସତ୍ତ୍ୱେ ୩ ହଜାର ଟଙ୍କା ଦେବାକୁ ରାଜି ହୋଇଥିଲେ। ଏହି ଘଟଣାକୁ ନେଇ ସେ କେନ୍ଦୁଝର ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହୋଇଥିଲେ। ଉକ୍ତ ଲାଞ୍ଚ ଟଙ୍କା ଏପ୍ରିଲ ୧୬ ତାରିଖରେ ସ୍କୁଲ ପରିସରରେ ଗ୍ରହଣ କରୁଥିବାବେଳେ ପ୍ରଧାନଶିକ୍ଷୟତ୍ରୀ ଭିଜିଲାନ୍ସ ବିଭାଗ ଅଧିକାରୀଙ୍କ ହାତରେ ଧରାପଡି ଗିରଫ ହୋଇଥିଲେ। ପରେ ଜାମିନରେ ଯାଇଥିଲେ। ସୋମବାର ଏହାର ଶୁଣାଣି କରି କୋର୍ଟ ତାଙ୍କୁ ଉକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି।

# ଭଞ୍ଜସେନାର ୪ ଘଣ୍ଟିଆ ଆନ୍ଦୋଳନ

ବାରିପଦା ଅଫିସ/ମୋରଡ଼ା/ବାଙ୍ଗିରିପୋଷି/ଖୁଣ୍ଟା,୯।୫ (ଡି.ଏନ.ଏ.)

ମୟୂରଭଞ୍ଜ ଜିଲାବାସୀଙ୍କୁ ମୌଳିକ ଅଧିକାର ଯୋଗାଇବା ଦାବିରେ ଭଞ୍ଜସେନା ପକ୍ଷରୁ ସୋମବାର ୪ଘଣ୍ଟିଆ ଆନ୍ଦୋଳନ କରାଯାଇଛି। ସକାଳ ୬ଟାରୁ ୧୦ଟା ପର୍ଯ୍ୟନ୍ତ ୧୮ ଓ ୪୯ ନଂ ଜାତୀୟ ଓ ସମସ୍ତ ରାଜ୍ୟ ରାଜପଥରେ କର୍ମକର୍ତ୍ତାମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି।





ଭଞ୍ଜସେନା କର୍ମକର୍ତ୍ତାମାନେ ଜାତୀୟ ରାଜପଥ ଅବରୋଧ କରିଛନ୍ତି।

ଜିଲାବାସୀଙ୍କୁ ଶୁଦ୍ଧ ପାନୀୟ ଜଳ ଯୋଗାଣ, ଉନ୍ନତ ସ୍ୱାସ୍ଥ୍ୟ ସେବା, ଉନ୍ନତ ବିଦ୍ୟୁତ ସେବା, ଗୁଣାତ୍ମକ ଶିକ୍ଷା ଓ ପର୍ଯ୍ୟଟନ ଶିଳ୍ପ ମାଧ୍ୟମରେ ବେକାରୀ ଦୂରୀକରଣ ଆଦି ପ୍ରମୁଖ ଦାବିଗୁଡିକୁ ନେଇ ଉକ୍ତ ଆନ୍ଦୋଳନ କରାଯାଇଛି। ଜିଲାବାସୀଙ୍କୁ ଶୁଦ୍ଧ ପାନୀୟ ଜଳ ଯୋଗାଣରେ ବିଭାଗ ପକ୍ଷରୁ ଅବହେଳା କରାଯାଉଛି । ଜିଲାରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକରେ ୨୭୨ଡାକ୍ତର ଓ ୮୨୦କର୍ମଚାରୀ ପଦବୀ ଖାଲି ପଡିଥିବାରୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଇପାରୁ ନାହିଁ। ଫଳରେ ରୋଗମୁକ୍ତ ହେବା ପାଇଁ ରୋଗୀମାନଙ୍କୁ କଟକ କିମ୍ବା ଭୁବନେଶ୍ୱର ପଠାଇ ଦିଆଯାଉଛି । ଫଳରେ ଲୋକମାନେ ଆର୍ଥିକ ଅନାଟନର ଶିକାର ହେଉଥିବା ବେଳେ ମାନସିକ ଚାପଗ୍ରସ୍ତ ହେଉଛନ୍ତି। ସେହିପରି ଶିମିଳିପାଳ ସମେତ ସାରା ଜିଲାରେ ଥିବା ଶତାଧିକ ପର୍ଯ୍ୟଟନ ସ୍ଥଳୀ ଗୁଡିକର ବିକାଶ କରିବା ଦିଗରେ ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଏପରିସ୍ଥଳେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ପାନ୍ଥ ନିବାସ, ପର୍ଯ୍ୟଟନ ଶିଳ୍ପର ବିକାଶ ହେବା ସହିତ ବେକାର ଯୁବତୀଯୁବକମାନେ ଆତ୍ମନିର୍ଭରଶୀଳ ହୋଇପାରନ୍ତେ। ଏନେଇ ଭଞ୍ଜସେନା ପକ୍ଷରୁ ବାରମ୍ବାର ଦାବି ହୋଇ ଆସୁଥିଲେ ମଧ୍ୟ ସରକାର ଆଦୌ ଗୁରୁତ୍ୱ ଦେଉ ନାହାନ୍ତି। ସମସ୍ତ ଦାବି ଗୁଡିକ ଶୀଘ୍ର ପୂରଣ କରା ନ ଗଲେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ଚେତାବନୀ ଦେଇଛନ୍ତି।

ସେହିପରି ଭଞ୍ଜସେନାର ମୋରଡ଼ା ବ୍ଲକ ଶାଖା ପକ୍ଷରୁ ସଭାପତି ପରିତୋଷ ବାରିକଙ୍କ ନେତୃତ୍ୱରେ ସକାଳ ୬ଟାରୁ ୧୦ ଟା ଯାଏ ଚିତ୍ରଡ଼ାର ଶୀର୍ଷପାଳ ଠାରେ ରାସ୍ତାରୋକୋ ଆନ୍ଦୋଳନ କରାଯାଇଥିଲା। ଭଞ୍ଜସେନା କର୍ମୀ ରାମ କୁଣ୍ଡିଆ, ଅଞ୍ଜନ ବେହେରା, ଆଦର୍ଶ ମାଝି, ମନୋଜ ମୁର୍ମୁ, ତ୍ରିନାଥ ପାତ୍ର, ତପନ ମହାନ୍ତ, ବାଇଧର ମୁର୍ମୁ, ବିକ୍ରମ ହେମ୍ବ୍ରମ ପ୍ରମୁଖ ଏଥିରେ ସାମିଲ ଥିଲେ। ମୋରଡ଼ା ଥାନା ପକ୍ଷରୁ ପୋଲିସ ମୁତୟନ କରାଯାଇଥିଲା। ବାଙ୍ଗିରିପୋଷି ବ୍ଲକରେ ଭଞ୍ଜସେନା ପକ୍ଷରୁ ୪୯ ନଂ. ଜାତୀୟ ରାଜପଥରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସକାଳ ୬ରୁ ୧୦ଟା ପର୍ଯ୍ୟନ୍ତ ରାଜପଥରେ ଗାଡ଼ି ଚଳାଚଳ ବନ୍ଦ ରହିଥିଲା। କେବଳ ଜରୁରିକାଳୀନ ସେବାରେ ନିୟୋଜିତ ଥିବା ଗାଡ଼ି ଏବଂ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଉଥିବା ରୋଗୀଙ୍କୁ ଛାଡ଼ି ଦିଆଯାଉଥିଲା। ସରକାର ଏ ଦିଗରେ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ସଙ୍ଗଠନର ବ୍ଲକ ସଭାପତି ସତ୍ୟପ୍ରକାଶ ମହାନ୍ତି, ଜିଲା ଉପସଭାପତି ସନ୍ତୋଷ ଗିରି, ସାଧାରଣ ସମ୍ପାଦକ ମନୋରଞ୍ଜନ ବାରିକ, ସରୋଜ ବାସ୍କେ, ସୁଜିତ ସାହୁ, ସଞ୍ଜୀବ ଗିରି, ସଂଗ୍ରାମ ଦତ୍ତ, ରାଜେଶ ବାରିକ, ସନ୍ଦୀପ ଗିରି, ସମୀର ସାହୁ, ବିଜେନ୍ଦ୍ର ସାହୁ, ପ୍ରକାଶ ମହାକୁଡ଼, ସୁମିତ ଗିରି, ଅନୁରାଗ ନାଏକ, ବିକାଶ ଧଡ଼ା, କାଳିଆ ସିଂ, ସହଦେବ ପାତ୍ର, ବଙ୍କେଶ ସେଠୀ ପ୍ରମୁଖ ଚେତାବନୀ ଦେଇଛନ୍ତି।

ସେହିପରି କପ୍ତିପଦା ଉପଖଣ୍ଡ ସଭାପତି ସମ୍ପୂର୍ଣ୍ଣ ହେମ୍ବ୍ରମଙ୍କ ନେତୃତ୍ୱରେ ଖୁଣ୍ଟା ଓ ଗୋପବନ୍ଧୁନଗର ବ୍ଲକର ଭଞ୍ଜସେନା ସଦସ୍ୟମାନେ ଉଦଳା-ଖୁଣ୍ଟା-ବାରିପଦା ରାଜରାସ୍ତାର ପୁରୁଣାପାଣି ଛକଠାରେ ରାଜରାସ୍ତା ଅବରୋଧ କରିଥିଲେ।

## 'ଅସାଧାରଣ ବ୍ୟକ୍ତିତ୍ୱ ଥିଲେ ପଣ୍ଡିତ ରଘୁନାଥ'

ବାଲେଶ୍ୱର ଅଫିସ, ୯।୫

ବାଲେଶ୍ୱର ଆଇଟିଆଇ ପଡ଼ିଆରେ ପଣ୍ଡିତ ଦିବଙ୍ଗତ ରଘୁନାଥ ମୁର୍ମୁଙ୍କ ୧୧୭ତମ ଜୟନ୍ତୀ ଉତ୍ସବ ପାଳିତ



ଜୟନ୍ତୀ ଉତ୍ସବରେ ମଞ୍ଚାସୀନ ଅତିଥି।

ହୋଇଛି। ମୁଖ୍ୟଅତିଥି ଭାବେ ବିଜେଡି ଜିଲା ସଭାପତି ଇଂ. ରବୀନ୍ଦ୍ର ଜେନା ଯୋଗଦେଇ ପଣ୍ଡିତ ରଘୁନାଥ ମୁର୍ମୁ ଜଣେ ଅସାଧାରଣ ବ୍ୟକ୍ତିତ୍ୱ ଥିଲେ। ତାଙ୍କ ପାଇଁ ଆଜି ସାନ୍ତାଳି ଭାଷା ମାନ୍ୟତା ପାଇଛି। ସେ ଥିଲେ ଅଲ୍ଚିକି ଲିପିର ପ୍ରବର୍ତ୍ତକ। ସାନ୍ତାଳୀ ଜନଜୀବନରେ ଉନ୍ନତି ପାଇଁ ସେ ଆଜୀବନ ଉଦ୍ୟମ କରିଥିଲେ। ସେହି ଦିବଙ୍ଗତ ମହାନ୍ ବ୍ୟକ୍ତିଙ୍କୁ ସଶ୍ରଦ୍ଧ ପ୍ରଣାମ ଜଣାଇଥିଲେ। ସେହିପରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜନଜାତିମାନଙ୍କ ବିକାଶ ପାଇଁ ବଦ୍ଧପରିକର। ସେ ବହୁବିଧ ଯୋଜନା ହାତକୁ ନେଇଛନ୍ତି, ଯାହାର ସୁଫଳ ମିଳିଛି ଆଉ ଆଗକୁ ମଧ୍ୟ ମିଳିବ ବୋଲି କହିଥିଲେ। କାର୍ଯ୍ୟକ୍ରମର ଆୟୋଜକ ଜେଏମ୍ଏସ୍ କ୍ଲବକୁ ସରକାରୀ ସ୍ତରରେ ଆର୍ଥିକ ସହାୟତା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ପୌରାଧ୍ୟକ୍ଷା ସବିତା ସାହୁ, ଲାଲ୍ମୋହନ ହେମ୍ବ୍ରମ୍, ଯୁବନେତା ଭାଗବତ ସାହୁ ଓ ସ୍ଥାନୀୟ କାଉନସିଲର ଉପସ୍ଥିତ ଥିଲେ।

# ଚିନ୍ତନ ଶିବିର ପୂର୍ବରୁ ସବୁ ନେତାଙ୍କ ସହଯୋଗ ଲୋଡ଼ିଲେ ସୋନିଆ

ନୂଆଦିଲ୍ଲୀ,୯।୫(ପି.ଟି.)

ରାଜସ୍ଥାନର ଉଦୟପୁରରେ ମେ' ୧୩ରୁ ୧୫ କଂଗ୍ରେସର ଚିନ୍ତନ ଶିବିର ଅନୁଷ୍ଠିତ ହେବାକୁ ଯାଉଥିବାବେଳେ ଏହା ପୂର୍ବରୁ ଦଳ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ସମସ୍ତ ନେତାଙ୍କ ସହଯୋଗ ଲୋଡ଼ିଛନ୍ତି। ସୋମବାର ଦଳୀୟ ମୁଖ୍ୟାଳୟରେ ସିଡବ୍ଲ୍ୟୁସିର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଦଳର ଶୀର୍ଷ ନେତାମାନଙ୍କୁ ଉଦ୍‌ବୋଧନ ଦେଇ ସୋନିଆ କହିଥିଲେ, ଚିନ୍ତନ ଶିବିର ଏକ ବିଧି ହେବା ଉଚିତ ନୁହେଁ। ଏହା ଦଳର ନୀତି ଆଦର୍ଶ ରକ୍ଷା ଏବଂ ନିର୍ବାଚନ ଓ ପରିଚାଳନାଗତ ଚ୍ୟାଲେଞ୍ଜଗୁଡ଼ିକର ସମ୍ମୁଖୀନ ହେବା ଲାଗି ସାଂଗଠନିକ ପୁନର୍ଗଠନର ଅଗ୍ରଦୂତ ହେବା ଆବଶ୍ୟକ। ଏହା କୌଣସି ଯାଦୁକରୀ କାର୍ଯ୍ୟ ନୁହେଁ। ନିଃସ୍ୱାର୍ଥପର କାର୍ଯ୍ୟ, ଶୃଙ୍ଖଳା ଏବଂ ସାମୂହିକ ଉଦ୍ଦେଶ୍ୟରେ କ୍ରମାଗତ ଉଦ୍ୟମ ଦ୍ୱାରା ଆମେ ଦୃଢ଼ତା ପ୍ରଦର୍ଶନ କରିପାରିବା ବୋଲି ସୋନିଆ କହିଥିଲେ। ଦଳ ଏବେ ଏକ ଘଡ଼ସନ୍ଧି ସମୟ ଦେଇ ଗତି କରୁଥିବାବେଳେ ଏହାକୁ ପୁଣିଥରେ ପୂରା ଦମ୍‌ରେ ଆଗେଇ ନେବାକୁ ହେଲେ ସମସ୍ତେ ଆଗେଇ ଆସିବା ସହ ଦଳକୁ ଆମର ଋଣ ପରିଶୋଧ କରିବାକୁ ହେବ ବୋଲି କଂଗ୍ରେସ ଅଧ୍ୟକ୍ଷା ଦଳର କାର୍ଯ୍ୟକାରୀ କମିଟି ବୈଠକରେ କହିଛନ୍ତି।



ସିଡବ୍ଲ୍ୟୁସି ବୈଠକରେ ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀ।

ଚିନ୍ତନ ବୈଠକରେ ୪୦୦ କଂଗ୍ରେସ ସଦସ୍ୟ ଯୋଗଦେବେ। ଦଳର ପ୍ରତ୍ୟେକ ନେତାଙ୍କୁ ଗୋଟିଏ ପଦ ବାର୍ତ୍ତା ଦେବା ଉପରେ ସୋନିଆ ଗୁରୁତ୍ୱ ଦେଇଥିଲେ। ସେହିପରି ସବୁ ଦୃଷ୍ଟିରୁ ସନ୍ତୁଳିତ ପ୍ରତିନିଧିତ୍ୱ ସୁନିଶ୍ଚିତ କରିବା ଲାଗି ଦଳ ସମସ୍ତ ଉଦ୍ୟମ ଜାରି ରଖିବ। ଚିନ୍ତନ ଶିବିରରେ ରାଜନୈତିକ, ଅର୍ଥନୈତିକ, ସାମାଜିକ ନ୍ୟାୟ, କୃଷକ, ଯୁବ ଓ ସାଂଗଠନିକ ପ୍ରସଙ୍ଗକୁ ନେଇ ୬ଟି ବର୍ଗରେ ଆଲୋଚନା ହେବ ବୋଲି କଂଗ୍ରେସ ଅଧ୍ୟକ୍ଷା କହିଥିଲେ।

# ଅଲକା ମହାନ୍ତି ବିଜେଡି ପ୍ରାର୍ଥୀ

ଭୁବନେଶ୍ୱର,୯।୫(ବ୍ୟୁରୋ)


ଖବରଦାତା ସମ୍ମିଳନୀରେ ବିଜେଡି ପ୍ରାର୍ଥିନୀ ଅଲକା ମହାନ୍ତି (ଡାହାଣ)।

## ବ୍ରଜରାଜନଗର ଉପନିର୍ବାଚନ

ଆସନ୍ତା ୩୧ ତାରିଖରେ ହେବାକୁ ଥିବା ବ୍ରଜରାଜନଗର ଉପନିର୍ବାଚନ ପାଇଁ ଅଲକା ମହାନ୍ତି ବିଜେଡି ପ୍ରାର୍ଥୀ ହୋଇଛନ୍ତି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୂର୍ବତନ ବିଧାୟକ ସ୍ୱର୍ଗତ କିଶୋର ମହାନ୍ତିଙ୍କ ପତ୍ନୀ ଅଲକାଙ୍କ ନାମକୁ ସୋମବାର ବିଧିବଦ୍ଧ ଭାବେ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ପୁଣିଥରେ ସ୍ୱର୍ଗତ ବିଧାୟକଙ୍କ ପରିବାରରୁ ଉପନିର୍ବାଚନ ପାଇଁ ପ୍ରାର୍ଥୀ କରିଛନ୍ତି। ପ୍ରକାଶ ଯେ, ୨୦୨୧ ଡିସେମ୍ବର ୩୦ରେ କିଶୋରଙ୍କ ମୃତ୍ୟୁ ହୋଇଥିଲା। ୪ ମାସ ଧରି ଆସନ ଖାଲିପଡ଼ିବା ପରେ ଭାରତର ନିର୍ବାଚନ କମିଶନ ମେ' ୩୧ରେ ଉପନିର୍ବାଚନ କରିବା ନେଇ ଘୋଷଣା କରିଛନ୍ତି। ନାମାଙ୍କନ ଦାଖଲର ଶେଷଦିନ ମେ'୧୧ ରହିଛି। ସେହିଦିନ ଅଲକା ବିଜେଡିରୁ ବିଧାୟକ ପ୍ରାର୍ଥୀ ଭାବେ ନାମାଙ୍କନ ଭରିବା ନେଇ ସୂଚନା ଦେଇଛନ୍ତି। ବିଜେଡି ପ୍ରାର୍ଥୀ ଘୋଷଣା ହେବା ପରେ ପ୍ରତିକ୍ରିୟାରେ ଅଲକା କହିଛନ୍ତି ଯେ, ତାଙ୍କ ଉପରେ ଦଳ ଆସ୍ଥା ପ୍ରକଟ କରିଥିବାରୁ ସେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ କୃତଜ୍ଞ। ଏଥିସହ ସେ ବ୍ରଜରାଜନଗର ଅଞ୍ଚଳର ଲୋକଙ୍କୁ ମଧ୍ୟ ଧନ୍ୟବାଦ ଦେଇଛନ୍ତି। ବ୍ରଜରାଜନଗରର ବିକାଶ ପାଇଁ ମୋ ସ୍ୱାମୀ ବହୁତ ସ୍ୱପ୍ନ ଦେଖିଥିଲେ। ସେହି ସ୍ୱପ୍ନ ପୂରଣ ହେବା ପୂର୍ବରୁ ସେ ଆରପାରିକୁ ଚାଲିଗଲେ। ସେ ଦେଖିଥିବା ସ୍ୱପ୍ନ ପୂରଣ କରିବାକୁ ଚେଷ୍ଟା କରିବେ ବୋଲି ଅଲକା କହିଛନ୍ତି। ସୂଚନାଯୋଗ୍ୟ, କିଶୋର ୪ଥର ବିଧାୟକ ଥିଲେ। ଝାରସୁଗୁଡ଼ାରୁ ୩ଥର ଜିତିଥିବା ବେଳେ ବ୍ରଜରାଜନଗରରୁ ଥରେ ବିଧାୟକ ହୋଇଥିଲେ। ବିଧାନସଭାର ବାଚସ୍ପତି ଭାବେ ମଧ୍ୟ ଦାୟିତ୍ୱ ତୁଲାଇଥିଲେ। ଆସନ୍ତା ୩୧ରେ ବ୍ରଜରାଜନଗରରେ ଭୋଟ ଗ୍ରହଣ ହେବ। ଜୁନ୍ ୩ ତାରିଖରେ ପ୍ରକାଶ ପାଇବ ଫଳାଫଳ। ବ୍ରଜରାଜନଗର ଆସନଟି ପ୍ରଥମରୁ କଂଗ୍ରେସ କବ୍‌ଜାରେ ରହିଆସିଥିଲା। ଲଗାତର ବିଜୟୀ ହେଉଥିବା କଂଗ୍ରେସ ପ୍ରାର୍ଥୀ ଅନୁପ ସାଏ ୨୦୧୪ରେ ଦଳ ଛାଡ଼ି ବିଜେଡିରେ ଯୋଗଦେଇଥିଲେ। ତେବେ ସେ ଭାଜପା ପ୍ରାର୍ଥୀ ରାଧାରାଣୀ ପଣ୍ଡାଙ୍କଠାରୁ ହାରିଯାଇଥିଲେ। ଅନ୍ୟପକ୍ଷରେ କଂଗ୍ରେସ ଛାଡ଼ି ବିଜେଡିରେ ଯୋଗଦେବା ପରେ ନବକିଶୋର ଦାସଙ୍କୁ ଝାରସୁଗୁଡ଼ାରୁ ବିଜେଡି ପ୍ରାର୍ଥୀ କରିଥିଲା। ଝାରସୁଗୁଡ଼ାକୁ ନିଜର ଗଡ଼ କରିଥିବା କିଶୋର ମହାନ୍ତିଙ୍କୁ ୨୦୧୯ରେ ବିଜେଡି ପ୍ରଥମଥର ପାଇଁ ବ୍ରଜରାଜନଗର ଆସନରୁ ପ୍ରାର୍ଥୀ କରିଥିଲା। କିଶୋର ଭାଜପା ପ୍ରାର୍ଥୀ ରାଧାରାଣୀଙ୍କୁ ହରାଇ ବ୍ରଜରାଜନଗରରେ ବିଜେଡି ବାନା ଉଡ଼ାଇଥିଲେ।

# ପ୍ରାର୍ଥୀ ଘୋଷଣା ପରେ ରାଜନୈତିକ ଉଷ୍ମତା

ଝାରସୁଗୁଡ଼ା ଅଫିସ,୯।୫




ଆସନ୍ତା ୩୧ତାରିଖରେ ବ୍ରଜରାଜନଗର ବିଧାନସଭା ଉପନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ୧୧ତାରିଖ ନାମାଙ୍କନପତ୍ର ଦାଖଲ ଶେଷ ତାରିଖ ରହିଛି। ଇତିମଧ୍ୟରେ ୪ ରାଜନୈତିକ ଦଳ ବିଧିବଦ୍ଧ ଭାବେ ସେମାନଙ୍କ ପ୍ରାର୍ଥୀ ଘୋଷଣା କରିଛନ୍ତି। ବିଜେଡିରୁ ପୂର୍ବତନ ବିଧାୟକ ସ୍ୱର୍ଗତ କିଶୋର ମହାନ୍ତିଙ୍କ ସ୍ତ୍ରୀ ଅଲକା ମହାନ୍ତି, ଭାଜପାରୁ ପୂର୍ବତନ ବିଧାୟିକା ରାଧାରାଣୀ ପଣ୍ଡା, କଂଗ୍ରେସରୁ ପୂର୍ବତନ ବାଚସ୍ପତି କିଶୋର ଚନ୍ଦ୍ର ପଟେଲ ଓ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ)ରୁ ରମେଶ ତ୍ରିପାଠୀ ପ୍ରାର୍ଥୀ ହୋଇଛନ୍ତି। ପରିଚିତ ଚେହେରା ହୋଇଥିବାରୁ ନିଶ୍ଚିତଭାବେ ନିର୍ବାଚନ ପ୍ରତିଯୋଗିତା ଜୋର୍‌ଦାର ହେବ ବୋଲି ରାଜନୈତିକ ବିଶାରଦଙ୍କ ମଧ୍ୟରେ ଆଲୋଚନା ହେଉଛି। ଏଭଳି ସ୍ଥିତିରେ ନାମାଙ୍କନପତ୍ର ଦାଖଲ କରିବା ପାଇଁ ପ୍ରାର୍ଥୀଙ୍କ ହାତରେ ଆଉ ୨ଦିନ ବାକି ରହିଥିବାବେଳେ ଏକମାତ୍ର ସିପିଆଇ ପ୍ରାର୍ଥୀ ତ୍ରିପାଠୀ ସୋମବାର ତାଙ୍କ ସମର୍ଥକଙ୍କ ସହ ରିଟର୍ଣ୍ଣି ଅଫିସର ଉପଜିଲାପାଳଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ବାକି ୩ ପ୍ରମୁଖ ଦଳ ନାମାଙ୍କନପତ୍ର ଶେଷ ତାରିଖରେ ଦାଖଲ କରିବେ ବୋଲି ଶୁଣିବାକୁ ମିଳୁଛି। ପ୍ରାର୍ଥୀଙ୍କ ନାମ ଘୋଷଣା ହେବା ପରେ ନିର୍ବାଚନମଣ୍ଡଳୀରେ ରାଜନୈତିକ ଉଷ୍ମତା ଦେଖାଦେଇଛି। ଲଢେଇ ପାଇଁ ବିଭିନ୍ନ ରାଜନୈତିକ ଦଳ ରଣକୌଶଳ ପ୍ରସ୍ତୁତ କରିବାରେ ଲାଗିପଡିଛନ୍ତି। ଅନ୍ୟପକ୍ଷେ ଆଶାୟୀ ରହିଥିବାରୁ ପ୍ରାର୍ଥୀ ଚୟନକୁ ନେଇ କିଛି ଦଳରେ ଅସନ୍ତୋଷ ଦେଖାଦେଇଛି। ଏହାକୁ ସମାଧାନ କରିବା ପାଇଁ ନେତୃବୃନ୍ଦଙ୍କ ମଧ୍ୟରେ ପ୍ରୟାସ ଆରମ୍ଭ ହୋଇଛି। ଏହି ଅସନ୍ତୋଷ ପ୍ରାର୍ଥୀଙ୍କ ବିଜୟରେ ବାଧା ସୃଷ୍ଟି କରିବ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।


ରମେଶ ତ୍ରିପାଠୀ

# ଇସ୍ତଫା ଦେଲେ ଭାଜପା ଝାରସୁଗୁଡ଼ା ଜିଲା ସଭାପତି

**'ଦଳୀୟ ନେତୃବୃନ୍ଦ ଓ କର୍ମୀଙ୍କ ମଧ୍ୟରେ ବିଭିନ୍ନ ସମୟରେ ସମନ୍ୱୟ ନ ରହିବା ଫଳରେ ସମସ୍ତଙ୍କୁ ନେଇ କାମ କରିବା ସମ୍ଭବପର ହେଉନାହିଁ। ଦଳରେ ଅନେକ ସମୟରେ ଅଣଦେଖା କରାଯାଉଛି –ମଙ୍ଗଳ'**

ଝାରସୁଗୁଡ଼ା ଅଫିସ,୯।୫


ମଙ୍ଗଳ ସାହୁ

ଭାଜପାର ଝାରସୁଗୁଡ଼ା ଜିଲା ସଭାପତି ମଙ୍ଗଳ ସାହୁ ତାଙ୍କ ପଦବୀରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କ ଇସ୍ତଫାପତ୍ର ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ନିକଟକୁ ପଠାଇଦେଇଛନ୍ତି। ଏଥିରେ ସେ ଉଲ୍ଲେଖ କରିଛନ୍ତି, ଦଳୀୟ ନେତୃବୃନ୍ଦ ଓ କର୍ମୀଙ୍କ ମଧ୍ୟରେ ଅନେକ ସମୟରେ ସମନ୍ୱୟ ରହୁନାହିଁ। ଫଳରେ ସମସ୍ତଙ୍କୁ ନେଇ କାମ କରିବା ସମ୍ଭବପର ହେଉନାହିଁ। ଦଳରେ ଅନେକ ସମୟରେ ତାଙ୍କୁ ଅଣଦେଖା କରାଯାଉଛି। ଗତ ୨୫ବର୍ଷ ହେଲା ସେ ଦଳର ବିଭିନ୍ନ ପଦପଦବୀରେ ରହି ଶୃଙ୍ଖଳିତ ଭାବେ କାମ କରିଆସୁଥିଲେ। ଏବେ ଆଉ କୌଣସି ପଦପଦବୀରେ ନ ରହି ସାଧାରଣ ସଦସ୍ୟ ଭାବେ ଦଳରେ ରହି କାମ କରିବେ। ବ୍ରଜରାଜନଗର ଉପନିର୍ବାଚନ ସମୟରେ ଜିଲା ସଭାପତି ସାହୁଙ୍କ ଏଭଳି ନିଷ୍ପତ୍ତି ଦଳୀୟ ନିର୍ବାଚନ ପ୍ରତିଯୋଗିତାକୁ ପ୍ରଭାବିତ କରିବ ବୋଲି ଚର୍ଚ୍ଚା ହେଉଛି। ଚଳିତ ଉପନିର୍ବାଚନରେ ସଭାପତି ସାହୁ ଦଳରେ ଆଶାୟୀ ପ୍ରାର୍ଥୀ ରହିଥିବାବେଳେ ପୂର୍ବତନ ବିଧାୟିକା ରାଧାରାଣୀ ପଣ୍ଡାଙ୍କ ନାମ ଦଳ ଘୋଷଣା କରିଛି। ଏଥିରେ ଅସନ୍ତୋଷ ବ୍ୟକ୍ତକରି ସେ ଏଭଳି ନିଷ୍ପତ୍ତି ନେଇଥିବା ଦଳରେ ଆଲୋଚନା ହେଉଛି।

# କଂଗ୍ରେସରୁ କିଶୋର ପଟେଲ

ଭୁବନେଶ୍ୱର,୯।୫(ବ୍ୟୁରୋ)



ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ନେତା କିଶୋର ପଟେଲଙ୍କୁ କଂଗ୍ରେସ ବ୍ରଜରାଜନଗର ଉପନିର୍ବାଚନ ପାଇଁ ପ୍ରାର୍ଥୀ କରିଛି। ସୋମବାର ଏ ନେଇ ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି) ପକ୍ଷରୁ ବିଧିବଦ୍ଧ ଘୋଷଣା କରାଯାଇଛି। ପୂର୍ବରୁ କିଶୋରଙ୍କ ନାମକୁ ନେଇ ଆଲୋଚନା ହେଉଥିଲେ ମଧ୍ୟ ଔପଚାରିକ ଭାବେ ଘୋଷଣା କରାଯାଇ ନ ଥିଲା। ତାଙ୍କୁ ନେଇ ଦଳ ବ୍ରଜରାଜନଗର ଉପନିର୍ବାଚନ ବୈତରଣୀ ପାର ହେବା ପାଇଁ ଆଶା ପ୍ରକଟ କରିଛି। ବ୍ରଜରାଜନଗର କଂଗ୍ରେସର ଗଡ଼ ରହିଥିବା ବେଳେ ୨୦୧୪ରେ ଭାଜପା ଓ ୨୦୧୯ରେ ଏହାକୁ ବିଜେଡି କବ୍‌ଜା କରିଛି। ପୂର୍ବତନ ବିଧାୟକ ଅନୁପ ସାଏ ୨୦୧୪ରେ ବିଜେଡିରେ ଯୋଗଦେବା ପରେ ସେହି ଆସନ ଆଉ କଂଗ୍ରେସ ହାତକୁ ଫେରିପାରିନାହିଁ। ପୁରୁଣା ଗଡ଼କୁ ବଞ୍ଚାଇବା ପାଇଁ ଚଳିତ ଉପନିର୍ବାଚନରେ ଜୋରଦାର ପ୍ରୟାସ କରିବା ନେଇ କଂଗ୍ରେସ ରଣନୀତି ପ୍ରସ୍ତୁତ କରୁଛି। କିଶୋରଙ୍କ ଦୀର୍ଘ ରାଜନୈତିକ ଅନୁଭୂତିକୁ ନେଇ ଦଳ ଏହି ନିର୍ବାଚନରେ ବିଜୟୀ ହେବା ଆଶା ବାନ୍ଧିଛି। ଅନ୍ୟପକ୍ଷରେ ରବିବାର ଭାଜପା ପୂର୍ବତନ ବିଧାୟିକା ରାଧାରାଣୀ ପଣ୍ଡାଙ୍କୁ ବ୍ରଜରାଜନଗର ଉପନିର୍ବାଚନ ପାଇଁ ପ୍ରାର୍ଥୀ ଘୋଷଣା କରିଛି। ବିଜେଡି ହାତରୁ ବ୍ରାଜରାଜନଗର ଆସନ ଛଡ଼ାଇବା ପାଇଁ ଭାଜପା ମଧ୍ୟ ନିଜର ସମସ୍ତ କଳବଳ ଖଟାଇବା ନେଇ ଚର୍ଚ୍ଚା ହେଉଛି।

# ସର୍ବଦଳୀୟ ବୈଠକ
## ୨୭୯ ବୁଥ୍‌ରେ ଭୋଟ ଦେବେ ୨ଲକ୍ଷରୁ ଅଧିକ ଭୋଟର

ଭୁବନେଶ୍ୱର,୯।୫(ବ୍ୟୁରୋ)

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଉପନିର୍ବାଚନ ପାଇଁ ସୋମବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳଗୁଡିକର କର୍ମକର୍ତ୍ତାଙ୍କୁ ନେଇ ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଛି। ନିର୍ବାଚନ ଆୟୋଗଙ୍କ ଦ୍ୱାରା ବ୍ରଜରାଜନଗର ଉପନିର୍ବାଚନ ଘୋଷଣା ସହ ସମ୍ପୂର୍ଣ୍ଣ ନିର୍ବାଚନ ସୂଚୀ ସମ୍ପର୍କରେ ଉପସ୍ଥିତ ରାଜନୈତିକ ଦଳର କର୍ମକର୍ତ୍ତାଙ୍କୁ ମୁଖ୍ୟ ନିର୍ବାଚନ ଅଧିକାରୀ ଅବଗତ କରାଇଛନ୍ତି। ଜାନୁୟାରୀ ୨୦୨୨ରେ ପ୍ରକାଶିତ ଚୂଡ଼ାନ୍ତ ଭୋଟର ତାଲିକା ଅନୁଯାୟୀ ବ୍ରଜରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀର ସମୁଦାୟ ଭୋଟରଙ୍କ ସଂଖ୍ୟା ୨,୧୪,୭୪୫। ସେଥିମଧ୍ୟରୁ ୧,୦୯,୯୮୯ ଜଣ ପୁରୁଷ ଓ ୧,୦୪,୭୩୯ ଜଣ ମହିଳା ଏବଂ ୧୭ ଜଣ ତୃତୀୟଲିଙ୍ଗ ଭୋଟର ଅଛନ୍ତି। ସମୁଦାୟ ଦିବ୍ୟାଙ୍ଗ ଭୋଟରଙ୍କ ସଂଖ୍ୟା ୩୫୦୯ ଥିବାବେଳେ ସେଥିମଧ୍ୟରୁ ୧୯୪୩ ଜଣ ପୁରୁଷ ଓ ୧୫୬୬ ମହିଳା ଦିବ୍ୟାଙ୍ଗ ଭୋଟର ଅଛନ୍ତି। ଏହାବାଦ୍ ୮୦ ବର୍ଷରୁ ଊର୍ଦ୍ଧ୍ୱ ବୟସର ଭୋଟରଙ୍କ ସଂଖ୍ୟା ୩୧୨୭ ଥିବାବେଳେ ସେଥିରୁ ୧୪୩୨ ଜଣ ପୁରୁଷ ଓ ୧୬୯୫ ମହିଳା ଭୋଟର। ବ୍ରଜରାଜନଗର ନିର୍ବାଚନମଣ୍ଡଳୀରେ ସମସ୍ତ ଭୋଟରଙ୍କୁ ଫଟୋ ପରିଚୟ ପତ୍ର ପ୍ରଦାନ କରାଯାଇଥିବା ମୁଖ୍ୟ ନିର୍ବାଚନ ଅଧିକାରୀ ଲୋହାନୀ ବୈଠକରେ ପ୍ରକାଶ କରିଛନ୍ତି। ସେ ଆହୁରି କହିଛନ୍ତି, ନିର୍ବାଚନମଣ୍ଡଳୀରେ ସମୁଦାୟ ୨୫୭ ବୁଥ୍ ଥିବାବେଳେ କୋଭିଡ୍-୧୯ ଦୃଷ୍ଟିକୋଣରୁ ନିର୍ବାଚନ ଆୟୋଗଙ୍କ ନିଷ୍ପତ୍ତି କ୍ରମେ ଆଉ ଅତିରିକ୍ତ ୨୨ଟି ବୁଥ୍ ବଢ଼ାଯିବା ଫଳରେ ବୁଥସଂଖ୍ୟା ୨୭୯ ହୋଇଛି।

GOVERNMENT OF ODISHA No. O-182
OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, SUNABEDA
email: serwsbd2003@yahoo.com
No. 1915 **e-Procurement Notice for Bridge Works** Date: 04.05.2022
1. Name of the work : Construction of Bridges as per Annexure (02 Nos.)
2. Class of Contractor : "B", "A" & Special Class of (Odisha PWD) or relevant class of other licensing authority
3. Estimated Cost : Varies from Rs.215.88 lakhs to Rs.523.10 lakhs (Approximately)
4. Details projects as per Annexure attached :

| Procurement Officer | Bid Identification No. | Availability of Tender online for bidding | | Last date & time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sunabeda | CCERWCSBD - Online - 08/2022-23 | 12.05.2022 at 11.00 A.M. | 27.05.2022 upto 5.30 P.M. | 26.05.2022 upto 1.00 P.M. | 31.05.2022 at 11.00 A.M. | To be intimated separately |

5. The details of works can be seen from the website https://www.tendersodisha.gov.in.
6. Any Corrigendum/Addendum will be displayed in the above e-tender website.
OIPR-25182/11/0007/2223 Sd./- Chief Construction Engineer, Rural Works Circle, Sunabeda

ACCESS TO JUSTICE FOR ALL
# ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ–୨୦୨୨
ତା.୧୪.୦୫.୨୦୨୨ (ଶନିବାର)
No.W-01:
**ବିଶେଷ ସୂଚନା**
୧. ଆଜ୍ଞା, କୌଣସି କଚେରିରେ ଆପଣଙ୍କର କୌଣସି ମକଦ୍ଦମା ବିଚାରାଧୀନ ରହିଛି କି, ବା ଆପଣଙ୍କର କାହା ସହିତ କୌଣସି ବିବାଦ ରହିଛି କି ?
୨. ତେବେ ଆପଣ ସେ ମକଦ୍ଦମା/ବିବାଦର ସହଜ ଏବଂ ଆପୋଷ ସହମତରେ ସମାଧାନ ପାଇଁ ଲୋକ ଅଦାଲତଙ୍କ ସହାୟତା ନିଅନ୍ତୁ।
୩. ତା.୧୪.୦୫.୨୦୨୨ ରିଖ (ଶନିବାର)ରେ ଉଚ୍ଚ ନ୍ୟାୟାଳୟ ପରିସରରେ ଏବଂ ପ୍ରତ୍ୟେକ ଜିଲ୍ଲାସ୍ତରୀୟ ଏବଂ ରାଷ୍ଟ୍ରସ୍ତରୀୟ ଏବଂ ତାଲୁକସ୍ତରୀୟ ବିଚାର ବିଭାଗୀୟ କୋର୍ଟ ପରିସରରେ ଏକ ରାଷ୍ଟ୍ରସ୍ତରୀୟ ଲୋକ ଅଦାଲତ ଅନୁଷ୍ଠିତ ହେଉଛି।
୪. ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧୀନ ମକଦ୍ଦମା ଯଥା ଫୌଜଦାରି (ସାଲିସଯୋଗ୍ୟ), ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ମାମଲା, ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ, ଜଳ ଓ ଅନ୍ୟାନ୍ୟ ବିଲ୍ ଦେୟଜନିତ ବିବାଦ (ସାଲିସ୍ ବିହୀନ ବିବାଦକୁ ବାଦ୍ ଦେଇ), ବୈବାହିକ ବିବାଦ (ଛାଡ଼ପତ୍ର ବ୍ୟତୀତ), ଜମି ଅଧିଗ୍ରହଣ, ଚାକିରି ସମ୍ବନ୍ଧୀୟ (ଦରମା, ଭତ୍ତା ଓ ଅବସରକାଳୀନ ପ୍ରାପ୍ୟ) ଓ ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଇତ୍ୟାଦିର ଆପୋଷ ସହମତିରେ ସମାଧାନ କରାଯାଇପାରିବ।
୫. କେବଳ ବିଚାରାଧୀନ ମକଦ୍ଦମା ନୁହେଁ, ପ୍ରାକ୍–ମକଦ୍ଦମାସ୍ତରୀୟ (କଚେରିରେ ଦାୟର ହୋଇ ନ ଥିବା) ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ବିବାଦ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ, ଜଳ ଓ ଅନ୍ୟାନ୍ୟ ବିଲ୍ ଦେୟଜନିତ ବିବାଦ (ସାଲିସ୍ ବିହୀନ ବିବାଦକୁ ବାଦ୍ ଦେଇ), ଭରଣପୋଷଣ ବିବାଦ, ଅନ୍ୟାନ୍ୟ ସାଲିସ୍‌ଯୋଗ୍ୟ ଫୌଜଦାରି ଓ ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଇତ୍ୟାଦିର ମଧ୍ୟ ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ।
୬. ଲୋକ ଅଦାଲତରେ ମକଦ୍ଦମା/ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡେନାହିଁ ଏବଂ ଲୋକ ଅଦାଲତଙ୍କ ରାୟ ବୈଧ, ଚୂଡ଼ାନ୍ତ ଏବଂ ଅମଳଯୋଗ୍ୟ।
୭. ଯଦି କୌଣସି ବିଚାରାଧୀନ ମକଦ୍ଦମାର ସମାଧାନ ଲୋକ ଅଦାଲତ ମାଧ୍ୟମରେ ହୁଏ, ଆଗରୁ ପଇଠ ହୋଇଥିବା କୋର୍ଟ ଫି ଫେରସ୍ତ ହୋଇପାରିବ।
୮. ଦୀର୍ଘ ଦିନ ଧରି ଚାଲୁରହିଥିବା ମକଦ୍ଦମାର ସହଜ ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇଁ ଏହି ସୁଯୋଗର ସଦୁପଯୋଗ କରନ୍ତୁ।
୯. ସବିଶେଷ ବିବରଣୀ ନିମନ୍ତେ ଆପଣଙ୍କ ନିକଟସ୍ଥ ଅଦାଲତରେ କାର୍ଯ୍ୟରତ ଥିବା ଜିଲ୍ଲା ବା ତାଲୁକ ଆଇନ ସେବା କାର୍ଯ୍ୟାଳୟ ସହ ତୁରନ୍ତ ଯୋଗାଯୋଗ କରନ୍ତୁ।
ସଦସ୍ୟ ସଚିବ
ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ, କଟକ
ଯୋଗାଯୋଗ:
ମୋ–୯୪୩୮୫୬୮୫୮୬ ଏବଂ ୯୪୩୭୯୫୯୬୩୧
OIPR-18008/11/0001/2223

ODISHA SPACE APPLICATIONS CENTRE (ORSAC)
Dept. of Science & Technology, Govt. of Odisha
Plot No. 45/48, Jayadev Vihar, Near Gopabandhu Academy of Administration, Unit-16, Bhubaneswar - 751023
**TENDER NOTICE No. 06 / 2022**
**Procurement of Lightning Protection, Earthing and Surge Protection System**
No. CAD-474: Sealed tenders are invited from the registered Firms / OEM for Supply, Installation, Testing & Commissioning of Lightning Protection, Earthing and Surge Protection System to ORSAC. For details, please visit **http://www.odisha.gov.in** or **http://www.orsac.gov.in** or in the above office for the tender papers.
CHIEF EXECUTIVE, ORSAC
OIPR-28007/11/0004/2223

GOVERNMENT OF ODISHA No.A-143:
**e-Procurement Notice Online Tender**
**BID Identification No. EEMIDBNJ-02/2022-23**
Name of work : Civil Construction Works.
No. of work : 9 Nos.
Estimated cost : Rs. 8.87 Lakh to 31.56 Lakh
Period of Completion : 03 (Three) and 09 (Nine) Calendar Months
Date & Time of availability of Bid Documents in the portal : From: 15.05.2022 to 24.05.2022 up to 17.00 Hours
Date for opening of Bid : 25.05.2022 at 11.00 A.M.
Lottery Date if required : 27.05.2022 at 10.30 A.M.
Name & Address of the OIT : Executive Engineer Minor Irrigation Division, Bhanjanagar
Further Details & Corrigendum if any can be seen from the website : www.tendersodisha.gov.in
OIPR-32287/11/0002/2223

OFFICE OF THE CHIEF ENGINEER & BASIN MANAGER, MAHANADI BASIN, BURLA, DIST-SAMBALPUR
Odisha, PIN-768017 E-Mail:cebmumbburla@rediffmail.com
Government of Odisha "e" Procurement Notice
Bid Identification No.MB-01/2022-23 (ONLINE)
**No.A-142:**On Line tenders are invited from prospective bidders for "CONSTRUCTION OF BARRAGE-CUM-BRIDGE (INSTREAM STORAGE STRUCTURE) ACROSS RIVER BHEDEN NEAR VILLAGE SAIDA ON "EPC-TURN KEY" BASIS INCLUDING POWER CONNECTIVITY SYSTEM AND OPERATION AND MAINTENANCE OF COMPLETE COMMISSIONED PROJECT FOR FIVE YEARS"
1. Name of Work: "CONSTRUCTION OF BARRAGE-CUM-BRIDGE (INSTREAM STORAGE STRUCTURE) ACROSS RIVER BHEDEN NEAR VILLAGE SAIDA ON "EPC-TURN KEY" BASIS INCLUDING POWER CONNECTIVITY SYSTEM AND OPERATION AND MAINTENANCE OF COMPLETE COMMISSIONED PROJECT FOR FIVE YEARS".
2. Period of completion : 30(Thirty) calendar months including rainy season.
3. Date & time of availability of bid document in the portal : 13.05.2022, 11.00AM to 27.06.2022 upto 05.00 PM
4. Time and date for Pre-Bid Conference : 27.05.2022at 11.00 AM in the Virtual mode
5. Last date/Time for receipt of bids in the portal : 27.06.2022 upto 05.00 PM
6. Date and Time of Opening of Technical Bid : 28.06.2022 at 11.00 AM
7. Name & address of the Officer Inviting Bid : Chief Engineer, Basin Manager Mahanadi Basin, Burla Pin - 768017, Dist-Sambalpur, Odisha
Further details can be seen from the e-procurement portal "https://tendersodisha.gov.in." Any addendum/corrigendum/Cancellation to the above notice will be published in the Govt. website www.tenderodisha.gov.in.
Sd./-Chief Engineer & Basin Manager, Mahanadi Basin, Burla
OIPR-32048/11/0001/2223

Office of the Superintending Engineer
Upper Kolab Head Works Division
At/Po:Kolabnagar,Dist:Koraput (O) 764011
e-Mail ID:eeukhwdivkolab@gmail.com
**QUOTATION CALL NOTICE NO. 01/2022-23 Dt. 05.05 2022**
**No.A-130:**Sealed quotations are Invited from Interested reputed Travel Agencies/Tour Operators or private individuals for providing 1 (One) no. of Non AC Diesel driven vehicle (Marshal/ Mahindra Max/ Bolero/ Tata Sumo/ TUV300/ equivalent) having sitting capacity not more than ten including driver which shall conform to the Terms and conditions (Annexure-II) for official use in the office of the Superintending Engineer, Upper Kolab Head Works Division, Kolabnagar, Dist -Koraput on monthly rent basis
1) The application form of quotation containing General Bid Information & Terms and conditions for hiring of vehicles etc. will be available with the cashier of this office and can be obtained from 12.05.2022 to 24.05.2022 up to 11.00 AM on the working days during working hour on payment of Rs.100/- (one hundred) only per set.
2) The completed quotation in all respect should reach the undersigned on or before 24.05.2022 by 11.00 AM and shall be opened on the same day at 11.30 AM in presence of the bidders or their authorized representatives who wish to be present.
3) The authority reserves the rights to reject any or all quotations without assigning any reason thereof.
4) Further details can be seen in the website Govt of Odisha www.odisha.gov.in
Sd./- Superintending Engineer
Upper Kolab Head Works Division, Kolabnagar. Koraput
OIPR-32015/11/0002/2223

GOVERNMENT OF ODISHA No.A-132:
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER DRAINAGE DIVISION, KENDRAPARA
E-PROCUREMENT NOTICE NO. DDKPD - 01 of 2022-23
e-mail- eeddkendrapara@gmail.com Phone No. 9437334108

| | | | |
|---|---|---|---|
| 1 | Total Number of Package | : | 04 Nos. individual package |
| 2 | Nature of Work | : | Construction of Hume Pipe and renovation work |
| 3 | Estimated cost of individual package ranging from | : | Ranging from 10.29 Lakhs to 21.44 Lakhs |
| 4 | Period of Completion | : | (02 Two) Calendar months |

5. Other details as follows

| Procurement Officer | Bid Identification No. | Availability of Tender Online | | Date & time of opening of tender at Superintending Engineer, Drainage Division, Kendrapara at Marshaghai |
|---|---|---|---|---|
| | | From | To | |
| Superintending Engineer, Drainage Division, Kendrapara | DDKPD-01 of 2022-23 | 12.05.2022 at 10.00 Hrs. | 21.05.2022 upto 17.00 Hrs. | 23.05.2022 at 10.00 A.M. |

Further details can be seen from the Govt. website www.tendersorissa.gov.in.
Date of Lottery (if required) : 27.05.2022 at 10.30 A.M.
Superintending Engineer,Drainage Division,Kendrapara
OIPR-32356/11/0002/2223

GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE EXECUTIVE ENGINEER
MINOR IRRIGATION DIVISION, RAYAGADA
Phone No.(06856)-222081(Off), E-mail: eemirgd@ymail.com
**e-PROCUREMENT NOTICE**
BID IDENTIFICATION NO. ONLINE - 01/MID RGD/2022-23
No. // MIDRGD // date.
**No.A-140:**The Executive Engineer, M.I. Division, Rayagada on behalf of Governor of Odisha invites percentage rate bids through e-procurement to be received in online mode only for the works as detailed in the table below.

| | | | |
|---|---|---|---|
| 1 | Name of Work | : | Rennovation to Distribution System of Siltiguda MIP in Rayagada block of Rayagada District under the Scheme "Canal Lining and System Rehabilitation Programme (CL-SRP) "for the year 2022-23 |
| 2 | Total No. of Works | : | 1 (One No.) Only |
| 3 | Estimated Cost | : | Rs.87.72 lakh (Approximately) |
| 4 | Class of Contractor | : | As mentioned against work |
| 5 | Period of Completion | : | As mentioned against work |
| 6 | Date and time of availability of Bid | : | From 10.00 A.M. on 09.05.2022 and upto 5.30 P.M. on 21.05.2022 document in portal |
| 7 | Last date/time for receipt of Bid | : | From 10.00 A.M. on 09.05.2022 and upto 5.30 P.M. on 21.05.2022 in portal |
| 8 | Date/Time of opening of Technical Bid | : | From 10.00 A.M. on 23.05.2022 At O/o. M.I.Division, Rayagada |
| 9 | Name and Address of the Officer | : | Executive Engineer, M.I. Division, Rayagada inviting the Bid |
| 10 | Mode of payment of Bid cost and Bid security | : | Online |

Executive Engineer, M.I. Division, Rayagada
OIPR-32056/11/0001/2223

**ଖସିଲା ଶେୟାର ବଜାର**

**ମୁମ୍ବାଇ:** ସପ୍ତାହର ପ୍ରଥମ କାରବାର ଦିନ ଅର୍ଥାତ୍ ସୋମବାର ଶେୟାର ବଜାରରେ ହ୍ରାସ ଦେଖିବାକୁ ମିଳିଛି। ଫଳରେ ଦିନର ଟ୍ରେଡିଂ ସମୟରେ ସେନ୍‌ସେକ୍ସରେ ୩୬୪.୯୧ ପଏଣ୍ଟ (୦.୬୭%) ଏବଂ ନିଫ୍ଟିରେ ୧୦୯.୪୦ ଅଙ୍କ (୦.୬୭%) ହ୍ରାସ ଦେଖିବାକୁ ମିଳିଥିଲା। ଫଳରେ ଦିନର କାରବାର ଶେଷ ସୁଦ୍ଧା ସେନ୍‌ସେକ୍ସ ଏବଂ ନିଫ୍ଟି ଯଥାକ୍ରମେ ୫୪,୪୭୦.୬୭ ଇଣ୍ଡେକ୍ସ ଏବଂ ୧୬,୩୦୧.୮୫ ଇଣ୍ଡେକ୍ସରେ ବନ୍ଦ ହୋଇଥିଲା। ଦିନରେ ୧୦୬୬ ଶେୟାରରେ ବୃଦ୍ଧି ଦେଖିବାକୁ ମିଳିଥିବା ବେଳେ ୨୪୦୨ ଶେୟାରରେ ହ୍ରାସ ଦେଖିବାକୁ ମିଳିଛି।

## ସଂକ୍ଷେପରେ

### ୩ଗୁଣା ସବ୍‌ସ୍କ୍ରାଇବ ହୋଇଛି ଏଲ୍‌ଆଇସି ଆଇପିଓ

**ନୂଆଦିଲ୍ଲୀ,୯।୫:** ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି)ର ପ୍ରାରମ୍ଭିକ ସର୍ବସାଧାରଣ ଅଫର (ଆଇପିଓ)କୁ ନିବେଶକଙ୍କର ଦୃଢ଼ ସମର୍ଥନ ଦେଖିବାକୁ ମିଳିଛି। ଓପନ୍ ହେବାର ଶେଷ ଦିନ ଅର୍ଥାତ୍ ମେ’ ୯ ତାରିଖ ସୁଦ୍ଧା ନିବେଶକଙ୍କ ଉଦ୍ଦେଶ୍ୟରେ ରହିଥିବା ଶେୟାରଠାରୁ ଏହା ପ୍ରାୟ ୩ (୨.୯୫) ଗୁଣା ସବ୍‌ସ୍କ୍ରାଇବ୍ ହୋଇଥିବା ଜଣାଯାଇଛି। ଏଲ୍‌ଆଇସି ଆଇପିଓରେ ନିବେଶ ପାଇଁ ୧୬.୨ କୋଟି ଇକ୍ୱିଟି ଶେୟାର ରହିଥିବା ବେଳେ ୪୭.୮୩ କୋଟି ଇକ୍ୱିଟି ଶେୟାର ପାଇଁ ବିଡ୍ ପ୍ରାପ୍ତ ହୋଇଛି। ଶେଷ ଦିନ ସୁଦ୍ଧା ସନ୍ଧ୍ୟା ପଲିସିହୋଲ୍ଡର ସେଗ୍‌ମେଣ୍ଟରେ ୬.୧୧ଗୁଣା ଏବଂ କର୍ମଚାରୀ ବିଭାଗରେ ୪.୩୯ ଗୁଣା ଅଧିକ ସବ୍‌ସ୍କ୍ରିପ୍‌ସନ୍ ଦେଖିବାକୁ ମିଳିଛି। ଖୁଚୁରା ନିବେଶକଙ୍କ ଅଂଶରେ ୧.୯୯ ଗୁଣା ଅଧିକ ଶେୟାର କ୍ରୟ କରାଯାଇଛି। ଏନ୍‌ଆଇଆଇ ଏବଂ କ୍ୟୁଆଇବି ସେଗ୍‌ମେଣ୍ଟରେ ଯଥାକ୍ରମେ ୨.୯୧ ଏବଂ ୨.୮୩ ଗୁଣା ସବ୍‌ସ୍କ୍ରାଇବ୍ ହୋଇଛି।

### ରିଲାଏନ୍ସର ଫ୍ରାଞ୍ଚାଇଜ ବୁଝାମଣା

**ନୂଆଦିଲ୍ଲୀ,୯।୫:** ରିଲାଏନ୍ସ ରିଟେଲ୍ ଭେଞ୍ଚର୍ସ ଲିମିଟେଡ୍‌ର ସବ୍‌ସିଡିଆରୀ ରିଲାଏନ୍ସ ବ୍ରାଣ୍ଡସ ଲିମିଟେଡ୍ (ଆର୍‌ବିଏଲ୍) ପକ୍ଷରୁ ଇଟାଲୀର କମ୍ପାନୀ ଟଡ୍‌ସ ଏସ୍‌ପିଏ ସହିତ ଫ୍ରାଞ୍ଚାଇଜ୍ ବୁଝାମଣା କରାଯାଇଛି। ଟଡ୍‌ସ ଇଟାଲୀର ଏକ ଅଗ୍ରଣୀ ଲକ୍‌ଜୁରୀ ଏବଂ ଲାଇଫ୍‌ଷ୍ଟାଇଲ୍ ବ୍ରାଣ୍ଡ୍ ଅଟେ। ବୁଝାମଣା ଅନୁସାରେ ରିଲାଏନ୍ସ ବ୍ରାଣ୍ଡ୍ ବର୍ତ୍ତମାନ ଭାରତୀୟ ବଜାରରେ ଟଡ୍‌ସର ଫୁଟ୍‌ୱେର୍, ହ୍ୟାଣ୍ଡ୍‌ବ୍ୟାଗ୍ ଏବଂ ଆସେସୋରିଜ୍ ସହିତ ସମସ୍ତ ବ୍ରାଣ୍ଡ୍‌ର ରିଟେଲର ବନିଯିବ। ତେବେ ରିଲାଏନ୍ସର ଲକ୍‌ଜୁରୀ ଇ-କମର୍ସ ପ୍ଲାଟ୍‌ଫର୍ମ ‘ଏଜିଓ’ରେ ପୂର୍ବରୁ ଟଡ୍‌ସର ବ୍ରାଣ୍ଡ୍‌ର ଜିନିଷ ଉପଲବ୍ଧ ରହିଛି। ଟଡ୍‌ସ ବ୍ରାଣ୍ଡ୍ ୨୦୦୮ ମସିହାରୁ ଭାରତୀୟ ବଜାରରେ ପ୍ରବେଶ କରିସାରିଛି। ଦିଲ୍ଲୀର ଡିଏଲ୍‌ଏଫ୍ ଏମ୍ପୋରିୟମ୍ ମୁମ୍ବାଇର ପେଲେଡିୟମ୍ ମଲ୍‌ରେ ଟଡ୍‌ସ ଶୋ’ରୁମ୍ ରହିଛି। ଫଳରେ ଭାରତରେ ବ୍ରାଣ୍ଡ୍‌କୁ ଦୃଢ଼ କରିବା ଦିଗରେ ରିଲାଏନ୍ସ ଜୋର୍ ଦେବ ବୋଲି ଏହି ବୁଝାମଣାରୁ ସ୍ପଷ୍ଟ ହୋଇଛି।

# ବୃଦ୍ଧି ପାଉଛି ଅଶୋଧିତ ତୈଳ ଦର

ନୂଆଦିଲ୍ଲୀ,୯।୫

ଗତ କିଛି ଦିନର ବିରତି ପରେ ପୁଣି ଥରେ ଅଶୋଧିତ ତୈଳ ଦର ଉଚ୍ଚ ପରିମାଣରେ ବୃଦ୍ଧି ପାଉଛି। ଏପରିକି ଅନ୍ତଃରାଷ୍ଟ୍ରୀୟ ବଜାରରେ ହୁ ହୁ ହୋଇ ତୈଳ ଦର ବଢୁଥିବା ଜଣାପଡିଛି। କ୍ରମାଗତ ୩ୟ ଦିନ ଲାଗି ଅଶୋଧିତ ତୈଳ ଦର ବୃଦ୍ଧି ପାଇଛି। ସୋମବାର ଅଶୋଧିତ ତୈଳ ମୂଲ୍ୟ ୧୦% ବୃଦ୍ଧି ପାଇଥିବା ସୂଚନା ମିଳିଛି। ଏହି ଦରବୃଦ୍ଧି କାରଣରୁ ଅନ୍ତଃରାଷ୍ଟ୍ରୀୟ ବଜାରରେ ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ୧୧୩.୪୬ ଡଲାରରେ ରହିଛି। ଫଳରେ କ୍ରମାଗତ ଭାବେ ବୃଦ୍ଧି ପାଉଥିବା ଅଶୋଧିତ ତୈଳ ମୂଲ୍ୟର ପ୍ରଭାବ ଭାରତୀୟ ବଜାର ଉପରେ ମଧ୍ୟ ପଡିପାରେ ବୋଲି ବଜାର ବିଶେଷଜ୍ଞମାନେ ଆକଳନ କରୁଛନ୍ତି।




ଶେଷ ଥର ପାଇଁ ଏପ୍ରିଲ ୬ରେ ଉଭୟ ପେଟ୍ରୋଲ ଓ ଡିଜେଲର ମୂଲ୍ୟ ଲିଟର ପିଛା ୮୦ ପଇସା ବୃଦ୍ଧି ପାଇଥିଲା। ହେଲେ ଭାରତ ବଜାରରେ ଉଭୟ ପେଟ୍ରୋଲ ଓ ଡିଜେଲର ମୂଲ୍ୟ ପୂର୍ବ ପରି ସ୍ଥିର ରହିଛି। ଗତ ୩୩ ଦିନ ହେବ ତୈଳ ଦରରେ କୌଣସି ପରିବର୍ତ୍ତନ ହୋଇନଥିବା ଜଣାପଡିଛି। ଗତ ମାସ ୭ ତାରିଖରୁ ପେଟ୍ରୋଲ-ଡିଜେଲ ଦର ସ୍ଥିର ରହିଛି। ଇଣ୍ଡିଆନ ଅଏଲର ସୂଚନା ଅନୁସାରେ ଦେଶର ପ୍ରମୁଖ ସହର ମୁମ୍ବାଇରେ ପେଟ୍ରୋଲ ଦର ସର୍ବାଧିକ ୧୨୦.୫୧ ଟଙ୍କା ଥିବାବେଳେ ଡିଜେଲ ୧୦୪.୭୭ ଟଙ୍କା ରହିଛି। ସେହିପରି

### ସ୍ଥିର ରହିଛି ପେଟ୍ରୋଲ-ଡିଜେଲ ଦାମ୍

ଓଡିଶାରେ ପେଟ୍ରୋଲ ଦର ୧୧୨.୫୦ ଟଙ୍କା ରହିଥିବାବେଳେ ଡିଜେଲ ଦର ୧୦୨.୨୪ ଟଙ୍କା ରହିଛି। ଅପରପକ୍ଷରେ ଦେଶର ପ୍ରାୟ ସବୁ ରାଜ୍ୟରେ ପେଟ୍ରୋଲ ଦର ୧୦୦ଟଙ୍କା ଉପରେ ରହିଛି। ମୁମ୍ବାଇ ବ୍ୟତୀତ ରାଜସ୍ଥାନର ଶ୍ରୀଗଙ୍ଗାନଗର ଓ ମଧ୍ୟ ପ୍ରଦେଶର ବାଲାଘାଟରେ ପେଟ୍ରୋଲ ୧୨୦ ଟଙ୍କା ଉପରେ ରହିଛି। ଅପରପକ୍ଷରେ ତୈଳ ଦର ହ୍ରାସ ନେଇ ନିକଟରେ ପ୍ରଧାନମନ୍ତ୍ରୀ ଦେଶର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟମନ୍ତ୍ରୀଙ୍କୁ ନିଜ ନିଜ ରାଜ୍ୟର ତୈଳ ଟିକସ ହ୍ରାସ କରିବା ନେଇ ମଧ୍ୟ ଆହ୍ୱାନ କରିଛନ୍ତି।

# ତୁଷାରକାନ୍ତ ନୂତନ କ୍ଷେତ୍ରୀୟ ମୁଖ୍ୟ

କଟକ,୯।୫



ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ୟୁବିଆଇ), କଟକ କ୍ଷେତ୍ରର ନୂତନ କ୍ଷେତ୍ରୀୟ ମୁଖ୍ୟ ଭାବେ ତୁଷାରକାନ୍ତ କର ନିକଟରେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ମୁମ୍ବାଇ, ସାଉଥ୍ ଏମ୍‌ଏସ୍‌ଏମ୍‌ଇ ପ୍ରୋସେସିଂ ସେଣ୍ଟରର ମୁଖ୍ୟ ଭାବେ କାର୍ଯ୍ୟ ନିର୍ବାହ କରୁଥିଲେ। କର ୨୦୦୯ରେ ବ୍ୟାଙ୍କର ତାମିଲନାଡୁସ୍ଥିତ ସେଲମ୍‌ଠାରେ ବରିଷ୍ଠ ପ୍ରବନ୍ଧକ ଭାବେ କାର୍ଯ୍ୟ କରୁଥିଲେ। ଦେଶର ପ୍ରମୁଖ ସହର ବିଶାଖାପାଟଣା, ଚେନ୍ନାଇ, ରାୟପୁର ଏବଂ ମୁମ୍ବାଇ ଭଳି ସ୍ଥାନରେ କର ଦକ୍ଷତାର ସହ କାର୍ଯ୍ୟ କରିଛନ୍ତି। ଦୀର୍ଘ ୧୮ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ସେ ବ୍ୟାଙ୍କିଙ୍ଗ୍ କ୍ଷେତ୍ର ସହ ଜଡିତ ରହିଥିବା ବେଳେ ଏ କ୍ଷେତ୍ରରେ ତାଙ୍କର ଅନେକ ଅଭିଜ୍ଞତା ମଧ୍ୟ ରହିଛି। ବ୍ୟାଙ୍କିଙ୍ଗ୍ ସେବା କ୍ଷେତ୍ରରେ ପରିବର୍ତ୍ତନ ସହ ଡିଜିଟାଲ ବ୍ୟାଙ୍କିଙ୍ଗ୍, ଖୁଚୁରା,ଏମ୍‌ଏସ୍‌ଏମ୍‌ଇ, ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ଋଣ ପ୍ରଦାନ ଆଦି କ୍ଷେତ୍ରକୁ ସେ ଅଗ୍ରାଧିକାର ଦେବା ସହ ଡିଜିଟାଲ ପ୍ଲାଟଫର୍ମ ସେବା କ୍ଷେତ୍ରରେ ମଧ୍ୟ ଉନ୍ନତି ଆଣିବେ ବୋଲି କର ଲକ୍ଷ୍ୟ ରଖିଛନ୍ତି।

# ସ୍କୋଡାର ନୂଆ କୁସାକ୍ ମଣ୍ଟେ କାର୍ଲୋ

ନୂଆଦିଲ୍ଲୀ,୯।୫

ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ସ୍କୋଡା ଅଟୋ ଇଣ୍ଡିଆର ବହୁ ପ୍ରତୀକ୍ଷିତ ତଥା ଆଧୁନିକ ଜ୍ଞାନକୌଶଳରେ ନିର୍ମିତ ନୂଆ କୁସାକ ମଣ୍ଟେ କାର୍ଲୋର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ମଣ୍ଟେ କାର୍ଲୋ ଗ୍ଲାମରରେ ଭରପୂର ରହିଛି, ଏହା ଆପଣଙ୍କୁ ଏକ ଅତୁଳନୀୟ ଅନୁଭବ ପ୍ରଦାନ କରିବ। ଏ ସମ୍ପର୍କରେ ସ୍କୋଡା ଅଟୋ ଇଣ୍ଡିଆର ବ୍ରାଣ୍ଡ ଡାଇରେକ୍ଟର, ଜାକ୍ ହୋଲିସ୍ କହିଛନ୍ତି, ଆମର ନିକଟରେ ହାସଲ କରିଥିବା ସଫଳତା ଓ ଆମର ସ୍କୋଡାର ଆଦୃତି ଓ ଲୋକପ୍ରିୟତାକୁ ପ୍ରମାଣିତ କରିଛି। ମଣ୍ଟେ କାର୍ଲୋ ହେଉଛି ଏକ କାର୍ ଯାହା ସଭିଙ୍କ ହୃଦୟକୁ ଆକର୍ଷିତ କରିଥାଏ। ଏହାର ଆଭ୍ୟନ୍ତରୀଣ ତଥା ବାହ୍ୟ ସୌନ୍ଦର୍ଯ୍ୟ ମଧ୍ୟ ଅତ୍ୟନ୍ତ ମନୋମୁଗ୍ଧକର। କମ୍ପାନୀର ଏହି ମଡେଲ ଏକ ଉତ୍କୃଷ୍ଟ ଲାଇଫ ଷ୍ଟାଇଲ ପ୍ରଦାନ କରିଥାଏ।




ଏହା ଏକ ଅତୁଳନୀୟ ଷ୍ଟାଇଲ୍ ମଧ୍ୟ ପ୍ରଦାନ କରେ ଓ ଗ୍ରାହକମାନେ ଏହାକୁ ଚଳାଇ ଏକ ଚମତ୍କାର ଅନୁଭୂତି ପାଇ ପାରିଥାନ୍ତି। ଏହାର ଏକ୍ସ-ଶୋ ରୁମ୍ ମୂଲ୍ୟ ହେଉଛି ଆଇଏନ୍‌ଆର ୧୫,୯୯,୦୦୦ ଟଙ୍କା ୧.୦ ଟିଏସ୍‌ଆଇ ସ୍ପିଡ୍ ମାନୁଆଲ୍ ପାଇଁ, ଟପିଂ ଆଉଟ୍ ଆଇଏନଆର ୧୯,୪୯,୦୦୦ ଟଙ୍କା ୧.୫ ଟିଏସ୍‌ଆଇ ୭ ସ୍ପିଡ୍ ଡିଏସଜି ପାଇଁ ରହିଛି। କୁସାକର ଏହି ସଂସ୍କରଣ ସ୍ୱତନ୍ତ୍ର ଭାବେ ଟର୍ଣ୍ଣାଡୋ ରେଡ୍ ଓ କ୍ୟାଣ୍ଡି ହ୍ୱାଇଟ୍ କଲରରେ ଉପଲବ୍ଧ।

# ହ୍ରାସ ହେବ ଷ୍ଟିଲ୍ ଦର

ନୂଆଦିଲ୍ଲୀ,୯।୫

ଗତ ୨ ବର୍ଷ ଧରି ଇସ୍ପାତ ଦରରେ ଲଗାତର ବୃଦ୍ଧି ପରେ ଏଥିରେ କିଛିଟା ହ୍ରାସ ଘଟିବା ନେଇ ଅନୁମାନ କରାଯାଇଛି। ଖବର ଏଜେନ୍ସି କ୍ରିସିଲ୍‌ର ଏକ ତଥ୍ୟ ଅନୁସାରେ ୨୦୨୨-୨୩ ଆର୍ଥିକ ବର୍ଷ ଶେଷ ଆଡ଼କୁ ଇସ୍ପାତ ଦର ଟନ୍ ପିଛା ୬୦,୦୦୦ ଟଙ୍କାରେ ପହଞ୍ଚିବା ନେଇ ଆଶା କରାଯାଉଛି। ଷ୍ଟିଲ୍ ଦର ଗତ ମାସରେ ଟନ୍ ପିଛା ୭୬,୦୦୦ ଟଙ୍କା ଛୁଇଁଥିଲା। କ୍ରିସିଲ୍ ପକ୍ଷରୁ ସୋମବାର ପ୍ରକାଶିତ ତଥ୍ୟରେ କୁହାଯାଇଛି ଯେ ଯୋଗାଣରେ ବ୍ୟବଧାନ, ବୈଶ୍ୱିକ ସ୍ତରରେ କାର୍ବନ ହ୍ରାସର ଉପାୟକୁ ନେଇ ଚାଲୁ ରହିଥିବା ଅନିଶ୍ଚିତତା, ବିଶେଷ ଭାବରେ ଚାଇନାର ପରିସ୍ଥିତି, ୟୁକ୍ରେନ୍-ରୁଷ୍ ଯୁଦ୍ଧ କାରଣରୁ ଉତ୍ପନ୍ନ ଭୂ-ରାଜନୈତିକ ସ୍ଥିତି ଯୋଗୁ ବର୍ତ୍ତମାନ ଦର ଉଚ୍ଚ ରହିଛି। ଫଳରେ କଞ୍ଚାମାଲ୍‌ର ଦର ମଧ୍ୟ ବୃଦ୍ଧି ପାଇଛି।

# ହାଇ ଲାଇଫ୍ ଏକ୍‌ଜିବିଶନର ଶୁଭାରମ୍ଭ



ଭୁବନେଶ୍ୱର,୯।୫

ଦେଶର ଅଗ୍ରଣୀ ଫ୍ୟାଶନ ଆଣ୍ଡ ଲାଇଭ ଷ୍ଟାଇଲ ଏକ୍‌ଜିବିଶନ ଅନୁଷ୍ଠାନ ‘ହାଇ ଲାଇଫ୍’ ପକ୍ଷରୁ ୨ ଦିନିଆ ପ୍ରଦର୍ଶନୀ ସୋମବାରଠାରୁ ଆରମ୍ଭ ହୋଇଯାଇଛି। ପ୍ରଥମ ଥର ପାଇଁ ଭୁବନେଶ୍ୱର ସହରରେ ଏଭଳି ପ୍ରଦର୍ଶନୀ ସ୍ଥାନୀୟ ଜୟଦେବ ବିହାରସ୍ଥିତ ହୋଟେଲ ମେ ଫେୟାର ପରିସରରେ ଆୟୋଜିତ ହୋଇଛି। ଏହି ଅବସରରେ ହାଇ ଲାଇଫ୍ ଏକ୍‌ଜିବିଶନ୍‌ସ ପ୍ରା.ଲିଃ.ର ଏମ୍‌ଡି ତଥା ସିଇଓ ଆବି ପି ଡୋମିନିକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାର ଶୁଭାରମ୍ଭ କରିଥିଲେ। ଉକ୍ତ ପ୍ରଦର୍ଶନୀରେ ଭାରତର ଖ୍ୟାତିସମ୍ପନ୍ନ ପ୍ରଦର୍ଶନକାରୀ ଏବଂ ଡିଜାଇନରମାନେ ସେମାନଙ୍କ ଶତାଧିକ ସାମଗ୍ରୀଗୁଡିକୁ ପ୍ରାୟ ୫୦ ଟି ଷ୍ଟଲ ଜରିଆରେ ପ୍ରଦର୍ଶିତ କରୁଛନ୍ତି ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ଅପରପକ୍ଷରେ ଏହା ଜରିଆରେ ଗ୍ରାହକ ସେମାନଙ୍କ ଚାହିଦା ମୁତାବକ ସାମଗ୍ରୀ ମଧ୍ୟ କ୍ରୟ କରିପାରିବେ। ପ୍ରଦର୍ଶନୀରେ ସାମିଲ ସାମଗ୍ରୀଗୁଡିକର ମୂଲ୍ୟ ୧,୫୦୦ଟଙ୍କାରୁ ଆରମ୍ଭ ହୋଇ ୧.୫ ଲକ୍ଷରୁ ଅଧିକ ଟଙ୍କା ରହିଛି। ଏହି ପ୍ରଦର୍ଶନୀ ଆଜି ମଧ୍ୟ ଖୋଲା ରହିଛି। ସକାଳ ୧୦ରୁ ସନ୍ଧ୍ୟା ୮ ଘଣ୍ଟିକା ପର୍ଯ୍ୟନ୍ତ ପ୍ରଦର୍ଶନୀ ଜାରି ରହୁଛି।

## ଫୁରସତ୍




# ବଢ଼ିଛି ଆତ୍ମବିଶ୍ୱାସ

**ହାଇଦ୍ରାବାଦ:** ଦକ୍ଷିଣ ଭାରତୀୟ ଚଳଚ୍ଚିତ୍ର ଜଗତର ଖ୍ୟାତନାମା ଅଭିନେତ୍ରୀ ସାମନ୍ଥା ରୁଥ ପ୍ରଭୁଙ୍କୁ ଆଉ କୌଣସି ପ୍ରକାର ଅଭିନୟ କରିବାକୁ ଡର ନାହିଁ। ଏକ ସାକ୍ଷାତ୍‌କାରରେ ଏ କଥା କହିଛନ୍ତି ସାମନ୍ଥା। ତେବେ ଏହାପଛର କାରଣ ହେଉଛି ସୁପରହିଟ୍ ଫିଲ୍ମ ‘ପୁଷ୍ପା’। ଷ୍ଟାଇଲିସ୍ ଷ୍ଟାର ଅଲ୍ଲୁ ଅର୍ଜୁନଙ୍କ ଦ୍ୱାରା ଅଭିନୀତ ଏହି ଫିଲ୍ମରେ ସାମନ୍ଥା ଆଇଟମ୍ ସଙ୍ଗ୍ କରିଥିଲେ। ସବୁବେଳେ ଫିଲ୍ମରେ ସଂସ୍କାରୀ, ମଡର୍ନ ନାୟିକା ଭୂମିକାରେ ଅଭିନୟ କରୁଥିବା ସାମନ୍ଥାଙ୍କ କ୍ୟାରିୟର ପାଇଁ ଆଇଟମ୍ ସଙ୍ଗ ‘ଓ ଆଣ୍ଟାଭା’ ଟର୍ନିଂ ପଏଣ୍ଟ ପାଲଟିବା ସହ ଏହା ତାଙ୍କ ଆତ୍ମବିଶ୍ୱାସକୁ ବଢ଼ାଇଥିବା ସେ କହିଛନ୍ତି। ଆଗାମୀ ଦିନରେ ସେ ସବୁପ୍ରକାର ଅଭିନୟ କରିପାରିବେ ବୋଲି କହିଛନ୍ତି। ଏହି ସଙ୍ଗ କରିବା ପାଇଁ ଅଲ୍ଲୁ ଅର୍ଜୁନ ତାଙ୍କୁ ବୁଝାଇଲା ପରେ ସାମନ୍ଥା ରାଜି ହୋଇଥିଲେ। ଗୀତ ପାଇଁ ଏବେବି ଲୋକେ ତାଙ୍କୁ ପ୍ରଶଂସା କରୁଥିବା ସେ କହିଛନ୍ତି। ନିକଟରେ ପିକକ୍ ମାଗାଜିନ୍‌ର କଭର ଗର୍ଲ ସାଜିଛନ୍ତି ସାମନ୍ଥା। ଆଗାମୀ ଦିନରେ ସାମନ୍ଥାଙ୍କ ଦ୍ୱାରା ଅଭିନୀତ ସାଇନ୍ସ ଫିକ୍ସନ ଥ୍ରିଲର ଫିଲ୍ମ ଯଶୋଦା ରିଲିଜ୍ ହେବାର ଅଛି।

# ବରଙ୍କ ଶେରଓ୍ୱାନି ପିନ୍ଧାକୁ ନେଇ ସଂଘର୍ଷ



**ଭୋପାଳ:** ଅନେକ ସମୟରେ ବାହାଘରରେ ମତ ପାର୍ଥକ୍ୟ ପାଇଁ ଛୋଟ କଳି ଝଗଡ଼ା ହୋଇଥାଏ। ମଧ୍ୟ ପ୍ରଦେଶ ମାଙ୍ଗବାଇଦା ଗ୍ରାମରେ ବର ପୋଷାକ ପିନ୍ଧାକୁ ନେଇ ଏକ ଅଜବ ଘଟଣା ଦେଖିବାକୁ ମିଳିଛି। ବର ସୁନ୍ଦରଲାଲଙ୍କ ଘର ଏମ୍‌ପିର ଧାର୍‌ରେ। ସୁନ୍ଦରଲାଲ ନିଜ ବାହାଘରରେ ଶେରଓ୍ୱାନି ପିନ୍ଧିଥିବାବେଳେ କନ୍ୟାଘର ଲୋକେ ତାଙ୍କୁ ଧୋତି ପିନ୍ଧିବାକୁ କହିଥିଲେ। ବର ଶେରଓ୍ୱାନି କି ଧୋତି ପିନ୍ଧିବେ ସେ ନେଇ ଉଭୟ ବର ଓ କନ୍ୟା ଘର ଲୋକଙ୍କ ମଧ୍ୟରେ ମାଡ଼ଗୋଳ ଆରମ୍ଭ ହୋଇଥିଲା। କନ୍ୟାଘର ପକ୍ଷରୁ ଜଣେ ସମ୍ପର୍କୀୟ ପ୍ରଥମେ ସୁନ୍ଦରଲାଲଙ୍କ ପରିବାର ପକ୍ଷ ଲୋକଙ୍କୁ ପଥର ମାରିଥିଲେ, ଆଉ ତା’ପରେ ବାହାଘର ମଣ୍ଡପ ସାଜିଥିଲା ଯୁଦ୍ଧ କ୍ଷେତ୍ର। ଦୁଇ ପରିବାର ମଧ୍ୟରେ ମାଡଗୋଳ ହେବା ଭିତରେ ୪ ଜଣ ଆହତ ହୋଇଥିବା ଜଣାପଡ଼ିଛି। ଘଟଣା ପରେ ବହୁସଂଖ୍ୟାରେ ମହିଳା ଧାମନୋଦ ପୋଲିସ ଷ୍ଟେଶନ ସମ୍ମୁଖରେ ବିକ୍ଷୋଭ କରିଥିଲେ। ଅନ୍ୟପଟେ ଘଟଣା ନେଇ ଥାନାରେ ଏକ ମାମଲା ଦାଏର କରାଯାଇଛି। ସଂଘର୍ଷ ପରେ ଆପୋସ ବୁଝାମଣାରେ ବାହାଘର ସମ୍ପନ୍ନ ହୋଇଥିବା ରିପୋର୍ଟ ପ୍ରକାଶ ପାଇଛି।

# ରାସ୍ତାରେ ଭିଡିଓ ତିଆରି ମହଙ୍ଗା ପଡ଼ିଲା

**ଲକ୍ଷ୍ନୌ:** ବଲିଉଡ୍ ନାୟକ ଓ ନାୟିକାମାନଙ୍କର ଲକ୍ଷ ଲକ୍ଷ ଫ୍ୟାନ୍ ଫଲୋଅର୍ସ ରହିଥାନ୍ତି। ତେବେ ଉତ୍ତର ପ୍ରଦେଶ ରାଜଧାନୀ ଲକ୍ଷ୍ନୌରେ ଏମିତି ଜଣେ ପ୍ରଶଂସକ ପୋଲିସ ଝମେଲାରେ ପଡ଼ିଯାଇଛନ୍ତି। ବଲିଉଡ୍ ସୁପରଷ୍ଟାର ସଲମାନ ଖାନ୍‌ଙ୍କ ପରି ଦେଖାଯାଉଥିବା ଆଜମ ଅନସାରୀଙ୍କୁ ପୋଲିସ ଗିରଫ କରିନେଇଛି। ଗିରଫ ପଛର କାରଣ ହେଉଛି, ଆଜମ ଜଣେ ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସର। ଇନ୍‌ଷ୍ଟାଗ୍ରାମରେ ଦେଖିବାକୁ ମିଳୁଥିବା ରିଲ୍ସ ଭିଡିଓ କରିବା ପାଇଁ ଆଜମ ଲକ୍ଷ୍ନୌର ଐତିହାସିକ କ୍ଲକ୍ ଟାୱାର ନିକଟରେ ପହଞ୍ଚିଥିଲେ। ସେଠାରେ ସେ ରିଲ୍ ଭିଡିଓ ତିଆରି କରିବାବେଳେ ରାସ୍ତାରେ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଥିଲା, ଯାହାଫଳରେ ସାଧାରଣ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଲୋକଙ୍କ ଅଭିଯୋଗ କ୍ରମେ ପୋଲିସ ସେଠାରେ ପହଞ୍ଚି ଆଜମଙ୍କୁ ଗିରଫ କରି ନେଇଛି। ଆଜମ୍ ସଲମାନ୍ ଖାନ୍‌ଙ୍କ ଜଣେ ବଡ଼ ପ୍ରଶଂସକ ହୋଇଥିବାବେଳେ ସେ ଦେଖିବାକୁ ମଧ୍ୟ ଅବିକଳ ସଲମାନଙ୍କ ପରି। ସଲମାନ୍‌ଙ୍କ ଲୁକ୍ ସାଙ୍ଗକୁ ତାଙ୍କ ଷ୍ଟାଇଲକୁ ମଧ୍ୟ ସେ ଫଲୋ କରନ୍ତି। ଆଜମ ନିଜ ଷ୍ଟାଇଲ ଓ ଲୁକ୍‌କୁ ନେଇ ସୋସିଆଲ ମିଡିଆରେ ଖୁବ୍ ଜଣାଶୁଣା। ୟୁଟ୍ୟୁବ୍‌ରେ ତାଙ୍କର ୧.୬୭ ଲକ୍ଷ ଫଲୋଅର୍ସ ଥିବାବେଳେ ତାଙ୍କ ରିଲ୍ସ ଭିଡିଓକୁ ୟୁଜର୍ସ ଖୁବ୍ ପସନ୍ଦ କରୁଥିବା ଦେଖିବାକୁ ମିଳିଛି।



# ୫ ହଜାର ବର୍ଷ ପୁରୁଣା ଗହଣା କାରଖାନା

**ଚଣ୍ଡିଗଡ଼:** ହରିୟାଣାର ରାଖିଗଢି ସହରରୁ ହରପ୍ପା ସଭ୍ୟତାର ୫ହଜାର ବର୍ଷ ପୁରୁଣା ଗହଣା କାରଖାନା ଠାବ କରାଯାଇଛି। ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ଦୀର୍ଘ ୩୨ ବର୍ଷ ଧରି ରାଖିଗଢି ଅଞ୍ଚଳ ବିଷୟରେ ଅଧ୍ୟୟନ ଜାରି ଥିବାବେଳେ ଏହା ଚଳିତମାସରେ ଶେଷ କରାଯିବ। ବର୍ତ୍ତମାନ ସୁଦ୍ଧା ଗହଣା କାରଖାନାର ସନ୍ଧାନ ମିଳିବା ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ଏହା ଏକ ବଡ଼ ଉପଲବ୍ଧି ବୋଲି କୁହାଯାଉଛି। ଗହଣା କାରଖାନା ସାଙ୍ଗକୁ ବହୁ ପୁରୁଣା ଘର ଏବଂ ରୋଷେଇ ଘରର ସନ୍ଧାନ ମିଳିଥିବାବେଳେ ରାଖିଗଢି ଅଞ୍ଚଳ ହରପ୍ପା ସଭ୍ୟତାର ବ୍ୟବସାୟିକ କ୍ଷେତ୍ର ହୋଇଥିବା ଆଶା କରାଯାଉଛି। ସେହିପରି କପର ଓ ସୁନାରେ ତିଆରି କିଛି ପୁରାତନ ଗହଣା ମଧ୍ୟ ସେଠାରୁ ମିଳିଛି, ଯାହା ହଜାର ହଜାର ବର୍ଷ ଧରି ମାଟିତଳେ ପୋତି ହୋଇ ରହିଥିଲା।



ସୌନ୍ଦର୍ଯ୍ୟ

# ଦୂରାନ୍ତୁ କଳା ଦାଗ



ସୂର୍ଯ୍ୟକିରଣ ପ୍ରଭାବରେ ହାତଗୋଡ଼ ତଥା ମୁହଁର ତ୍ୱଚାରେ ବି ଟାନିଂ ବା କଳାଦାଗ ହୋଇଯାଏ। ତେଣୁ ତ୍ୱଚା କଳା ପଡ଼ି ବହୁତ ଖରାପ ଦେଖାଯାଏ। ଏହି ସମସ୍ୟାରୁ ମୁକ୍ତି ପାଇଁ ଜାଣି ରଖନ୍ତୁ କିଛି ଘରୋଇ ଉପାୟ...

➔ଖରା ପ୍ରଭାବରୁ ତ୍ୱଚାରେ ଦେଖାଯାଉଥିବା କଳାଦାଗ ଦୂରକରିବା ପାଇଁ ବେସନ ଓ ଦହି ମିଶାନ୍ତୁ। ବେସନ ଓ ଦହିର ଏହି ପ୍ୟାକକୁ ୧୫-୨୦ ମିନିଟ୍ ପର୍ଯ୍ୟନ୍ତ ଲଗାନ୍ତୁ। ଏହାପରେ ଧୋଇଦିଅନ୍ତୁ। ପାଦ ଓ ହାତକୁ ମଶ୍ଚରାଇଜ୍ କରିବାରେ ସହାୟକ ହେବ ଦହି ଏବଂ ବେସନ ଟାନିଂକୁ ଦୂରକରିବାରେ ସାହାଯ୍ୟ କରିବ। ଏହି ମିଶ୍ରଣରେ ଆପଣ ଚାହିଁଲେ ଲେମ୍ବୁ ମଧ୍ୟ ମିଶାଇ ଲଗାଇପାରିବେ।



➔ଆଳୁକୁ ବାଟି ରସ ବାହାର କରିଦିଅନ୍ତୁ। ଏଥିରେ ଲେମ୍ବୁରସ ମିଶାଇ ହାତ ପାଦ ଓ ମୁହଁରେ ଟାନିଂ ହୋଇଥିବା ସ୍ଥାନରେ ଲଗାନ୍ତୁ। ୨୦ ମିନିଟ୍ ରଖିବା ପରେ ଧୋଇ ଦିଅନ୍ତୁ। ଲଗାତର ଏପରି କଲେ ତ୍ୱଚାରେ ଚମକ ବୃଦ୍ଧି ପାଇବ।

➔ଓଟ୍‌ସକୁ ଗ୍ରାଇଣ୍ଡିଂ କରି ସେଥିରେ ଦହି ମିଶାଇ ଏକ ପେଷ୍ଟ ତିଆରି କରନ୍ତୁ। ଏଥିରେ ଅଳ୍ପ ଲେମ୍ବୁରସ ମିଶାଇ ପାଦରେ ସ୍କ୍ରବ୍ କରିବା ଭଳି ଲଗାଇ ୧୫ ମିନିଟ୍ ଛାଡ଼ି ଦିଅନ୍ତୁ। ଏହାପରେ ପାଦକୁ ଥଣ୍ଡାପାଣିରେ ଧୋଇଦିଅନ୍ତୁ, ଟାନିଂ କମିବା ସହିତ ଚମକ ବୃଦ୍ଧି ପାଇବ।

➔ଟାନିଂ ଦୂରକରିବା ପାଇଁ ୧ ଚାମଚ ଚନ୍ଦନ ପାଉଡର ସହିତ ୧ ଚାମଚ ମହୁ ମିଶାନ୍ତୁ। ଏହି ପେଷ୍ଟକୁ ତ୍ୱଚାରେ ଅଧଘଣ୍ଟା ପର୍ଯ୍ୟନ୍ତ ଲଗାଇ ରଖନ୍ତୁ। ସପ୍ତାହକୁ ଅତିକମ୍‌ରେ ଦୁଇଥର ଏହି ପ୍ୟାକ୍ ଲଗାଇଲେ ସମସ୍ତ କଳାଦାଗ ଦୂର ହୋଇ ଚମଚ ବୃଦ୍ଧି ପାଇବ।

➔ଟାନିଂ ଦୂରକରିବା ପାଇଁ ପାଚିଲା ଅମୃତଭଣ୍ଡା ମଧ୍ୟ ଅତ୍ୟନ୍ତ ଫଳପ୍ରଦ। ଅମୃତଭଣ୍ଡା ରସରେ ଅଳ୍ପ ମହୁ ମିଶାଇ କଳା ପଡ଼ିଥିବା ସ୍ଥାନରେ ଲଗାଇ ଅଧଘଣ୍ଟା ପରେ ଧୋଇ ଦିଅନ୍ତୁ। କିଛିଦିନ ଏପରି କଲେ ମୁହଁ ତଥା ପାଦ ଓ ହାତର କଳାଦାଗ ଦୂର ହୋଇଯିବ।

➔ଆଲୋଭେରା ଜେଲ୍ ସହିତ ଅଲିଭ୍ ଅଏଲ୍ ମିଶାଇ କଳା ପଡ଼ିଥିବା ସ୍ଥାନରେ ଲଗାଇ ଅଧଘଣ୍ଟା ଛାଡ଼ି ଦିଅନ୍ତୁ। ଏହାପରେ ଧୋଇ ଦିଅନ୍ତୁ।

➔କଞ୍ଚା କ୍ଷୀରରେ ହଳଦୀଗୁଣ୍ଡ ମିଶାଇ ମାଲିସ୍ କରନ୍ତୁ। ଟାନିଂ ଦୂରକରି ତ୍ୱଚାକୁ ଉଜ୍ଜ୍ୱଳ କରିବାରେ ଏହି ମାସ୍କ ବେଶ୍ ଫଳପ୍ରଦ।




**ମଧୁର ସମ୍ପର୍କରେ ପରସ୍ପରକୁ ବାନ୍ଧି ହସଖୁସିରେ ପରିବାର ଚଳାଇନେବାକୁ ସ୍ୱପ୍ନ ଦେଖିଥାନ୍ତି ସମସ୍ତେ । କିନ୍ତୁ ଏଇ କାମକୁ ବେଶ୍ ସହଜ କରିପାରେ ଫୋନ୍ । ହଁ, ଅଯଥା ସମୟ ନଷ୍ଟ ନୁହେଁ ସମ୍ପର୍କ ବାନ୍ଧିବା ପାଇଁ ବି ବ୍ୟବହାର କରିହେବ ଫୋନ୍‌କୁ....**

ବେଶି ସମୟ ଫୋନ୍ ବ୍ୟବହାର କରୁଥିବାରୁ ବେଳେବେଳେ ଘରକାମର ରୁଟିନ୍ ସବୁ ଏପଟସେପଟ ହୋଇଯାଏ। କିଏ କହେ ଫୋନ୍ ପାଇଁ ସମ୍ପର୍କ ଭାଙ୍ଗିଗଲା ତ ଆଉ କିଏ କହେ ସବୁ କାମ ଭୁଲ୍ ହୋଇଗଲା। କିନ୍ତୁ ଘର କାମକୁ ସହଜ କରି ସମ୍ପର୍କ ମଜଭୁତ କରିବା ପାଇଁ ବି ଫୋନ୍‌କୁ ବ୍ୟବହାର କରିହେବ। ଠିକ୍ ଢଙ୍ଗରେ ଫୋନ୍‌କୁ ବ୍ୟବହାର କରିପାରିଲେ ଆପଣ ବି ହୋଇପାରିବେ ବୁଦ୍ଧିମତୀ ବୋହୂ।

**ଫୋନ୍‌ରେ ରୋଷେଇ:** କର୍ମଜୀବୀ ହୁଅନ୍ତୁ କି ଗୃହିଣୀ ସମସ୍ତଙ୍କ ପାଇଁ ରୋଷେଇ କରିବା ଏକ କଳା। ଅନେକ ସମୟରେ ଭଲ ଖାଇବା ତିଆରି କରି ପିଲାମାନଙ୍କୁ ଖୁସି କରିହୁଏ ତ କେବେ ପୁଣି ଶାଶୁ ଶ୍ୱଶୁର କିମ୍ବା ସ୍ୱାମୀଙ୍କୁ ମଧ୍ୟ ସନ୍ତୁଷ୍ଟ କରିହୁଏ। ତେଣୁ ଫୋନ୍‌ରୁ ଦେଖି କେବେକେବେ ନୂଆ ନୂଆ ଖାଦ୍ୟ ପ୍ରସ୍ତୁତ କଲେ ସମସ୍ତଙ୍କୁ ଭଲ ଲାଗିବ।


**ମନେରହିବ ସ୍ୱତନ୍ତ୍ର ଦିନ:** ପରିବାର ଲୋକଙ୍କ ସହିତ ସମ୍ପର୍କୀୟ ଲୋକମାନଙ୍କର ଜନ୍ମଦିନ କିମ୍ବା ବିବାହ ବାର୍ଷିକୀ ଆଦି ସବୁ ଫୋନ୍‌ରେ ମନେ ରଖିହେବ। ସମସ୍ତଙ୍କର ସ୍ୱତନ୍ତ୍ର ଦିନଗୁଡ଼ିକୁ ହୁଏତ ମନେ ରଖିବା ସମ୍ଭବ ହୋଇ ନ ପାରେ। କିନ୍ତୁ ଫୋନ୍‌ରେ ଏସବୁକୁ ଅତି ସହଜରେ ମନେପକାଇ ହେବ। ତେଣୁ ଠିକ୍ ସମୟରେ ସମସ୍ତଙ୍କ ପାଇଁ ସ୍ୱତନ୍ତ୍ର ଆୟୋଜନ କରିହେବ। କିଛି କରି ନ ପାରିଲେ ବି ମନେପକାଇ ଶୁଭେଚ୍ଛା ଜଣାଇହେବ। ଏଇ ଛୋଟ ଛୋଟ ଖୁସି ବି ସମ୍ପର୍କକୁ ମଜଭୁତ କରିବାରେ ବେଶ୍ ସହାୟକ ହୋଇପାରିବ।

**ଏକାଠି ମନୋରଞ୍ଜନ:** ପରିବାରରେ ଏକାଠି ବସି ଫୋନ୍‌ରେ ମନୋରଞ୍ଜନ କରିପାରିବେ। କେବେ ସିନେମା କିମ୍ବା କିଛି ପାରମ୍ପରିକ ସିରିଏଲ୍‌କୁ ଏକାଠି ବସି ସମସ୍ତେ ଦେଖିପାରିବେ। ଏମିତିକି ଅଲଗା ଅଲଗା ସ୍କ୍ରିନ୍‌ରେ ମଧ୍ୟ ଏକ ସମୟରେ ସମାନ ଜିନିଷ ଦେଖି ମଜା ନେଇପାରିବେ। ଆଉ ସମ୍ପର୍କକୁ ମଜଭୁତ କରି ରଖିବା ପାଇଁ ଏମିତି ସୁଯୋଗ ମଧ୍ୟ ବେଶ୍ ସହାୟକ ହୋଇପାରିବ।

**ସମୟ ପରିଚାଳନା:** ଗୃହିଣୀମାନେ ଫୋନ୍ ମାଧ୍ୟମରେ ସମୟ ପରିଚାଳନା କରିବାର ସୁଯୋଗ ପାଇପାରିବେ। ଅନ୍‌ଲାଇନ ଅର୍ଡର କରି ଚାହିଁଲେ ଘରେ ବସି ସବୁ ଜିନିଷ କିଣିପାରିବେ। ତେଣୁ ମାର୍କେଟ ଯାଇ ସମୟ ନଷ୍ଟ କରିବାକୁ ପଡ଼ିବ ନାହିଁ। ଏହା ବ୍ୟତୀତ ଅନ୍‌ଲାଇନ ମାଧ୍ୟମରେ ବିଭିନ୍ନ ବିଲ୍ ମଧ୍ୟ ପୈଠ କରିପାରିବେ।

**ହିସାବ କିତାବ:** ଫୋନ୍‌ରେ ସବୁ ପ୍ରକାର ହିସାବକରି ସହଜରେ ଘରର ଆର୍ଥିକ ପରିଚାଳନା କରିପାରିବେ। ଏମିତିକି ଅନେକ ହିସାବ କିମ୍ବା ଘର ଖର୍ଚ୍ଚ ଅଥବା କାହାକୁ କିଛି ଦିଆଯାଇଥିବା ଅର୍ଥ ସବୁ ବିଷୟରେ ମନେରଖିବା ପାଇଁ ମଧ୍ୟ ଫୋନ୍‌କୁ ବ୍ୟବହାର କରିହେବ। ଆଉ ଫୋନରେ ରଖିଥିବା ହିସାବ କିମ୍ବା ବିଲ୍ ସବୁ ହଜିବା ଆଶଙ୍କା ମଧ୍ୟ କମ୍।





## କ'ଣ କରନ୍ତି ଏମାନେ...

### ଫୋନ୍‌ରେ ସବୁ କରି ହେଉଛି



ଏବେ ତ ମୁଁ ସବୁ କାମ ଫୋନ୍‌ରେ କରି ଦେଉଛି। ପିଲାଙ୍କର ସ୍କୁଲ, ଟ୍ୟୁଶନ ଫି'ଠାରୁ ଆରମ୍ଭକରି ସବୁ କିଛି ଘରେ ବସି କରି ଦେଉଛି। ତେଣୁ ମୋର ବହୁତ ସମୟ ବଞ୍ଚୁଛି ଆଉ ମୁଁ ଘର କାମ ସବୁ କରିପାରୁଥିବାରୁ ସମସ୍ତେ ବେଶ୍ ଖୁସି ହେଉଛନ୍ତି। ଏହା ବ୍ୟତୀତ ଫୋନ୍‌ରୁ ଦେଖି ମୁଁ ପିଲାଙ୍କୁ ସହଜରେ ପାଠ ବି ପଢ଼ାଇ ପାରୁଛି। ତେଣୁ ଘର ଚଳାଇବା ଲାଗି ମୋ ପାଇଁ ଫୋନ୍ ତ ନିହାତି ଆବଶ୍ୟକ।

*–**କରିସ୍ମା ବିଶ୍ୱାଳ**, କର୍ମଜୀବୀ, ନୟାପଲ୍ଲୀ ବ୍ରିଟ୍ କଲୋନୀ, ଭୁବନେଶ୍ୱର*

### ନୂଆ ଖାଦ୍ୟ ତିଆରି କରେ



ବେଳେବେଳେ ଫାଙ୍କା ସମୟ ପାଇଲେ ମୁଁ ଫୋନ୍‌ରୁ ଦେଖି ନୂଆ ନୂଆ ଖାଦ୍ୟ ଆଇଟମ୍ ସବୁ ତିଆରି କରେ। ମୋର ଏଇ ଗୁଣ ପାଇଁ ମୋ ଶାଶୁଘରେ ସମସ୍ତେ ଖୁସି। କାହିଁକିନା ସେମାନଙ୍କୁ ସବୁବେଳେ ନୂଆ ନୂଆ ଖାଦ୍ୟ ଆଇଟମ୍ ଖାଇବା ପାଇଁ ମିଳିଯାଏନା। ତେଣୁ କିଛି ନୂଆ ଖାଦ୍ୟ କରିବା ପାଇଁ ଯାହା ଆବଶ୍ୟକ ହୁଏ ସେସବୁକୁ ସଙ୍ଗେ ସଙ୍ଗେ ପିଲାମାନେ ମତେ କିଣି ଆଣି ଦେଇଥାନ୍ତି। ଆଉ ଫୋନ୍ ଦେଖି ମୁଁ ଘର ସଜାଇବା ପାଇଁ ନୂଆ ନୂଆ ଆଇଡିଆ ବି ପାଏ। ତେବେ ପିଲାମାନଙ୍କୁ ମୁଁ ବେଶି ସମୟ ଫୋନ୍ ଦେଖିବାକୁ ଦିଏନି। ଖାଲି ସେମାନଙ୍କ ପାଠପଢ଼ା ସମୟକୁ ଛାଡ଼ିଦେଲେ ସେମାନଙ୍କ ସହ ମୁଁ ଏକାଠି ସମୟ କାଟେ।

*–**ମମତା ସାହୁ**, ଗୃହିଣୀ, ଆଶୁତୋଷ ନଗର, କେଶୁରା, ଭୁବନେଶ୍ୱର*

### ଫୋନ୍ ଦେଖିଲେ ମନେପଡ଼େ



ପିଲାମାନଙ୍କଠାରୁ ଫୋନ୍‌କୁ ଦୂରେଇ ରଖିବା ପାଇଁ ମୁଁ ଚେଷ୍ଟାକରେ ସତ, କିନ୍ତୁ ଫୋନ୍‌ରେ ହିଁ ମୁଁ ସବୁ କାମ କରେ। ଫୋନ୍ ଯେମିତି ମୋର ସବୁଠୁ ଘନିଷ୍ଠ ସାଙ୍ଗ ଭଳି। ଶାଶୁ ଘର ଲୋକ ଏବଂ ବାପଘର ଲୋକ ତଥା ମୋ ସାଙ୍ଗସାଥୀ ସମସ୍ତଙ୍କ ଜନ୍ମଦିନ ମତେ ମନେପକାଇ ଦିଏ ଫୋନ୍। ସେଥିପାଇଁ ମୁଁ ଠିକ୍ ସମୟରେ ସେମାନଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଘରେ କିଛି ଭଲ ଖାଦ୍ୟ ତିଆରି କରିଥାଏ।

*–**ସୋନାଲି ଲେଙ୍କା**, ଗୃହିଣୀ, ଗୋପାଳପୁର, କଟକ*

# ରହିବନି ଅଣ୍ଟାଦରଜ

**ବେଳେବେଳେ ଅନେକ ଦିନ ଔଷଧ ଖାଇବା ପରେ ବି ଅଣ୍ଟା ଦରଜ ଭଲ ହୋଇ ନ ଥାଏ। କିନ୍ତୁ ଘରୋଇ ଉପାୟରେ ଖୁବ୍ ସହଜରେ ଏହି ସମସ୍ୟାରୁ ମୁକ୍ତି ମିଳିପାରିବ...**



ବ୍ୟସ୍ତ ଲାଇଫଷ୍ଟାଇଲ୍ , କମ୍ପ୍ୟୁଟର ବା ଲାପ୍‌ଟପ୍ ଆଗରେ ବେଶି ସମୟ ବସି କାମ କରିବା କିମ୍ବା ଘଣ୍ଟା ଘଣ୍ଟା ଧରି ଛିଡ଼ାହୋଇ ରୋଷେଇ କରିବା ଆଦି ବିଭିନ୍ନ କାରଣରୁ ଆଜିକାଲି ପ୍ରାୟ ସମସ୍ତଙ୍କୁ ଅଣ୍ଟା ଦରଜ ସମସ୍ୟା ଭୋଗିବାକୁ ପଡୁଛି। କିନ୍ତୁ ରୋଷେଇ ଘରେ ମସଲାଭାବେ ବ୍ୟବହାର ହେଉଥିବା ଡାଳଚିନିକୁ ବ୍ୟବହାରକରି ଏଥିରୁ ମୁକ୍ତି ମିଳିପାରିବ।

ଅଣ୍ଟା ଦରଜରୁ ମୁକ୍ତି ପାଇବାକୁ ହେଲେ ୨ ଗ୍ରାମ୍ ଡାଳଚିନି ଗୁଣ୍ଡରେ ୧ ଚାମଚ ମହୁ ମିଶାଇ ଖାଆନ୍ତୁ। ଦିନକୁ ଅତିକମ୍‌ରେ ଦୁଇଥର ଏହି ମିଶ୍ରଣକୁ ଖାଇ ଦିଅନ୍ତୁ। କିଛିଦିନ ପରେ ଅଣ୍ଟା ଦରଜ କମ୍ ହୋଇଯିବ।

➤ଅଣ୍ଟା ଦରଜରୁ ମୁକ୍ତି ପାଇବା ପାଇଁ ଡାଳଚିନିର ଏକ ଡ୍ରିଙ୍କ୍ ମଧ୍ୟ ତିଆରି କରିପାରିବେ। ଏଥିପାଇଁ ପ୍ରଥମେ ଏକ ପାତ୍ରରେ ପାଣି ନେଇ ସେଥିରେ କିଛି ଡାଳଚିନି ଗୁଣ୍ଡ ପକାଇ ଚୁଲିରେ ବସାଇ ସିଝାଇ ଦିଅନ୍ତୁ। ସିଝିବା ପରେ ଏହି ପାଣିକୁ ଛାଣି ସେଥିରେ ମହୁ ମିଶାଇ ଦିନକୁ ଦୁଇଥର ପିଅନ୍ତୁ। ରାତିରେ ଶୋଇବା ପୂର୍ବରୁ ଏହାକୁ ନିଶ୍ଚୟ ପିଅନ୍ତୁ। ଅଣ୍ଟା ଦରଜ ଭଲ ହୋଇଯିବ।

➤ସକାଳୁ ଖାଲିପେଟରେ ହିଁ ଡାଳଚିନି ଗୁଣ୍ଡ ଅବା ଡାଳଚିନି ଡ୍ରିଙ୍କ୍ ପିଅନ୍ତୁ। ଏହା ଶୀଘ୍ର ଫଳପ୍ରଦ ହେବ। ସେହିପରି ରାତିରେ ମଧ୍ୟ ଖାଲିପେଟରେ ଏହାକୁ ପିଅନ୍ତୁ।

➤ଡାଳଚିନି ଅଧିକ ଖାଇବା ମଧ୍ୟ



ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। କାରଣ ଡାଳଚିନି ଏକ ଉଷ୍ମକାରକ ଜିନିଷ ହୋଇଥିବାରୁ ଏହାକୁ ଅଧିକ ଖାଇବା ଫଳରେ ପେଟ ଖରାପ ହେବା ମଧ୍ୟ ସମ୍ଭାବନା ରହିଥାଏ।

# ଘରେ ଏସି ଲଗାଉଥିଲେ...

**ଖରାଦିନେ ଗରମରୁ ମୁକ୍ତି ପାଇଁ ଅଧିକାଂଶ ଏସି ବ୍ୟବହାର କରନ୍ତି। କିନ୍ତୁ ଅଧିକ ବିଜୁଳି ଖର୍ଚ୍ଚ ହେଉଥିବାରୁ ବିଲ୍ ପାଇଁ ସମସ୍ତଙ୍କର ଚିନ୍ତା ରହିଥାଏ। ତେଣୁ କିପରି ବ୍ୟବହାର କଲେ ଶକ୍ତି ସଂରକ୍ଷଣ କରିହେବ ଜାଣିରଖନ୍ତୁ...**



➤ଆଜିକାଲି ପ୍ରାୟ ସବୁ ପ୍ରକାର ଏସିରେ ବିଭିନ୍ନ ମୋଡ୍ ରହିଛି। ତେଣୁ ଖରାଦିନେ ଏସି କୁଲିଂ ମୋଡ୍‌ରେ ଅଛି କି ନାହିଁ ନିଶ୍ଚିତ କରନ୍ତୁ। କୁଲିଂ ମୋଡ୍‌ରେ ରହିଲେ ହିଁ ଥଣ୍ଡା ପବନ ରହିବ।

➤ବାରମ୍ବାର ଏସିର ତାପମାତ୍ରାକୁ କମ୍ କିମ୍ବା ବେଶି କରନ୍ତୁ ନାହିଁ। ବରଂ ଏକ ନିର୍ଦ୍ଦିଷ୍ଟ ତାପମାତ୍ରା ସେଟ୍ କରି ଦିଅନ୍ତୁ। ଏପରି କରିବା ଫଳରେ ଘର ଭିତର ଥଣ୍ଡା ରହିବ ଓ ଇଲେକ୍ଟ୍ରି ବିଲ୍ ମଧ୍ୟ କମ୍ ରହିବ।

➤ଏସି ଚଲାଇବା ପୂର୍ବରୁ ପ୍ରଥମେ ଘରର ଝରକା ଓ କବାଟ ସବୁ ଭଲଭାବେ ବନ୍ଦ କରନ୍ତୁ। ନଚେତ୍ ଘର ଭିତରର ଥଣ୍ଡା ପବନ ବାହାରକୁ ବାହାରିଯିବ ଓ ଘରର ତାପମାତ୍ରା ଥଣ୍ଡା ହେବ ନାହିଁ। ଏହାଫଳରେ ଏସିର ଲୋଡ୍ ବଢ଼ିଯିବ ଏବଂ ଅଧିକ ବିଜୁଳି ଖର୍ଚ୍ଚ ହେବ।

➤ଏସିକୁ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ସଫାକରନ୍ତୁ। କାରଣ ଲଗାତର ଏସି ବ୍ୟବହାର ଫଳରେ ପବନରେ ଥିବା ଧୂଳିକଣା ସବୁ ଏସି ଭିତରେ ଜମାହୋଇ ରହିଯାଏ। ଏହା ଫଳରେ ଏସିରୁ ଠିକ୍ ଭାବେ ଥଣ୍ଡା ପବନ ବାହାରି ନ ଥାଏ। ଏହା ବ୍ୟତୀତ ଏସିର ଫିଲ୍‌ଟରକୁ ମଧ୍ୟ ଠିକ୍ ସମୟରେ ବଦଳାଇବା ଜରୁରୀ।

# ଖରାଦିନିଆ ଫ୍ୟାଶନ

**ଖରାଦିନେ ଏମିତି ଡ୍ରେସ୍ ଚୟନ କରନ୍ତୁ ଯାହା ଷ୍ଟାଇଲିଶ୍ ଦେଖାଯିବା ସହିତ ଆରାମ ଅନୁଭବ ଦେବ। ତେଣୁ ସମର ଫ୍ୟାଶନରେ ଜାଣିରଖନ୍ତୁ କିଛି ଡ୍ରେସ୍ ସମ୍ପର୍କରେ...**



– ସମର ଫ୍ୟାଶନରେ ଏବେ ପୁଣି ଥରେ କାଫତାନ୍‌ର ଲୋକପ୍ରିୟତା ବଢ଼ିବାରେ ଲାଗିଛି। ମାର୍କେଟରେ ସିଫନ୍, କର୍ଟନ୍ ଆଦି ବିଭିନ୍ନ ପ୍ରକାର କାଫତାନ୍ ମିଳୁଛି। ଏହି ପୋଷାକ ଲମ୍ବା ଏବଂ ଖୋଲା ଖୋଲା ରହିଥାଏ। ତେଣୁ ଖରାଦିନେ ପିନ୍ଧିବାକୁ ଆରାମ ଲାଗେ ଓ ଫ୍ୟାଶନେବୁଲ ମଧ୍ୟ ଦେଖାଯାଏ।

– ଓଭର ସାଇଜ୍ ସର୍ଟ ମଧ୍ୟ ସମର ଲୁକ୍ ପାଇଁ ପୂରା ପରଫେକ୍ଟ ଲାଗିବ। ଜିନ୍ସ ସହିତ ଢିଲା ଓ ଲମ୍ବା ସର୍ଟ ମଧ୍ୟ ଆପଣ ଖରାଦିନେ ପିନ୍ଧିପାରିବେ। ଏହା ଆରାମଦାୟକ ହେବା ସହ ଷ୍ଟାଇଲିଶ୍ ଲାଗିବ।

– ଖରାଦିନେ କୁଲ୍ ଏବଂ ଷ୍ଟାଇଲିଶ୍ ଦେଖାଯିବାକୁ ଚାହୁଁଥିଲେ ଟି-ସାର୍ଟ ଡ୍ରେସ୍ ଟ୍ରାଏ କରିପାରିବେ। କୌଣସି ପାର୍ଟି କିମ୍ବା ବାହାରକୁ ବୁଲିବାକୁ ଯିବା ସମୟରେ ଆପଣ ଏହି ଡ୍ରେସ୍ ପିନ୍ଧି ଯାଇପାରିବେ। ଟି-ସାର୍ଟ ଡ୍ରେସ୍ ସହିତ ଧଳା ଷ୍ଟାଇଲିଶ୍ ଜୋତା ବେଶ୍ ସୁନ୍ଦର ଲାଗିବ।

ଖାଦ୍ୟରୁଚି

# ଚକୋ କେକ୍



**ଆବଶ୍ୟକ ସାମଗ୍ରୀ:** ମଇଦା– ୨ କପ୍, କୋକୋ ପାଉଡର– ୧ ଚାମଚ, ବେକିଂ ସୋଡ଼ା– ୧ ଚାମଚ, ଚିନି– ୨ କପ୍, ତେଲ– ୨ କପ୍, ଲେମ୍ବୁରସ– ୧ ଚାମଚ, ଭାନିଲା ଏସେନ୍ସ– ଅଳ୍ପ, ଥଣ୍ଡାପାଣି ଓ ଆବଶ୍ୟକ ଅନୁସାରେ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ–** ଏକ ପାତ୍ରରେ ପ୍ରଥମେ ମଇଦାରେ ଲୁଣ ଓ ବେକିଂ ସୋଡ଼ାକୁ ଭଲଭାବେ ମିଶାଇ ଦିଅନ୍ତୁ। ଏଥିରେ କୋକୋ ପାଉଡର ମଧ୍ୟ ମିଶାଇ ଦିଅନ୍ତୁ। ଚିନିକୁ ଗ୍ରାଇଣ୍ଡିଂ କରି ଏଥିରେ ମିଶାନ୍ତୁ। ଏବେ ଥଣ୍ଡା ପାଣି ମିଶାଇ ଏସବୁକୁ ଗୋଳାଇ ଦିଅନ୍ତୁ। ସେଥିରେ ଲେମ୍ବୁରସ ଓ ଭାନିଲା ଏସେନ୍ସ ମଧ୍ୟ ମିଶାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ଘୋଳକୁ ଅଧିକ ପତଳା କିମ୍ବା ଅଧିକ ମୋଟା କରନ୍ତୁ ନାହିଁ। ଏସବୁକୁ ଭଲଭାବେ ମିଶାଇ କିଛି ସମୟ ଘୋଡ଼ାଇ ରଖି ଦିଅନ୍ତୁ। ଏହି ସମୟ ମଧ୍ୟରେ କେକ୍ ପାତ୍ରରେ ସବୁଆଡ଼େ ଭଲଭାବେ ତେଲ କିମ୍ବା ଘିଅ ଲଗାଇ ଦିଅନ୍ତୁ। ଏହାକୁ ପ୍ରଥମେ କିଛି ସମୟ ଗରମ କରନ୍ତୁ। ପରେ ଏଥିରେ କେକ୍ ମିଶ୍ରଣକୁ ଢାଳି ଓଭାନରେ ୨୦୦ ଡିଗ୍ରୀ ତାପମାତ୍ରାରେ ୪୦ ମିନିଟ୍ ପର୍ଯ୍ୟନ୍ତ ବସାନ୍ତୁ। ଏହାପରେ କେକ୍ ହୋଇଛି କି ନାହିଁ ଏକ ଟୁଥ୍‌ପିକ୍‌ରେ ପରୀକ୍ଷା କରି ଦେଖନ୍ତୁ। ଯଦି କେକ୍ ହୋଇ ଯାଇଥାଏ ତେବେ ଥଣ୍ଡା ହେବା ପର୍ଯ୍ୟନ୍ତ ଅପେକ୍ଷା କରି ବାହାର କରନ୍ତୁ। ଏହି କେକ୍‌କୁ ଆପଣ ପ୍ରେସର କୁକର କିମ୍ବା କଡ଼େଇରେ ମଧ୍ୟ କରିପାରିବେ।

# କ୍ୱାର୍ଟର ଫାଇନାଲରେ ଓଡ଼ିଶା

**ଭୁବନେଶ୍ୱର, ୯।୫ (କ୍ରୀଡ଼ା ପ୍ରତିନିଧି)**


ଓଡ଼ିଶା ଓ ମିଜୋରାମ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

ଗୋଆରେ ଚାଲିଥିବା ଜାତୀୟ ସବ୍‌ଜୁନିୟର ପୁରୁଷ ହକି ଟୁର୍ନାମେଣ୍ଟର ସୋମବାର ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ୬-୦ ଗୋଲରେ ମିଜୋରାମକୁ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ସ୍ଲୋ ଷ୍ଟାର୍ଟ ପରେ ମ୍ୟାଚର ୬ଷ୍ଠ ମିନିଟରେ ଆର୍ଯ୍ୟନ ଖେସ୍‌ଙ୍କ ଗୋଲ ବଳରେ ଭାରତ ଅଗ୍ରଣୀ ନେଇଥିଲା। ପେନାଲ୍ଟି କର୍ନର ଶଟ୍‌କୁ ପ୍ରତିପକ୍ଷ ଗୋଲକିପର ସେଭ୍ କରିଥିବାବେଳେ ରିବାଉଣ୍ଡ ଶଟ୍ ଜରିଆରେ ଆର୍ଯ୍ୟନ ପ୍ରଥମ ଗୋଲଟି ଦେଇଥିଲେ। ୧୫ତମ ମିନିଟରେ ୟୋଜିନ ମିଞ୍ଜ ଏହାକୁ ୨-୦ରେ ପରିଣତ କରିଥିଲେ। ଦ୍ୱିତୀୟ କ୍ୱାର୍ଟରରେ ଅର୍ଥାତ୍ ୧୭ତମ ମିନିଟରେ ସଞ୍ଜିତ ତିର୍କୀ ଓ ୨୪ତମ ମିନିଟରେ ରୋହିତ ସିଂ ଗୋଟିଏ ଲେଖାଏ ଗୋଲ ଦେବାରୁ ପ୍ରଥମାର୍ଦ୍ଧ ଶେଷ ବେଳକୁ ଓଡ଼ିଶା ୪-୦ରେ ଆଗୁଆ ରହିଥିଲା। ପରେ ୪୩ତମ ମିନିଟରେ ଦେଓନାଥ ନାନ୍‌ୱାର ଓ ୪୫ତମ ମିନିଟରେ ମହେଶ ମୋରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଗ୍ରୁପ୍ ପର୍ଯ୍ୟାୟରେ ୩ ମ୍ୟାଚରୁ ଓଡ଼ିଶାର ଏହାଥିଲା ତୃତୀୟ ବିଜୟ। ଆସନ୍ତା ୧୨ ତାରିଖରେ ଓଡ଼ିଶା ଏହାର କ୍ୱାର୍ଟର ଫାଇନାଲ ମ୍ୟାଚ ଖେଳିବ।

# ବୁମ୍‌ରାଙ୍କୁ ୫ ଉଇକେଟ ସଫଳତା

**ମୁମ୍ବାଇ, ୯।୫**


ଯଶପ୍ରୀତ୍ ବୁମ୍‌ରା

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ପ୍ରଥମ ଥରପାଇଁ ୫ ଉଇକେଟ ସଫଳତା ପାଇଛନ୍ତି ମୁମ୍ବାଇ ଇଣ୍ଡିଆନ୍ସ ଦ୍ରୁତ ବୋଲର ଯଶପ୍ରୀତ୍ ବୁମ୍‌ରା। ତାଙ୍କ ଘାତକ ବୋଲିଂ ବଳରେ ମୁମ୍ବାଇ ଆଇପିଏଲ୍‌ର ସୋମବାର ଅନୁଷ୍ଠିତ ମ୍ୟାଚରେ କୋଲକାତା ନାଇଟ ରାଇଡର୍ସ ଇନିଂସକୁ ୨୦ ଓଭରରେ ୧୬୫/୯ରେ ସୀମିତ ରଖିଛି। ରିପୋର୍ଟ ଲେଖା ହେବା ବେଳକୁ ମୁମ୍ବାଇ ୯ ଓଭରରେ ୨ ଉଇକେଟ ହରାଇ ୫୮ ରନ ସଂଗ୍ରହ କରିଛି। ଅଧିନାୟକ ରୋହିତ ଶର୍ମା ୨ ଓ ତିଳକ ବର୍ମା ୬ ରନକରି ଆଉଟ ହୋଇଛନ୍ତି।

ଟସ୍ ଜିତି ମୁମ୍ବାଇ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। କୋଲକାତା କିନ୍ତୁ ଭେଙ୍କଟେଶ୍ ଆୟାର ଓ ଅଜିଙ୍କ୍ୟ ରାହାନେଙ୍କ ମାଧ୍ୟମରେ ଦୃଢ଼ ଓପନିଂ କରିଥିଲା। ବିଶେଷ କରି ଭେଙ୍କଟେଶ୍‌ଙ୍କ ଧୂଆଁଧାର ବ୍ୟାଟିଂ ଯୋଗୁ କୋଲକାତା ବଡ଼ ସ୍କୋରପାଇଁ ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରିଥିଲା। ଭେଙ୍କଟେଶ୍ ୨୪ ବଲ୍‌ରୁ ୩ ଚୌକା ଓ ୪ ଛକା ସହାୟତାରେ ୪୩ ରନକରି ଆଉଟ ହୋଇଥିଲେ। ଅପେକ୍ଷାକୃତ ଧିମା ଖେଳିଥିବା ଅଜିଙ୍କ୍ୟ ରାହାନେ ୨୪ ବଲ୍‌ରୁ ୨୫ ରନକରିବାକୁ ସକ୍ଷମ ହୋଇଥିବାବେଳେ ନୀତୀଶ ରାଣା ଷ୍ଟ୍ରୋକପୂର୍ଣ୍ଣ ୪୩ (୨୬ ବଲ, ୩ ଚୌକା, ୪ ଛକା)ର ଇନିଂସ ଖେଳି ଦଳର ରନ୍‌ହାରକୁ ବଜାୟ ରଖିଥିଲେ। ତେବେ ଅଧିନାୟକ ଶ୍ରେୟସ ଆୟାର ୬ ଓ ଆନ୍ଦ୍ରେ ରସେଲ ୯ ରନରେ ଆଉଟ ହେବା କୋଲକାତା ଦଳକୁ ଶକ୍ତ ଧକ୍କା ପହଞ୍ଚାଇଥିଲା। ଫଳରେ ନୀତୀଶ ଆଉଟ ହେବାପରେ ମ୍ୟାଚର ମୋଡ଼ ବୁଲିଥିଲା। କୋଲକାତାର ମିଡିଲ ଅର୍ଡର ଓ ଲୋୟର ଅର୍ଡର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ ବୁମ୍‌ରା। ସେ ନୀତୀଶ, ରସେଲଙ୍କ ସମେତ ଶେଲଡନ ଜ୍ୟାକସନ, ପ୍ୟାଟ୍ କମିନ୍ସ ଓ ସୁନୀଲ ନାରିନଙ୍କ ଉଇକେଟ ନେଇ ୫ ଉଇକେଟ ପୂରଣ କରିଥିଲେ। କମିନ୍ସ ଓ ନାରିନଙ୍କୁ କ୍ରମାଗତ ବଲ୍‌ରେ ଆଉଟ କରି ସେ ହ୍ୟାଟ୍ରିକ ସୁଯୋଗ ସୃଷ୍ଟି କରିଥିଲେ। ୪ ଓଭରରେ ସେ ୧ ମେଡେନ ନେବା ସହ ମାତ୍ର ୧୦ ରନ ବ୍ୟୟ କରିଥିଲେ। ଫଳରେ ଏକଦା ୨୦୦ ରନ ଅତିକ୍ରମ ସମ୍ଭାବନା ସୃଷ୍ଟି କରିଥିବା କୋଲକାତା ୧୬୫ ରନରେ ସୀମିତ ରହି ଯାଇଥିଲା। ରିଙ୍କୁ ସିଂ ୧୯ ବଲ୍‌ରୁ ୨୩ (୨ ଚୌକା, ୧ ଛକା) ରନରେ ଅପରାଜିତ ରହିଥିଲେ। ମୁମ୍ବାଇ ପକ୍ଷରୁ ବୁମ୍‌ରାଙ୍କ ବ୍ୟତୀତ କୁମାର କାର୍ତ୍ତିକେୟ ୨ଟି ଏବଂ ଡାନିଏଲ୍ ସାମ୍ସ ଓ ମୁରୁଗାନ ଅଶ୍ୱିନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

କୋଲକାତା ନାଇଟ ରାଇଡର୍ସ ୨୦ ଓଭରରେ ୧୬୫/୯ (ଭେଙ୍କଟେଶ ଆୟାର-୪୩, ନୀତୀଶ ରାଣା-୪୩, ଯଶପ୍ରୀତ୍ ବୁମ୍‌ରା-୫/୧୦, କୁମାର କାର୍ତ୍ତିକେୟ-୨/୩୨, ଡାନିଏଲ ସାମ୍ସ-୧/୨୬, ମୁରୁଗାନ ଅଶ୍ୱିନ-୧/୩୫)।

## ଆଇପିଏଲ୍-୧୫

**ଆଜିର ମ୍ୟାଚ**

**ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ ବନାମ ଗୁଜରାଟ ଟାଇଟାନ୍ସ**

ସ୍ଥାନ: ପୁଣେ

ସମୟ: ରାତି ୭ଟା ୩୦

**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

## ଆଇପିଏଲ୍‌ରେ ଶ୍ରେଷ୍ଠ ବୋଲିଂ

➤୬/୧୨: ଆଲଜାରି ଜେସେଫ, ମୁମ୍ବାଇ ଇଣ୍ଡିଆନ୍ସ ବନାମ ସନ୍‌ରାଇଜର୍ସ, ହାଇଦ୍ରାବାଦ, ୨୦୧୯

➤୬/୧୪: ସୋହେଲ ତନଭୀର, ରାଜସ୍ଥାନ ରୟାଲ୍ସ ବନାମ ଚେନ୍ନାଇ ସୁପର କିଙ୍ଗ୍ସ, ଜୟପୁର, ୨୦୦୮

➤୬/୧୯: ଆଡାମ ଜାମ୍ପା, ରାଇଜିଂ ପୁଣେ ବନାମ ସନ୍‌ରାଇଜର୍ସ, ଭାଇଜାଗ, ୨୦୧୬

➤୫/୫: ଅନିଲ କୁମ୍ବଲେ, ରୟାଲ ଚ୍ୟାଲେଞ୍ଜର୍ସ ବନାମ ରାଜସ୍ଥାନ ରୟାଲ୍ସ, କେପ୍ ଟାଉନ, ୨୦୦୯

➤୫/୧୦: ଯଶପ୍ରୀତ୍ ବୁମ୍‌ରା, ମୁମ୍ବାଇ ଇଣ୍ଡିଆନ୍ସ ବନାମ କୋଲକାତା ନାଇଟ ରାଇଡର୍ସ, ମୁମ୍ବାଇ, ୨୦୨୨

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନହାର |
|---|---|---|---|---|---|
| ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ | ୧୧ | ୮ | ୩ | ୧୬ | +୦.୭୦୩ |
| ଗୁଜରାଟ ଟାଇଟାନ୍ସ | ୧୧ | ୮ | ୩ | ୧୬ | +୦.୧୨୦ |
| ରାଜସ୍ଥାନ ରୟାଲ୍ସ | ୧୧ | ୭ | ୪ | ୧୪ | +୦.୩୨୬ |
| ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୧୨ | ୭ | ୫ | ୧୪ | -୦.୧୧୫ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୧ | ୫ | ୬ | ୧୦ | +୦.୧୫୦ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୧ | ୫ | ୬ | ୧୦ | -୦.୦୩୧ |
| ପଞ୍ଜାବ କିଙ୍ଗ୍ସ | ୧୧ | ୫ | ୬ | ୧୦ | -୦.୨୩୧ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୧ | ୪ | ୭ | ୮ | +୦.୦୨୮ |
| କୋଲକାତା ନାଇଟ ରାଇଡର୍ସ | ୧୧ | ୪ | ୭ | ୮ | -୦.୩୦୪ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୦ | ୨ | ୮ | ୪ | -୦.୭୨୫ |

# ଭର୍ଷ୍ଟାପେନ୍ ଜିତିଲେ ମାୟାମି ଗ୍ରାଁ ପ୍ରି

**ମାୟାମି ଗାର୍ଡେନ୍ସ, ୯।୫ (ଏପି):** ଏଠାରେ ପ୍ରଥମ ଥର ଅନୁଷ୍ଠିତ ଫର୍ମୁଲା ୱାନ ମୋଟର ରେସ୍‌ରେ ବିଶ୍ୱ ଚାମ୍ପିୟନ ରେଡ୍‌ବୁଲର ମାକ୍ସ ଭର୍ଷ୍ଟାପେନ୍ ଟାଇଟଲ ବିଜୟୀ ହୋଇଛନ୍ତି। ଏହାଥିଲା ତାଙ୍କ ଚଳିତ ବର୍ଷରୁ ୩ୟ ଏବଂ କ୍ୟାରିୟରର ୨୩ ତମ ଟାଇଟଲ। ତାଙ୍କ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ତଥା ଫେରାରିର ଚାର୍ଲ୍ସ ଲେକ୍‌ରେକ୍‌ଙ୍କଠାରୁ ୩.୭୮ ସେକେଣ୍ଡ ଆଗରେ ରହି ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଫେରାରିର ଅନ୍ୟତମ ଡ୍ରାଇଭର କାର୍ଲୋସ ସେଞ୍ଜ ଜୁନିୟର ତୃତୀୟ ସ୍ଥାନ ହାସଲ କରିଥିଲେ। ରବିବାର ଏହି ବିଜୟ ଦ୍ୱାରା ଡ୍ରାଇଭର୍ସ ଚାମ୍ପିୟନଶିପ୍ ତାଲିକାରେ ପ୍ରଥମ ସ୍ଥାନରେ ରହିଥିବା ଲେକ୍‌ରେକ୍‌ଙ୍କଠାରୁ ଭର୍ଷ୍ଟାପେନ୍‌ଙ୍କ ପଏଣ୍ଟ ବ୍ୟବଧାନ ୧୯କୁ ହ୍ରାସ ପାଇଛି। ଅନ୍ୟମାନଙ୍କ ମଧ୍ୟରେ ରେଡ୍‌ବୁଲ୍‌ର ସର୍ଗିଓ ପେରେଜ ଚତୁର୍ଥ ଏବଂ ମର୍ସିଡିଜର ଜର୍ଜ ରସେଲ ଓ ଲୁଇସ ହାମିଲଟନ ୫ମଓ ୬ଷ୍ଠ ହୋଇଥିଲେ। ଭାଲଟେରୀ ବୋଟାସ (ଆଲ୍‌ଫା ରୋମିଓ), ଏଷ୍ଟିବାନ ଓକନ (ଅଲ୍‌ପାଇନ୍), ଆଲେକ୍‌ଜାଣ୍ଡର ଆଲ୍‌ବନ୍ (ୱିଲିୟମ୍ସ) ଓ ଲାନ୍ସ ଷ୍ଟ୍ରୋଲ୍ (ଆଷ୍ଟନ ମାର୍ଟିନ) ରେସ୍‌ରେ ୭ମରୁ ୧୦ମ ସ୍ଥାନରେ ଯଥାକ୍ରମେ ରହିଥିଲେ।


ମାକ୍ସ ଭର୍ଷ୍ଟାପେନ୍




# ଆଇପିଏଲ୍‌ରୁ ବାଦ୍ ପଡ଼ିଲେ ସୂର୍ଯ୍ୟକୁମାର

**ମୁମ୍ବାଇ,୯।୫:** ମୁମ୍ବାଇ ଇଣ୍ଡିଆନ୍ସ ବ୍ୟାଟର ସୂର୍ଯ୍ୟକୁମାର ଯାଦବ ଆହତ ସମସ୍ୟା ଯୋଗୁ ଚଳିତ ଆଇପିଏଲ୍‌ରୁ ବାଦ୍ ପଡ଼ିଛନ୍ତି। ଗତ ୬ ତାରିଖରେ ଗୁଜରାଟ ଟାଇଟନ୍ସ ବିପକ୍ଷ ମ୍ୟାଚ୍‌ରେ ତାଙ୍କ ବାମହାତ ମାଂସପେଶୀରେ ଆଘାତ ଲାଗିଥିଲା। ତାଙ୍କ ବଦଳରେ ଫ୍ରାଞ୍ଚାଇଜ ପକ୍ଷରୁ କୌଣସି ଖେଳାଳିଙ୍କ ନାମ ଘୋଷଣା କରାଯାଇନାହିଁ। ମୁମ୍ବାଇ ଇଣ୍ଡିଆନ୍ସ ଚଳିତ ଆଇପିଏଲ୍‌ରେ ପଏଣ୍ଟ ଟେବୁଲରେ ସର୍ବନିମ୍ନରେ ରହିଛି। କିନ୍ତୁ ସୂର୍ଯ୍ୟକୁମାର ଦଳ ପାଇଁ ଭଲ ପ୍ରଦର୍ଶନ କରିଥିଲେ। ସେ ୮ ମ୍ୟାଚ୍‌ରେ ୪୩.୨୯ ହାରରେ ୩୦୩ ରନ୍ କରିଥିଲେ। ଏଥିରେ ୩ ଅର୍ଦ୍ଧଶତକ ସାମିଲ ଥିଲା।




# ଅଲ୍‌କାରାଜଙ୍କୁ ମାଡ୍ରିଡ୍ ଓପନ ଟାଇଟଲ

**ମାଡ୍ରିଡ୍, ୯।୫(ଏପି):** ସ୍ପେନ୍‌ର ଟେନିସ୍ ସେନ୍‌ସେଶନ କାର୍ଲୋସ ଅଲ୍‌କାରାଜ ଚଳିତ ମାଡ୍ରିଡ୍ ଓପନ ଟାଇଟଲ ହାସଲ କରିଛନ୍ତି। ଚଳିତ ବର୍ଷ ଏହା ତାଙ୍କର ୪ର୍ଥ ଟାଇଟଲ। ରବିବାର ଖେଳାଯାଇଥିବା ଫାଇନାଲରେ ସିଧାସଳଖ ୬-୩, ୬-୧ ସେଟ୍‌ରେ ଜର୍ମାନୀର ଆଲେକ୍‌ଜାଣ୍ଡର ଜାଭରେଭଙ୍କୁ ସେ ହରାଇ ଦେଇଥିଲେ। ଏହି ମାଷ୍ଟର୍ସ ୧୦୦୦ ଟାଇଟଲ ଜିତିବାରେ ସେ ବିଶ୍ୱର ସର୍ବକନିଷ୍ଠ ଖେଳାଳି ହେବାର ଗୌରବ ଅର୍ଜନ କରିଛନ୍ତି। ଏହାବାଦ୍ ଦୁଇଟି ମାଷ୍ଟର୍ସ ୧୦୦୦ ଟାଇଟଲ ହାସଲ କରିବାରେ ସେ ତାଙ୍କ ଆଦର୍ଶ ରାଫାଲ ନାଡାଲଙ୍କ ପରେ ଦ୍ୱିତୀୟ ସର୍ବକନିଷ୍ଠ। ୨୦୦୫ରେ ୧୮ ବର୍ଷୀୟ ନାଡାଲ ମଣ୍ଟେ କାର୍ଲୋ ଓ ରୋମ ଓପନ ଜିତିଥିଲେ।

# ବଧିର ଅଲିମ୍ପିକ୍ସ: ଦୀକ୍ଷା କ୍ୱାର୍ଟରଫାଇନାଲରେ

**କାକ୍ସିଆସ ଡୁ ସୁଲ (ବ୍ରାଜିଲ), ୯।୫ :** ଏଠାରେ ଚାଲିଥିବା ବଧିର ଅଲିମ୍ପିକ୍ସ ମହିଳା ଗଲ୍ଫ ପ୍ରତିଯୋଗିତାରେ ଦୀକ୍ଷା ଡାଗର କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ଭାରତର ଏହି ଖେଳାଳି ବଧିର ଅଲିମ୍ପିକ୍ସ ୨୦୧୭ରେ ଏକ ରୌପ୍ୟ ଜିତିଥିଲେ। ଗତବର୍ଷ ସେ ଟୋକିଓ ଅଲିମ୍ପିକ୍ସରେ ମଧ୍ୟ ଭାଗ ନେଇଥିଲେ। ୮ଜଣ ଶ୍ରେଷ୍ଠ ଖେଳାଳିଙ୍କୁ ନେଇ ହେବାକୁ ଥିବା କ୍ୱାର୍ଟରଫାଇନାଲରେ ସେ ଜର୍ମାନୀର ଆଲେମି ପାଲୋମା ଗୋଞ୍ଜାଲେଜ ବୋଡ୍‌ବିକାନିନ୍‌ଙ୍କୁ ଭେଟିବେ।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ଶତପଥୀ